READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ଓଡ଼ିଶାରେ ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍ ଭି ରମଣା


ବର୍ଷ-୫ | ସଂଖ୍ୟା-୩୭ | ୨୭ ସେପ୍ଟେମ୍ବର - ୦୩ ଅକ୍ଟୋବର, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-37 | 27th SEPTEMBER - 03rd OCTOBER, 2021 | BHUBANESWAR | ₹ 5/- (8 Pages)


### ଶୁଣାଣି ଟାଳିବା ପାଇଁ ଅନୁରୋଧ ଗ୍ରହଣ ନ କରିବାକୁ କହିଲେ ସୁପ୍ରିମ୍‌କୋର୍ଟ

## ଚଳିବନି ତାରିଖ୍ ପର୍ ତାରିଖ୍



**ନୂଆଦିଲ୍ଲୀ :** ବଲିଉଡ ଫିଲ୍ମ ଦାମିନୀରେ 'ତାରିଖ୍ ପର୍ ତାରିଖ' ଡାଏଲଗ୍‌ର ପ୍ରାସଙ୍ଗିକତା ଏବେ ବି କିଛି କମ୍ ନାହିଁ। ଗୁରୁବାର ସୁପ୍ରିମ୍ କୋର୍ଟ ତଳ କୋର୍ଟମାନଙ୍କରେ ଶୁଣାଣି ଟାଳିବା ପ୍ରସଙ୍ଗରେ ଦେଇଥିବା ଏକ ନିର୍ଦ୍ଦେଶ ଏହି ଡାଏଲଗକୁ ପୁଣିଥରେ ତାଜା କରିଦେଇଛି। ଶୁଣାଣି ଟାଳିବା ପାଇଁ ବିଭିନ୍ନ ବାହାନା ନ୍ୟାୟ ବ୍ୟବସ୍ଥାକୁ ଦିଗହରା କରିଦେଉଥିବା ଏବଂ ଏଭଳି କାର୍ଯ୍ୟ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନରେ ବଡ଼ ପ୍ରତିବନ୍ଧକ ସାଜିଥିବା

➤ ପୃ-୬

### ହ୍ୱାଇଟ୍ ହାଉସ୍‌ରେ ମୋଦି-ବାଇଡେନ୍ ଆଲୋଚନା

## ଦ୍ୱିପାକ୍ଷିକ ସହଯୋଗ ବଢ଼ିବ

**ୱାସିଂଟନ :** 'ଆମେରିକା ଏବଂ ଭାରତ ମଧ୍ୟରେ ନୂଆ ଅଧ୍ୟାୟ ଆରମ୍ଭ ହେଲା' । ଏଭଳି କିଛି ଢଙ୍ଗରେ ଭାରତ ପ୍ରତି ଥିବା ସମ୍ପର୍କର ଗଭୀରତାକୁ ବଖାଣିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୩ ଦିନିଆ ଆମେରିକା ଗସ୍ତ ଅବସରରେ ହ୍ୱାଇଟ୍ ହାଉସରେ ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ଭେଟିଛନ୍ତି ମୋଦି। ଉଭୟ ନେତାଙ୍କ ମଧ୍ୟରେ ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କ କିଭଳି ଭାବେ ଆହୁରି ମଜବୁତ ହୋଇପାରିବ ସେ ନେଇ ଆଲୋଚନା ହୋଇଛି। ବାଇଡେନ ରାଷ୍ଟ୍ରପତି ହେବାପରେ ମୋଦିଙ୍କ ସହିତ ଏହା ପ୍ରଥମ ସାକ୍ଷାତକାର। ହ୍ୱାଇଟ୍ ହାଉସର ପ୍ରୋଟୋକଲ ମୁଖ୍ୟ ୱେଷ୍ଟ ୱିଙ୍ଗ ଡୋର୍ ନିକଟରେ ମୋଦୀଙ୍କୁ ସ୍ୱାଗତ କରିଥିଲେ। ଏହାପରେ ମୋଦି ଓଭାଲ କାର୍ଯ୍ୟାଳୟକୁ ପ୍ରବେଶ କରିବା ସମୟରେ



ବାଇଡେନ ମୋଦୀଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଦୁଇ ନେତା ସେଠାରେ ବସି ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଦ୍ୱିପାକ୍ଷିକ ଆଲୋଚନା କାଳରେ ବାଇଡେନ କହିଛନ୍ତି, ବିଶ୍ୱର ଦୁଇ ବୃହତ୍ତମ ଗଣତନ୍ତ୍ର ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ସଂପର୍କ ଆହୁରି ସୁଦୃଢ଼ ଏବଂ ନିକଟତର ହେବ। ଏହାର ଲାଭ ସମଗ୍ର ବିଶ୍ୱକୁ ମିଳିବ। ମିଳିତଭାବେ ଆମେ କୋଭିଡ-୧୯ ଭଳି କେତେକ ଆହ୍ୱାନର ମୁକାବିଲା କରୁଛୁ ବୋଲି ବାଇଡେନ କହିଛନ୍ତି। ଆସନ୍ତାମାସରେ ଆମେ ମହାତ୍ମା ଗାନ୍ଧୀଙ୍କ

➤ ପୃ-୬

### ପାକିସ୍ତାନକୁ କମଳାଙ୍କ କଡା ବାର୍ତ୍ତା

**ୱାସିଂଟନ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ମଧ୍ୟରେ ଗୁରୁବାର ହ୍ୱାଇଟ୍ ହାଉସରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଏହି ଅବସରରେ ହାରିସ୍ ପାକିସ୍ତାନକୁ କଡା ବାର୍ତ୍ତା ଦେଇଛନ୍ତି। ପାକିସ୍ତାନରେ ଆତଙ୍କବାଦୀ ଗୋଷ୍ଠୀ ଅଧିକ ସକ୍ରିୟ ହେଉଛନ୍ତି ଏବଂ ସେଠାରେ ଆତଙ୍କବାଦକୁ ପ୍ରୋତ୍ସାହନ ମିଳୁଥିବାରୁ ସମସ୍ୟା ଜଟିଳ ହେଉଛି ବୋଲି ହାରିସ୍ କହିବା ସହିତ ପାକିସ୍ତାନ ଏହାକୁ ଗମ୍ଭୀରତାର ସହ ନେବା ଉଚିତ୍ ବୋଲି ଚେତାଇ ଦେଇଛନ୍ତି।

### ହାତୀ ଉଦ୍ଧାର ବେଳେ ଓଲଟିଲା ଓଡ୍ରାଫ୍ ଟିମ୍ ବୋଟ୍

## ଖବର ପାଇଁ ଖବର ହୋଇଗଲେ ଅରିନ୍ଦମ

**ଭୁବନେଶ୍ୱର :** ସାମ୍ବାଦିକ! ଜଣେ ସମ୍ବାଦଦାତା ଜୀବନକୁ ବାଜିଲଗାଇ ଯେକୌଣସି ପରିସ୍ଥିତିରେ ମଧ୍ୟ ଆଗକୁ ଆସି ଖବର ସଂଗ୍ରହ କରିଥାନ୍ତି। ପ୍ରାକୃତିକ ଦୁର୍ବିପାକ ହେଉ କିମ୍ବା ରାଜନୈତିକ କାର୍ଯ୍ୟକ୍ରମ ସାମ୍ବାଦିକମାନେ ଖବର ସଂଗ୍ରହ ପାଇଁ ସର୍ବଦା ତତ୍ପର ରହିଥାନ୍ତି। କିନ୍ତୁ ଜଣେ ସାମ୍ବାଦିକ ଯେତେବେଳେ ସମ୍ବାଦ ପାଲଟିଯାଏ ସେତେବେଳେ ସାମ୍ବାଦିକ ଜଗତ ସ୍ତବ୍ଧ ହୋଇଯାଏ। ଘଟଣା ହେଉ କିମ୍ବା ଦୁର୍ଘଟଣା ସବୁବେଳେ ଖବର ସଂଗ୍ରହ କରୁଥିବା ସାମ୍ବାଦିକଟିଏ ଖରା, ବର୍ଷାକୁ ଖାତିର ନକରି ଖବର ଉପରେ ହିଁ ନଜର ରଖିଥାଏ। ଅନେକ ବିପଦପୂର୍ଣ୍ଣ ସ୍ଥାନ ଏପରିକି ଯୁଦ୍ଧକ୍ଷେତ୍ରରେ ମଧ୍ୟ ସାମ୍ବାଦିକମାନଙ୍କୁ ଦେଖିବାକୁ ମିଳିଥାଏ। ସାହସିକତା ଠିକ୍ କିନ୍ତୁ ଦୁଃସାହସିକତା ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ। ଅରିନ୍ଦମ ଦାସ। ଓଡ଼ିଶା ଗଣମାଧ୍ୟମ ଜଗତର ଜଣେ ଜଣାଶୁଣା ସାମ୍ବାଦିକ। ବିଶେଷ କରି ପ୍ରାକୃତିକ ଦୁର୍ବିପାକ ସମୟରେ



ଖବର ସଂଗ୍ରହ ପାଇଁ ସବୁବେଳେ ବ୍ୟଗ୍ର ରହିଥାନ୍ତି ସେ। ଖବର ବିଷୟରେ ଜାଣିବା ଏବଂ ଖବର ପଛରେ ରହିଥିବା ଖବରକୁ ଲୋକଲୋଚନକୁ ଆଣିବାରେ ସବୁବେଳେ ତତ୍ପରତା ଦେଖାଉଥିଲେ ଅରିନ୍ଦମ। କିନ୍ତୁ ସେ ନିଜେ ଖବର ପାଲଟିଯାଇଛନ୍ତି।

➤ ପୃ-୬

## ଓଡ଼ିଶାରେ ଜୁନିଅର ହକି ବିଶ୍ୱକପ୍

**ଭୁବନେଶ୍ୱର :** ଓଡ଼ିଶା ହକିପ୍ରେମୀଙ୍କ ପାଇଁ ଖୁସି ଖବର। ହକିର ହବ ଭାବେ ପରିଚିତ ଓଡ଼ିଶା ଚଳିତ ବର୍ଷ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଚଳିତ ବର୍ଷ ନଭେମ୍ବର ୨୪ରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଜୁନିୟର ପୁରୁଷ ହକି ବିଶ୍ୱକପ୍ ଟ୍ରଫି ଓ ଲୋଗୋ ଉନ୍ମୋଚିତ କରିଛନ୍ତି। ଏହି ଆନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ୧୬ ଟି ଦେଶ - ଭାରତ, କୋରିଆ, ମାଲେସିଆ, ପାକିସ୍ଥାନ, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ବେଲଜିୟମ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ନେଦରଲ୍ୟାଣ୍ଡ, ସ୍ପେନ୍, ଆମେରିକା, କାନାଡା, ଚିଲି ଏବଂ ଆର୍ଜେଣ୍ଟିନା ଅଂଶଗ୍ରହଣ କରିବେ। ଏହା ପୂର୍ବରୁ ଓଡ଼ିଶାରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବା ନେଇ ସୂଚନା ମିଳିଥିଲା। ଜୁନିୟର ପୁରୁଷ ହକି ବିଶ୍ୱକପ ଆୟୋଜନ ପାଇଁ ପ୍ରଥମେ ଗୌହାଟୀ ଦୌଡ଼ରେ ଥିଲା। ଏହା ପରେ ଓଡ଼ିଶା ଓ ଲକ୍ଷ୍ନୌ ସାମିଲ୍ ହୋଇଥିଲା। ଏବେ ଓଡ଼ିଶାକୁ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ ପାଇଁ ଦାୟିତ୍ୱ ପାଇଛି। ଏହା ପୂର୍ବରୁ ମଧ୍ୟ ଓଡ଼ିଶାରେ ସିନିୟର ପୁରୁଷ ହକି ବିଶ୍ୱକପର ସଫଳ ଆୟୋଜନ କଳିଙ୍ଗ ଷ୍ଟାଡିୟମରେ ହୋଇସାରିଛି। ୨୦୧୮ରେ






ଆୟୋଜିତ ସିନିୟର ପୁରୁଷ ହକି ବିଶ୍ୱକପରେ ବେଲଜିୟମ ଚାମ୍ପିୟନ୍ ହୋଇଥିଲା। ବିଶ୍ୱକପ୍ ଆୟୋଜନ ପାଇଁ ତିନୋଟି ସହର ଧାର୍ଯ୍ୟ ହୋଇଥିଲା। ସେଥିରେ ଓଡ଼ିଶା ସବୁଠାରୁ ଆଗରେ ରହିଥିଲା। ଓଡ଼ିଶାରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବା ନେଇ ଅନ୍ତର୍ଜାତୀୟ ହକି

➤ ପୃ-୬

### ୬ ବର୍ଷରେ ଚାଲିଗଲାଣି ୬ ମୁଣ୍ଡ

## ତଥାପି ଚେତୁନି ବିଏମ୍‌ସି

**ଭୁବନେଶ୍ୱର :** ରବିବାର ବରମୁଣ୍ଡାରେ ଘଟିଥିବା ଅଘଟଣ ଆଜି ସାରା ରାଜ୍ୟରେ ଚର୍ଚ୍ଚାରେ ବିଷୟ। ମୁକୁଳା ଡ୍ରେନ୍ ପାଇଁ ଚାଲିଗଲା ନିରୀହ ଛାତ୍ର ରାଜାର ଜୀବନ। ସ୍ମାର୍ଟ ସିଟିର ଆଖ୍ୟା ପାଇଥିବା ରାଜଧାନୀର ଏଭଳି ମୁକୁଳା ଡ୍ରେନରେ ଭାସି ଏହି ଛାତ୍ରର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସ୍ଥାନୀୟ ଲୋକେ। ଯେଉଁ ବାପା-ମା' ତା'ର ପିଲାଟିକୁ ବଢ଼ାଇ ବଡ଼ କରିଥିଲେ, ଆଜି ସେମାନଙ୍କ କୋଳ ଖାଲି ହୋଇଯାଇଛି। କେବଳ ରାଜା ନୁହେଁ, ଗଲା ୬ ବର୍ଷ ଭିତରେ ମୁକୁଳା ଡ୍ରେନରେ ଗଲାଣି ୬ ଜୀବନ। ତେବେ ଏସବୁ ନିରୀହଙ୍କ ମୃତ୍ୟୁ ପରେ ବି ଚେତୁନାହିଁ ବିଏମସି। ନିରୀହ ଛାତ୍ର ରାଜାକୁ ଭସାଇ ନେଇଥିବା ଶତାବ୍ଦୀନଗର ଲେନ୍-୭ର ମୁକୁଳା ଡ୍ରେନ୍ ବିଏମସିର ପାରିବା ପଣିଆକୁ



ନେଇ ସାଂଘାତିକ ସତ ବଖାଣୁଛି। ଏଠି ସ୍ଥାୟୀ ଡ୍ରେନ୍ ନିର୍ମାଣ ପାଇଁ ବିଏମ୍‌ସି କମିଶନରଙ୍କୁ ବହୁ ବାର ଗୁହାରି କରାଯାଇଥିଲା। କିନ୍ତୁ ବିଏମସି ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଅଞ୍ଚଳବାସୀ ନିଜ ଖର୍ଚ୍ଚରେ ଦୁଇଟି ହ୍ୟୁମ୍ ପାଇପ୍ ବସାଇ ଡ୍ରେନ ପାଣି ନିଷ୍କାସନ ବ୍ୟବସ୍ଥା କରିଛନ୍ତି। ଅଞ୍ଚଳବାସୀ କହିଛନ୍ତି, ଯଦି ବିଏମସି ଆମ କଥା ଶୁଣିଥାନ୍ତା, ହୁଏତ ରବିବାର ଏତେ ବଡ଼ ଅଘଟଣ ଘଟିନଥାନ୍ତା। କେବଳ ଶତାବ୍ଦୀ ନଗରର ମଣିଷଖିଆ ଡ୍ରେନ୍ ନୁହେଁ। ରାଜଧାନୀରେ ଅନେକ ମାଳ ମାଳ ମୁକୁଳା ଡ୍ରେନ୍ ରହିଛି। ସହରରେ ୧୦ଟି ମୁଖ୍ୟ ଡ୍ରେନ୍ ସମେତ ବିଭିନ୍ନ ୱାର୍ଡରେ ବି ରହିଛି ଛୋଟ ବଡ଼ ଡ୍ରେନ୍। ହେଲେ ସେଥିମଧ୍ୟରୁ ଅଧିକାଂଶ ଏବେବି ମୁକୁଳା ଅବସ୍ଥାରେ ପଡ଼ି ରହିଛି। ରାଜଧାନୀର ଅନ୍ୟତମ ପ୍ରବେଶ ପଥ ପଳାଶୁଣୀ ମୁଖ୍ୟ ରାସ୍ତା କଡ଼ ଡ୍ରେନରେ ସ୍ଲାବ୍ ନାହିଁ କି ଗାର୍ଡ ୱାଲ୍ ବି ନାହିଁ। ଡ୍ରେନ୍ ସଫା ପରେ ଯେଉଁ ମାଟି ବାହାରିଛି, ତାହା ସାଜିଛି ଅସ୍ଥାୟୀ ସୁରକ୍ଷା ବାଡ଼। ସେମିତି ପଳାଶୁଣି-ଚକେଇସିଆଣି କେନାଲ ବନ୍ଧ ରାସ୍ତାରେ ଥିବା ଡ୍ରେନ୍ ଯେ

➤ ପୃ-୬

### ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରେ ଜାଲିଆତି

## ସ୍ୱାବଲମ୍ବୀ ପରିବର୍ତ୍ତେ ଘରେ ଘରେ କଳି

**ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଆଗରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନଥିବା ବେଳେ ଘରେ ଘରେ ଶାନ୍ତିର ବାତାବରଣ ଦେଖିବାକୁ ମିଳୁଥିଲା ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଦଳକୁ ମଜବୁତ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ଗଠନ କରି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଯେଉଁ ଯୋଜନା କରିଛନ୍ତି ସେଥିରେ ପ୍ରତି ଘରେ ଘରେ ବିଭିନ୍ନ ସମୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ସହିତ ହାତାହାତି



ବି ହେଉଛନ୍ତି। ଫଳରେ ମହିଳାମାନେ ଆଉ ଶ୍ୱଶୁର,ଶାଶୁ ବା ମୁରବୀ ମାନଙ୍କ କଥା ଶୁଣିବାକୁ ରାଜି ବି ନାହାଁନ୍ତି। ରାତିପାହିଲେ ନିତ୍ୟକର୍ମ ସାରି ଭ୍ୟାନିଟି ଖଣ୍ଡେ କାନ୍ଧରେ ଝୁଲାଇ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବ୍ଲକ କାର୍ଯ୍ୟାଳୟ ଓ ବ୍ୟାଙ୍କ କାର୍ଯ୍ୟାଳୟ ମାନଙ୍କରେ ଧାଡି ଲଗାଇ ଏକପ୍ରକାର ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି।ଏପରିକି ମିଶନ ଶକ୍ତି ନିୟମନୁଯାୟୀ ଗୋଟିଏ ପରିବାରର ଜଣେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରେ ସାମିଲ ହୋଇପାରିବେ କିନ୍ତୁ ଗୋଟିଏ ପରିବାରର ଅନ୍ୟ ମହିଳାମାନେ ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ସେଥିରେ ସାମିଲ ହୋଇ

➤ ପୃ-୬







### ବକ୍ରବାଣୀ



ଗାଁରେ କରିଚି ମୁଁ ଖୁଦୁରୁଖୁଣି
ବାଜିବନି ଡିଜେ ସେଥିରେ ପୁଣି
ଝାମେଲା କରୁଚୁ ଚିହ୍ନିନୁ ମୋତେ
ଜାଣିନୁ ତୁ ମୋର ପାୱାର କେତେ
ଗୋଟେ ଫୋନରେ ଚାକିରୀ ନେବି
ଟୋପି ଖୋଲିଦେଇ ବସେଇ ଦେବି
ବେଶୀ ଗପିବୁ ତ ଜିୟଲ ଯିବୁ
ରାଉତ ପାଖରେ ଯାଇ ଶୋଇବୁ
ଆଇନ୍ କାନୁନ୍ ନ ମାନେ ଯିଏ
ତାକୁ ବା ଆକଟ କରିବ କିଏ ?

——— ଟୁଟୁ

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ୰ ବିନୋଦିନୀ ମହାପାତ୍ର

ଆବିର୍ଭାବ : ୧୯୪୪ / ତିରୋଧାନ : ୨୨.୦୯.୨୦୨୧

ସ୍ୱାମୀ : ୰ ଇଂ. ନିର୍ମଳ ଚନ୍ଦ୍ର ମହାପାତ୍ର

ଦଶାହ- ୧.୧୦.୨୦୨୧, ଏକାଦଶାହ : ୨.୧୦.୨୦୨୧, ଦ୍ୱାଦଶାହ : ୩.୧୦.୨୦୨୧

– ଏକମାତ୍ର ପରିବାର

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ନିଜର ପ୍ରତିଭା ଅନ୍ୟଠାରୁ କମ ଭାବି ମନଉଣା କରନ୍ତୁନାହିଁ। ପାରିବାରର ସମର୍ଥନ ମିଳିବ ନାହିଁ। କାର୍ଯ୍ୟକ୍ଷେତ୍ର କିଛି ଗୁରୁଦାୟିତ୍ୱ ମିଳିପାରେ। ଛାତ୍ରମାନେ ପରିବାରରେ ଅସନ୍ତୋଷ ଯୋଗୁ ପାଠରେ ମନନିବେଶ କରିପାରିବେ ନାହିଁ।

**ବୃଷ** — ସ୍ୱାସ୍ଥ୍ୟରେ ଉନ୍ନତି ହେବ। କମିଶନ ଓ ଲାଭାଂଶରେ ବୃଦ୍ଧିର ସମ୍ଭାବନା ଅଛି। ଘରର ଛୋଟ ସଦସ୍ୟଙ୍କ ସହ ବିବାଦ ଉପୁଜିପାରେ। ଛାତ୍ରମାନଙ୍କ ସପ୍ତାହର ଶେଷଭାଗ ସଫଳତା ମିଳିବ। ପ୍ରେମୀ ଯୁଗଳ ବିବାହ ବନ୍ଧନରେ ବାନ୍ଧି ହୋଇପାରନ୍ତି।

**ମିଥୁନ** — ଆପଣଙ୍କ ବ୍ୟବହାରରେ ଅନ୍ୟମାନେ ଦୁଃଖିତ ହେବେ। ସ୍ୱର୍ଣ୍ଣ ଅଳଙ୍କାର ବା ଗୃହ କାର୍ଯ୍ୟରେ ଅର୍ଥ ବିନିଯୋଗ କରିପାରନ୍ତି। ଅତିଥିଙ୍କ ଆଗମନରେ ଘରର ପରିବେଶ ଶାନ୍ତ ରହିବ। ସ୍ୱାଦିଷ୍ଟ ଖାଦ୍ୟ ମିଳିବ ଓ ବନ୍ଧୁଙ୍କ ସହ ସମୟ କଟିବ।

**କର୍କଟ** — ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନିଜର ସାମର୍ଥ୍ୟକୁ ନିଜ ହାତରେ ଲଗାନ୍ତୁ। ଦୂର ଯାତ୍ରା ଯୋଗ ଅଛି ଓ ସେଥିରୁ ଆର୍ଥିକ ଲାଭ ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଚାର କରି ନିର୍ଣ୍ଣୟ ନିଅନ୍ତୁ।

**ସିଂହ** — ମୁଣ୍ଡ ଓ ଗଳା ସମସ୍ୟା ଦୂର ହେବ। ଆମଦାନୀ ଓ ଖର୍ଚ୍ଚ ଉଭୟ ବୃଦ୍ଧି କେବଳ ଘରର ଖାଦ୍ୟ ଖାଆନ୍ତୁ ନଚେତ ସମସ୍ୟାରେ ପଡିପାରନ୍ତି। କୌଣସି କାର୍ଯ୍ୟକ୍ରମ ଆୟୋଜନ କରିପାରନ୍ତି।

**କନ୍ୟା** — ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଭ୍ରମଣ ଓ ଖାଦ୍ୟ ପ୍ରତି ଧାନ ଦିଅନ୍ତୁ। ଖର୍ଚ୍ଚରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ନିଜର ମତ ଉପସ୍ଥାପନ କରିବାରେ ସକ୍ଷମ ହେବେ। ଛାତ୍ରମାନଙ୍କୁ ଅନୁକୂଳ ଫଳ ମିଳିବ।

**ତୁଳା** — ସୁଷମ ଖାଦ୍ୟ ଖାଆନ୍ତୁ। ବ୍ୟବସାୟରେ ଲାଭବାନ ହେବେ ଓ କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହେବ। ପରିବାରରେ ଖଉସିର ବାତାବରଣ ରହିବ। ଛାତ୍ରମାନେ କୃତ କାର୍ଯ୍ୟ ହେବେ। ବୈବାହିକ ଜୀବନରେ ନୂତନ ଅତିଥିଙ୍କ ଆଗମନ ହେବ।

**ବିଛା** — ସ୍ୱାସ୍ଥ୍ୟରେ ସାମାନ୍ୟ କଷ୍ଟ ଦେଖା ଦେଇପାରେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ବ୍ୟବସାୟରେ ଲାଭ ଅଛି। କର୍ମକ୍ଷେତ୍ରରେ ଶତ୍ରୁମାନେ ପରାଜିତ ହେବେ। ଛାତ୍ରମାନଙ୍କ ନୂଆ ନିଯୁକ୍ତି ମିଳିପାରେ।

**ଧନୁ** — ଦୁର୍ଘଟଣା ଯୋଗ ଅଛି। କରଜ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସହକର୍ମୀ ପ୍ରତିବନ୍ଧକ କରିପାରନ୍ତି। ଛାତ୍ରମାନଙ୍କ ମନ ଚଞ୍ଚଳ ରହିବ। ପୁରା ସପ୍ତାହ ସତର୍କ ରୁହନ୍ତୁ। ପରିବାରରେ ଶାନ୍ତି ବଜାୟ ରହିବ।

**ମକର** — ଜିଦ୍‌ଖୋର ମନବୃତ୍ତି ପାଇଁ ମନ ଅସ୍ଥିର ରହିବ। ବ୍ୟବସାୟରେ ମଧ୍ୟମ ଧରଣର ଲାଭ ହେବେ। ଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ। ଦମ୍ପତିମାନେ ଜଣେ ଅନ୍ୟକୁ ସମ୍ମାନ ଦିଅନ୍ତୁ।

**କୁମ୍ଭ** — ଗଳାଜନିତ ରୋଗ ହୋଇପାରେ। ଆୟବ୍ୟୟ ସମାନ ହୋଇପାରେ। ଛୋଟ ମାନଙ୍କ ସହ ଅଧିକ ସମୟ କଟାଇବେ। ଛାତ୍ରମାନେ ସବୁ କ୍ଷେତ୍ରରେ ସଫଳତା ପାଇବେ। ଗୃହରେ ଶାନ୍ତି ବିରାଜମାନ ହେବ। ବିଦେଶ ଭ୍ରମଣର ସୁଯୋଗ ରହିଛି।

**ମୀନ** — ମାନସିକ ଶାନ୍ତି ପାଇବେ। ଅଜଣା ଦିଗରୁ ଅର୍ଥ ପ୍ରାପ୍ତି ଯୋଗ ଅଛି। କର୍ମକ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ। ଛାତ୍ରମାନେ ସଫଳତାରେ ଆନନ୍ଦିତ ରହିବେ। ପ୍ରେମୀମାନେ ଅଧିକ ସମୟ ମୋବାଇଲରେ କଟାନ୍ତୁ ନାହିଁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ପେଗାସସ୍ ଗୁଇନ୍ଦାଗିରି ଘଟଣା

# ତଦନ୍ତ ପାଇଁ ଗଠନ ହେବ ଏକ୍ସପର୍ଟ କମିଟି

**ନୂଆଦିଲ୍ଲୀ :** ପେଗାସସ୍ ଗୁଇନ୍ଦାଗିରି ଘଟଣାରେ କେନ୍ଦ୍ର ସରକାରଙ୍କୁ ଶକ୍ତ ଝଟକା ଲାଗିଛି। ଦେଶର ବିଶିଷ୍ଟ ବ୍ୟକ୍ତିଙ୍କ ଉପରେ ପେଗାସସ୍ ସ୍ପାଇୱେୟାର ଦ୍ୱାରା ଗୁଇନ୍ଦାଗିରି କରାଯାଉଥିବା ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଏହାର ତଦନ୍ତ ପାଇଁ ଗୋଟିଏ ବିଶେଷଜ୍ଞ କମିଟି ଗଠନ କରାଯିବ ବୋଲି ଆଜି ପ୍ରଧାନ ବିଚାରପତି ଜଷ୍ଟିସ ଏନଭି ରମନ୍ନା କହିଛନ୍ତି। ଏହି ଘଟଣାରେ ବିସ୍ତୃତ ନିର୍ଦ୍ଦେଶନାମା ଆସନ୍ତା ସପ୍ତାହରେ ପ୍ରକାଶ ପାଇବ। ଓପନ କୋର୍ଟରେ ସିଜେଆଇ ଜଷ୍ଟିସ ରମନ୍ନା ବରିଷ୍ଠ ଆଇନଜୀବୀ ସିୟୁ ସିଂହଙ୍କୁ କହିଛନ୍ତି ସୁପ୍ରିମକୋର୍ଟ ପେଗାସସ୍ ଗୁଇନ୍ଦାଗିରି ଘଟଣାର ତଦନ୍ତ ପାଇଁ ବିଶେଷଜ୍ଞ କମିଟି ଗଠନ କରିବାକୁ ଚାହୁଁଛନ୍ତି। ଚଳିତ ସପ୍ତାହରେ ଏ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିବାକୁ ଲକ୍ଷ୍ୟ ରଖିଥିଲେ। ବିଶେଷଜ୍ଞ କମିଟିରେ ସାମିଲ ହୋଇ ତଦନ୍ତ କରିବାକୁ ଥିବା ଲୋକଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ସଦସ୍ୟ ଚଳିତ ସପ୍ତାହରେ ତଦନ୍ତରେ ସାମିଲ ହୋଇପାରିବେ ନାହିଁ। ଆମେ ସେମାନଙ୍କୁ ଯୋଗାଯୋଗ କରିଥିଲୁ। ହେଲେ ବ୍ୟକ୍ତିଗତ କାରଣରୁ ସେମାନେ ଅନୁପସ୍ଥିତ ରହିବେ ବୋଲି କହିଛନ୍ତି। ତେଣୁ ଆସନ୍ତା ସପ୍ତାହରେ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ସିଜେଆଇ ଶୁଣାଣି ବେଳେ କହିଛନ୍ତି। ଜଷ୍ଟିସ ରମନ୍ନା କହିଛନ୍ତି, "ଆମେ ଆସନ୍ତା ସପ୍ତାହ ସୁଦ୍ଧା ତଦନ୍ତ ପାଇଁ ଗଠନ ହେବାକୁ ଥିବା ବୈଷୟିକ ବିଶେଷଜ୍ଞ କମିଟି ସଦସ୍ୟଙ୍କ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବୁ। ଏହାପରେ ବିସ୍ତୃତ ରାୟ ପ୍ରକାଶ ପାଇବ।" ଏହାପୂର୍ବରୁ କେନ୍ଦ୍ର ସରକାର ପେଗାସସ୍ ବିବାଦ ତଦନ୍ତ ପାଇଁ ନିରପେକ୍ଷ ବିଶେଷଜ୍ଞ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ପୂରା ଘଟଣା ସମ୍ପର୍କରେ ସତ୍ୟପାଠ ଜରିଆରେ ତଥ୍ୟ ଦେବାକୁ କେନ୍ଦ୍ର ସରକାର ମନା କରିଥିଲେ। ଜାତୀୟ ସୁରକ୍ଷା ଆଳରେ ପେଗାସସ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ସୁପ୍ରିମକୋର୍ଟ କେବଳ ପେଗାସସ୍ ଦ୍ୱାରା ଭାରତର ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ଗୁଇନ୍ଦାଗିରି ହୋଇଛି କି ନାହିଁ, ସେକଥା ଜାଣିବାକୁ ଚାହିଁଛନ୍ତି। ଏଥିପାଇଁ ସୁପ୍ରିମକୋର୍ଟ ବିଶେଷଜ୍ଞ କମିଟି ଗଠନ କରିବେ ବୋଲି ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ଇସ୍ରାଏଲର ଏନଏସ୍‌ଓ ପ୍ରସ୍ତୁତ କରିଥିବା ପେଗାସସ୍ ସ୍ପାଇୱେୟାର ଉପରେ ବିଶ୍ୱର ୧୭ଟି ମିଡିଆ ହାଉସ ଅନୁସନ୍ଧାନ କରୁଥିଲେ। ଏହି ୧୭ ମିଡିଆ ହାଉସ ମଧ୍ୟରେ ଭାରତର ଦି ୱେୟାର ମଧ୍ୟ ରହିଥିଲା। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ପେଗାସସର




ହ୍ୟାକିଂ ଟାର୍ଗେଟରେ ଭାରତର ୩୦୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତିଙ୍କ ନାଁ ରହିଛି। ଏମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା, ସାମ୍ବାଦିକ, ଶିଳ୍ପପତି, ପୂର୍ବତନ ବିଚାରପତି ଓ କେନ୍ଦ୍ରମନ୍ତ୍ରୀମାନଙ୍କ ଫୋନ ନଂ ରହିଛି। ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଏହି ରିପୋର୍ଟ ସାର୍ବଜନୀନ ହୋଇଥିଲା। ଫଳରେ ଗୃହରେ ପେଗାସସ୍ ଝଡ଼ ଦେଖିବାକୁ ମିଳିଥିଲା। ବିରୋଧୀ ଘଟଣାର ତଦନ୍ତ ଦାବି କରିବା ସହ ସଂସଦରେ ପୂରା ଘଟଣା ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ହେଲେ ସରକାର ଏହାକୁ ଏକ ଗୁରୁତ୍ୱହୀନ ପ୍ରସଙ୍ଗ କହି ଆଲୋଚନାକୁ ଏଡ଼ାଇ ଚାଲିଥିଲେ। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଦାବି କରି ବରିଷ୍ଠ ସାମ୍ବାଦିକ ଏନ ରାମ, ଶଶି କୁମାର, ସିପିଏମ ସାଂସଦ ଜନ ବ୍ରିଟାସ ଓ ଆଇନଜୀବୀ ଏମଏଲ ଶର୍ମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ସରକାର ପେଗାସସର ଲାଇସେନ୍ସ ରଖିଛନ୍ତି କି ନାହିଁ, ତା'ର ତଥ୍ୟ ସାର୍ବଜନୀନ କରନ୍ତୁ ବୋଲି ଦାବି କରିଥିଲେ। ପେଗାସସ୍ର ଟାର୍ଗେଟ ଲିଷ୍ଟରେ ଥିବା ୪ ଜଣ ସାମ୍ବାଦିକ ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏହାର ବ୍ୟବହାରକୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା କରିବାକୁ ନିବେଦନ କରିଥିଲେ। ଏସବୁ ଆବେଦନର ଶୁଣାଣି ଗୁରୁବାର ସୁପ୍ରିମକୋର୍ଟ କରିଛନ୍ତି।

# ଭାରତକୁ ହେରୋଇନ୍ ଚାଲାଣ ପଛରେ ତାଲିବାନ !

**ଅହମ୍ମଦାବାଦ:** ଗୁଜରାଟର ମୁନ୍ଦ୍ରା ପୋର୍ଟରୁ ଜବତ ହୋଇଛି ବ୍ୟାପକ ପରିମାଣର ହେରୋଇନ୍। ସ୍ଥାନୀୟ ପ୍ରଶାସନ ଓ କେନ୍ଦ୍ରୀୟ ସଂସ୍ଥାର ମିଳିତ ଉଦ୍ୟମରେ ୩୦୦୦ କିଲୋଗ୍ରାମର ଏହି ନିଶା ଦ୍ରବ୍ୟ ଜବତ କରାଯାଇଛି। ଏହି



ବେଆଇନ ନିଶାଦ୍ରବ୍ୟର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୨୧,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏହି ନିଶାଦ୍ରବ୍ୟ ଆଫଗାନିସ୍ଥାନରୁ ସମୁଦ୍ର ପଥ ଦେଇ ଚାଲାଣ ହେଉଥିବା ବେଳେ ଜବତ କରାଯାଇଛି। ତାଲିବାନ ଶାସନ କ୍ଷମତାକୁ ଆସିବା ପରେ ନିଶା ଦ୍ରବ୍ୟ ଉତ୍ପାଦନ ଉପରେ ରୋକ ଲାଗିବ ବୋଲି ଘୋଷଣା କରିଥିଲା। ଏପରିକି ଆଫଗାନିସ୍ଥାନ ଦେଇ କୌଣସି ପ୍ରକାର ନିଶା କାରବାର ହେବ ନାହିଁ ବୋଲି ଘୋଷଣା କରାଯାଇଥିଲା। ଆଫଗାନିସ୍ତାନକୁ ନିୟନ୍ତ୍ରଣ କରିବା ପରେ ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଗତ ଅଗଷ୍ଟ ୧୮ରେ ଏନେଇ ଘୋଷଣା କରିଥିଲେ। କାବୁଲର ଗଣମାଧ୍ୟମକୁ କହିଥିଲେ ଯେ, ଦେଶରେ ନିଶା କାରବାର ବନ୍ଦ କରିବାକୁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ଆମେ ଆମ ଲୋକ ଏବଂ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ କହିବାକୁ ଚାହୁଁଛୁ ଯେ, ଆମେ କୌଣସି ନିଶା ଦ୍ରବ୍ୟ ଉତ୍ପାଦନକୁ ଅନୁମତି ଦେବୁ ନାହିଁ। ଆଫଗାନିସ୍ତାନରେ ହେରୋଇନ୍ ବାଣିଜ୍ୟ କିମ୍ବା ଡ୍ରଗସ୍ ଚୋରା କାରବାର ପାଇଁ କାହାକୁ ଅନୁମତି ଦିଆଯିବ ନାହିଁ ବୋଲି ଜାବିହୁଲ୍ଲା ମୁଜାହିଦ୍ କହିଥିଲେ। ହେଲେ ଏବେ ଗୁଜରାଟରୁ ବ୍ୟାପକ ପରିମାଣରେ ହେରୋଇନ ଜବତ ହେବା ନେଇ ପ୍ରଶ୍ନ ଉଠିଛି ? ଯଦି ତାଲିବାନ ନିଶା କାରବାର ଉପରେ ରୋକ ଲାଗାଇଛି ତେବେ ଭାରତକୁ ଚାଲାଣ ହେଉଛି କିପରି ? କୁହାଯାଉଛି ଏହି ନିଶାକାରବାର ପଛରେ ତାଲିବାନରହିଁ ସମ୍ପୃକ୍ତି ରହିଛି। ଗତ ମାସକ ମଧ୍ୟରେ ତାଲିବାନ୍ ନେତୃତ୍ୱାଧୀନ ଆଫଗାନିସ୍ତାନରେ ଉତ୍ପାଦନ ୩ଟନ୍ ଉଚ୍ଚମାନର ହେରୋଇନ୍ ଗୁଜରାଟରୁ ଜବତ ହେଲାଣି। ମିଳିଥିବା ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୭ରେ ବିପୁଳ ପରିମାଣର ଡ୍ରଗସ ଜବତ କରାଯାଇଥିଲା। ଏହି ଘଟଣାରେ ୪ଜଣ ଆଫଗାନିସ୍ତାନ ନାଗରିକଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି । ଜବତ ହେରୋଇନ କାନ୍ଦାହାର ସ୍ଥିତ ହାସନ ହୁସେନ୍ ଲିମିଟେଡ୍ ଦ୍ୱାରା ରପ୍ତାନି କରାଯାଇଥିବା ଜଣାପଡ଼ିଛି। ସେହିପରି ବିଜୟୱାଡାର ଏକ କମ୍ପାନୀ ଏହାକୁ ଆମଦାନୀ କରିଥିବା ଜଣାପଡ଼ିଛି।

### କୋଭିଡ୍ ମୁକାବିଲାରେ କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ପ୍ରଶଂସା

# କୋଭିଡ୍ ମୃତକଙ୍କ ପରିବାରକୁ ମିଳିବ କ୍ଷତିପୂରଣ

**ନୂଆଦିଲ୍ଲୀ :** କୋଭିଡ ପରିଚାଳନାକୁ ନେଇ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ପ୍ରଶଂସା କରିଛନ୍ତି। କୋଭିଡ୍ ମୃତକଙ୍କ ପରିବାରକୁ ସହାୟତା ନେଇ ସତ୍ୟପାଠ ପରିପ୍ରେକ୍ଷୀରେ ପ୍ରଶଂସା କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ।ଜଷ୍ଟିସ୍ ଏମ୍. ଆର ସାହା ଓ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ପ୍ରଶଂସା କରି କହିଛନ୍ତି ଯେ, ପୀଡ଼ିତଙ୍କ ଆଖିରୁ ଲୁହ ପୋଛିବାକୁ କେନ୍ଦ୍ରର ଉଦ୍ୟମରେ ଆମେ ଅତ୍ୟନ୍ତ ଖୁସି। ଏକ ଜନବହୁଳ ରାଷ୍ଟ୍ରରେ କୋଭିଡ ପରିଚାଳନାରେ ଭାରତ ଏକ ଉଦାହରଣ। ଆର୍ଥିକ ସ୍ଥିତିକୁ ଦେଖି ଟିକାକରଣରେ ଭାରତ ଯାହା ଖର୍ଚ୍ଚ କରିଛି ତାହା ଉଦାହରଣ ଯୋଗ୍ୟ ବୋଲି କୋର୍ଟ କହିଛନ୍ତି। ଭାରତ ଯାହା କରି ଦେଖାଇଛି ତାହା ଅନ୍ୟ ରାଷ୍ଟ୍ର କରିପାରିନାହାନ୍ତି ବୋଲି କୋର୍ଟ କହିଛନ୍ତି। ସୂଚନା ଯୋଗ୍ୟ କରୋନା ଯୋଗୁଁ ପ୍ରାଣ ହରାଇଥିବା ପରିବାରକୁ କ୍ଷତିପୂରଣ ହିସାବରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବା ନେଇ ଗତକାଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। କୋଭିଡ -୧୯ ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାର ଲୋକେ



୫୦,୦୦୦ ଟଙ୍କା କ୍ଷତିପୂରଣ ଭାବେ ପାଇବେ। ତେବେ ଏହି ଅର୍ଥ ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ସରକାର ମଧ୍ୟ କହିଛନ୍ତି। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ସୂଚନା ଦେଇଛନ୍ତି ଯେ କରୋନା କାରଣରୁ ମୃତ୍ୟୁବରଣ କରିଥିବା ସମ୍ପର୍କୀୟଙ୍କୁ ନ୍ୟାସନାଲ ଡ଼ିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି ୫୦,୦୦୦ ଟଙ୍କା କ୍ଷତିପୂରଣ ଭାବେ ସୁପାରିଶ କରିଛି। ସରକାର କହିଛନ୍ତି ଯେ ଯଦି ମୃତ୍ୟୁ ପ୍ରମାଣପତ୍ରରେ ମୃତ୍ୟୁର କାରଣ କରୋନା ଲେଖାହୋଇଥାଏ, ତେବେ ମୃତକଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ସହାୟତା ଦିଆଯିବ। ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ କରୋନା ପୀଡିତଙ୍କ ପରିବାରକୁ ଏହି କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ ଭାବରେ କହିଛନ୍ତି। କରୋନାରେ ପ୍ରାଣ ହରାଉଥିବା ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ନେଇ ପୂର୍ବରୁ ସୁପ୍ରିମକୋର୍ଟ ଅର୍ଡ଼ର କରିଥିଲେ। ଏହି ପରିମାଣ କେତେ ହେବ ସେ ସମ୍ପର୍କରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ଗାଇଡଲାଇନ୍ସ ଜାରି କରିବା ସମ୍ପର୍କରେ କୋର୍ଟ କହିଥିଲେ। କୋଭିଡ୍ ମୃତକଙ୍କ ପରିବାରକୁ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାଲାଗି ଆବେଦନ ହୋଇଥିଲା। କେନ୍ଦ୍ର ସରକାର କ୍ଷତିପୂରଣ ପ୍ରସଙ୍ଗରେ କହିଥିଲେ ଯେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେଇହେବ ନାହିଁ। କାରଣ ଏଭଳି କ୍ଷତିପୂରଣ ପ୍ରଦାନ କରାଗଲେ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଖାଲି ହୋଇଯିବ। ରାଜ୍ୟମାନେ ଅନ୍ୟ ବିପର୍ଯ୍ୟୟର ମୁକାବିଲା କରିପାରିବେ ନାହିଁ। ତେବେ ସୁପ୍ରିମକୋର୍ଟ କହିଥିଲେ ଯେ ଏନ୍‌ଡିଏମ୍‌ଏର ଧାରା ୧୨ରେ ବିପର୍ଯ୍ୟୟ ମୃତ୍ୟୁରେ କ୍ଷତିପୂରଣ ଦେବାକୁ ବ୍ୟବସ୍ଥା ରହିଛି । ଏହାକୁ ପୂରଣ କରିବା ହେଉଛି ସରକାରଙ୍କ ଦାୟିତ୍ୱ।

### ମହିଳାଙ୍କ ପାଇଁ ଖୁସି ଖବର

# ୨୦୨୨ରୁ ଏନ୍‌ଡିଏରେ ମିଳିବ ସୁଯୋଗ

**ନୂଆଦିଲ୍ଲୀ :** ଏଣିକି ପୁରୁଷଙ୍କ ଭଳି ମହିଳାମାନେ ସେନାରେ ଉଚ୍ଚ ପଦପଦବୀରେ ରହିପାରିବେ। ତେଣୁ ମହିଳା କ୍ୟାଡେଟ୍‌ଙ୍କ ପାଇଁ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନଡିଏ) ପ୍ରସ୍ତୁତି ହେଉଛି। ମହିଳା ପ୍ରାର୍ଥୀମାନେ ମେ' ୨୦୨୨ରୁ ଏନ୍‌ଡିଏ ପ୍ରବେଶିକା ପରୀକ୍ଷା ଦେଇପାରିବେ ବୋଲି କେନ୍ଦ୍ର ସରକାର କହିଛନ୍ତି। ଏନେଇ କେନ୍ଦ୍ର ସରକାର ଆଜି ସୁପ୍ରିମକୋର୍ଟରେ ଏକ ଅତିରିକ୍ତ ସତ୍ୟପାଠ ଦାଖଲ କରିଛନ୍ତି। ସେଥିରେ କୁହାଯାଇଛି ଯେ, ଯୋଗ୍ୟତା ପର୍ଯ୍ୟାୟରେ ଫିଜିକାଲ ଫିଟନେସର ମାନଦଣ୍ଡ ରହିବା ସହ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ଏବଂ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ବିଶେଷକରି ମେଡିକାଲ୍ ଫିଟ୍ ପ୍ରାର୍ଥୀମାନଙ୍କୁ ଅନୁମତି ଦିଆଯିବ। ଯେମିତି ପୁରୁଷ



କ୍ୟାଡେଟଙ୍କ ପାଇଁ ମାନଦଣ୍ଡ ଅଛି ସେହିପରି ମହିଳାଙ୍କ ପାଇଁ ଉପଯୁକ୍ତ ମାନକ ପ୍ରସ୍ତୁତ କରାଯିବ। ତେବେ ସବୁ ମହିଳାଙ୍କ ପାଇଁ ଏକ ସମାନ୍ତରାଳ ଶାରୀରିକ ମାନଦଣ୍ଡ ରହିବ ନାହିଁ ଏବଂ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ମହିଳାଙ୍କ ତାଲିମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଗତ ଅଗଷ୍ଟ ମାସରେ ସୁପ୍ରିମକୋର୍ଟ ଏ ସମ୍ପର୍କରେ ଏକ ଜବାବ ଦାଖଲ ପାଇଁ କହିଥିଲେ। ଲିଙ୍ଗଗତ ସମାନତା ପାଇଁ ପ୍ରତିରକ୍ଷା ବାହିନୀ ନିଜଆଡୁ ଅଧିକ ପଦକ୍ଷେପ ନେବା ଆଶା ରହିଛି ବୋଲି ଖଣ୍ଡପୀଠ କହିଥିଲେ। ତେବେ ଏହି ଶୁଣାଣି ବେଳେ ମହିଳାମାନଙ୍କୁ ଏନଡିଏ ପରୀକ୍ଷା ମାଧ୍ୟମରେ ପର୍ମାନେଣ୍ଟ କମିସନରେ ଭର୍ତ୍ତି ହେବା ପାଇଁ କେନ୍ଦ୍ରସରକାର ରାଜି ହୋଇଥିଲେ। ଚଳିତବର୍ଷର ଏନଡିଏ ପରୀକ୍ଷା ଗତ ଅଗଷ୍ଟ ୫ ତାରିଖରେ ହେବାକୁ ସ୍ଥିର ହୋଇଥିଲା। ଏହା ପୂର୍ବରୁ ସୁପ୍ରିମ କୋର୍ଟ ଏକ ଅନ୍ତରୀଣ ରାୟ ଦେଇ ମହିଳାମାନଙ୍କୁ ପରୀକ୍ଷା ଅନୁମତି ଦେବାଲାଗି ନିର୍ଦ୍ଦେଶ ଦେଇଥିଲେ। ମହିଳାଙ୍କୁ ଅନୁମତି ଦିଆଯାଉ ନଥିବାରୁ ସେନାକୁ ସମାଲୋଚନା କରିଥିଲେ ସୁପ୍ରିମକୋର୍ଟ। ତେବେ ଏନଡିଏ ପରୀକ୍ଷା ମାଧ୍ୟମରେ ମହିଳାମାନେ ସେନା ବାହିନୀରେ ପର୍ମାନେଣ୍ଟ କମିସନ ଚାକିରି କରିପାରିବେ।

# ଭାରତରେ ଆକ୍ରମଣ ପାଇଁ ଆଇଏସ୍‌ଆଇର ଯୋଜନା

**ନୂଆଦିଲ୍ଲୀ :** କରୋନା ଲକଡାଉନରୁ ମୁକୁଳିଥିବା ଦେଶବାସୀ ଆଗାମୀ ପାର୍ବଣ ଋତୁକୁ ଧୁମଧାମରେ ପାଳନ କରିବାକୁ ଚାହୁଁଛନ୍ତି। ତେବେ ପଡୋଶୀ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଇଣ୍ଟରସର୍ଭିସ ଇଣ୍ଟେଲିଜେନ୍ସ (ଆଇଏସଆଇ) ଭାରତରେ ବଡ଼ ଧରଣର ଆତଙ୍କବାଦ ଆକ୍ରମଣ ଷଡ଼ଯନ୍ତ୍ର ରଚିଥିବା ଜଣାପଡିଛି। ଏ ନେଇ ଗୁଇନ୍ଦା ସୂଚନା ମିଳିବା ପରେ ସାରା ଦେଶରେ ଆଲର୍ଟ ଜାରି ହୋଇଛି। ଆଇଏସଆଇ ଭାରତରେ ଆଇଇଡି ବିସ୍ଫୋରଣ ମାଧ୍ୟମରେ ଆତଙ୍କ ଖେଳାଇବାକୁ ଚାହୁଁଥିବା ଜଣାପଡିଛି। ଏଥିରେ ଆଇଏସଆଇ ଜନଜୀବନ ହାନିର ଯୋଜନାରେଥିବା ବେଳେ ଉତ୍ସବ ବେଳେ ଭିଡଭାଡ ଅଞ୍ଚଳରେ ଟିଫିନ ବୋମା ଅଥବା ଆଇଇଡି ମାଧ୍ୟମରେ ବିସ୍ଫୋରଣ ଯୋଜନା ରଖିଛି। ଏଥିଲାଗି ଆଇଏସଆଇ ଆଫଗାନିସ୍ତାନ ଆତଙ୍କବାଦୀଙ୍କ ସହାୟତା ନେଇଛି। ସେମାନଙ୍କୁ ଦେଶଭିତରକୁ ପଶାଇ ପାର୍ବଣ ଋତୁରେ ଧମକା କରିବାକୁ ଯୋଜନା କରିଛି। ଏଣୁ ଆତଙ୍କବାଦୀ ଅନୁପ୍ରବେଶ ନେଇ ମଧ୍ୟ ସତର୍କତା ଜାରି ହୋଇଛି। ଭାରତରେ ଏଭଳି କିଛି



କରିବା ଯୋଜନା ନେଇ ଗୁଇନ୍ଦା ଏଜେନ୍ସୀକୁ ସେପ୍ଟେମ୍ବର ୧୮ ତାରିଖରୁ ସୂଚନା ମିଳିସାରିଲାଣି। ଏଥିରେ ଆଇଏସଆଇ ଉରୀ ସେକ୍ଟରରେ ତାରବାଡ କାଟି କିଛି ଆତଙ୍କବାଦୀଙ୍କୁ ଅନୁପ୍ରବେଶ ମଧ୍ୟ କରାଇଥିବାର ଜଣାପଡିଥିଲା। ତେବେ ସେନା ସତର୍କ ଥିବାରୁ ତାରବାଡ ଡେଇଁ ଆସିଥିବା ଆତଙ୍କବାଦୀ ପୁଣି ପାକିସ୍ତାନ ସୀମାକୁ ଫେରିଯାଇଛନ୍ତି।

# ଭାରତରେ ୧ ବିଲିୟନ ଡୋଜ୍ ଟିକା ଉତ୍ପାଦନ କରିବେ କ୍ୱାଡ୍ ରାଷ୍ଟ୍ର

**ୱାଶିଂଟନ:** କ୍ୱାଡ ରାଷ୍ଟ୍ର ମାନଙ୍କ ବୈଠକ ପୂର୍ବରୁ ବଡ଼ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ। ସେ କହିଛନ୍ତି କ୍ୱାଡ ରାଷ୍ଟ୍ରଗୁଡ଼ିକର ସହଭାଗିତାରେ ଭାରତରେ ୧ ବିଲୟନ ଡୋଜ୍ କରୋନା ଟିକା ଉତ୍ପାଦନ କରାଯିବ। ମହାମାରୀ କରୋନାକୁ ହରାଇବା କାମ ଠାରୁ ଆଉ କୌଣସି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ନୁହେଁ। କରୋନା ହାରିଲେ ଭବିଷ୍ୟତ ପାଇଁ ପ୍ରସ୍ତୁତି ଠିକ୍ ଭାବେ କରାଯାଇ ପାରିବ ବୋଲି ବାଇଡେନ କହିଛନ୍ତି। ସେ କହିଛନ୍ତି, ଆମେରିକା ଓ ଏହାର ସହଯୋଗୀମାନେ ଟିକା ଉତ୍ପାଦନକୁ ବ୍ୟାପକ କରିବାକୁ ନିରନ୍ତର ପ୍ରୟାସ କରୁଛନ୍ତି। ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଟିକା ଉତ୍ପାଦନ କରିବାକୁ ବ୍ୟବସ୍ଥା କରାଯାଉଛି। ଆମେ ବିଭିନ୍ନ ରାଷ୍ଟ୍ର, ଫାର୍ମାସିଟ୍ୟୁକାଲ କମ୍ପାନୀ ଓ ଅନ୍ୟ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ସହ ମିଳିତ ଭାବେ କାମ କରୁଛୁ। ସବୁ ରାଷ୍ଟ୍ର ଯେମିତି ଶକ୍ତିଶାଳୀ ଓ ସୁରକ୍ଷିତ କରୋନା ବିରୋଧୀ ଟିକା ଉତ୍ପାଦନ କରିପାରିବେ, ସେନେଇ ବ୍ୟବସ୍ଥା କରାଯାଉଛି। ଉଦାହରଣ ସ୍ୱରୂପ କ୍ୱାଡ ରାଷ୍ଟ୍ରମାନଙ୍କୁ ନିଆଯାଇପାରେ। କ୍ୱାଡରେ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନ ରହିଛନ୍ତି। କ୍ୱାଡ ରାଷ୍ଟ୍ରଗୁଡ଼ିକ ବିଶ୍ୱସ୍ତରୀୟ ଟିକା ସପ୍ଲାଏକୁ ତ୍ୱାରାନ୍ୱିତ




କରିବାକୁ କାମ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆମେ ସମସ୍ତେ ମିଳିତ ଭାବେ ଭାରତରେ ୨୦୨୨ ଶେଷ ସୁଦ୍ଧା ୧ ବିଲିୟନ ଡୋଜ୍ ଟିକା ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି ଦକ୍ଷିଣ ଆଫ୍ରିକାରେ ଟିକାର ଉତ୍ପାଦନ କରିବାକୁ ଆମେ ଆର୍ଥିକ ଓ ଅନ୍ୟାନ୍ୟ ସହଯୋଗ କରୁଛୁ। ଜନସନ ଆଣ୍ଡ ଜନସନ ଟିକାର ୫୦୦ ମିଲିୟନ ଡୋଜ୍ ଆଫ୍ରିକା ପାଇଁ ଆଫ୍ରିକାରେ ଉତ୍ପାଦ କରିବାକୁ ପ୍ରୟାସ କରାଯାଉଛି। ସମସ୍ତେ ମିଳିତ ଭାବେ ଜରୁରୀ କାଳୀନ ଭିତ୍ତିରେ କରୋନାକୁ ହରାଇବା ପାଇଁ କାମ କରିବା ଦରକାର। କରୋନାକୁ ହରାଇବା ଜରୁରୀ। ଏହାଦ୍ୱାରା ବିଶ୍ୱ ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ଭଲ ଭାବେ ପ୍ରସ୍ତୁତ କରିପାରିବ। ଆମେରିକା ଏଥିରେ କର୍ଣ୍ଣଧାର ସାଜିବ ବୋଲି ଜୋ ବାଇଡେନ କହିଛନ୍ତି। ଆମେରିକା ଇତି ମଧ୍ୟରେ ୧୦୦ଟି ଦେଶକୁ ପ୍ରାୟ ୧୬୦ ମିଲିୟନ ଡୋଜ୍ ଟିକା ପଠାଇଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କୋଭାକ୍ସ ଜରିଆରେ ମଧ୍ୟ ବିଭିନ୍ନ ରାଷ୍ଟ୍ରକୁ ଆମେରିକା ଫାଇଜର ଟିକା ରପ୍ତାନୀ କରିଛି। ଆଗକୁ ଆଉ ଅଧା ବିଲିୟନ ଡୋଜ୍ ଫାଇଜର ଟିକା ଗରିବ ରାଷ୍ଟ୍ରମାନଙ୍କୁ ଆମେରିକା ପକ୍ଷରୁ ଦିଆଯିବ। ଟିକା ପାଇଁ ଆମେରିକା ଫାଇଜରକୁ ଅର୍ଡର ଦେଇ ସାରିଛି। ଆସନ୍ତାବର୍ଷ ଏହାର ଯୋଗାଣ ଆରମ୍ଭ ହେବ ବୋଲି ବାଇଡେନ ଘୋଷଣା କରିଛନ୍ତି।

# ଆଉ ୩ ଜିଲ୍ଲାରେ ପ୍ରତିଷ୍ଠା ହେବ ହାଫ୍‌ୱେ ହୋମ୍

**ଭୁବନେଶ୍ୱର :** ରାଜ୍ୟର ୩ ଜିଲ୍ଲାରେ ପ୍ରତିଷ୍ଠା ହେବ ହାଫ୍‌ୱେ ହୋମ୍। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ ଏହାକୁ ପ୍ରତିଷ୍ଠା କରାଯିବ। ଏ ନେଇ ଜିଲ୍ଲାପାଳମାନଙ୍କୁ ଜାଗା ଚିହ୍ନଟ କରିବା ଲାଗି କୁହାଯାଇଛି। ଯାହାଫଳରେ ମାନସିକ ରୋଗରୁ ସୁସ୍ଥ ହୋଇ ଦୀର୍ଘଦିନ ଧରି ହସ୍ପିଟାଲରେ ଥିବା ଏବଂ ଏଣେତେଣେ ବୁଲୁଥିବା ଲୋକମାନଙ୍କୁ ରହିବାର ସୁବିଧା ମିଳିପାରିବ। ରାଜ୍ୟବ୍ୟାପୀ ବିଭିନ୍ନ ହସ୍ପିଟାଲରେ ଅନେକ ମାନସିକ ରୋଗୀ ଭର୍ତ୍ତି ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ହସ୍ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ସାରିଥିଲେ ମଧ୍ୟ ବିଭିନ୍ନ କାରଣରୁ ହସ୍ପିଟାଲରୁ ଯାଉ ନାହାନ୍ତି। ଅନେକ କ୍ଷେତ୍ରରେ ସେମାନଙ୍କ ପରିବାରବର୍ଗ ମଧ୍ୟ ସେମାନଙ୍କୁ ଘରକୁ ନେବା ଲାଗି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଯାହାଫଳରେ ବାଧ୍ୟ ହୋଇ ସେମାନଙ୍କୁ ହସ୍ପିଟାଲରେ ରଖିବାକୁ ପଡୁଛି। ଏପରିକି ରାଜ୍ୟ ବାହାରୁ ମଧ୍ୟ ଅନେକ ମାନସିକ ରୋଗୀ ରାଜ୍ୟରେ ଆସି ବୁଲୁଥିବା ଦେଖିବାକୁ ମିଳୁଛି। ଏହାର ଫଳରେ ଅଯଥାରେ ହସ୍ପିଟାଲ ଶଯ୍ୟା ଭର୍ତ୍ତି ହୋଇ ରହୁଛି। ରାଜ୍ୟରେ ଏବେ ନିର୍ଦ୍ଦିଷ୍ଟ ଭାବେ କେତେ ସଂଖ୍ୟକ ମାନସିକ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରେ ରହିଛନ୍ତି କିମ୍ବା ଏଣେତେଣେ ବୁଲୁଥିବା ଲୋକଙ୍କ ସଂଖ୍ୟା କେତେ ତାହାର ହିସାବ ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ। ତେବେ ସୁସ୍ଥ ହୋଇ ସାରିଥିବା ଲୋକଙ୍କୁ ହସ୍ପିଟାଲ ବାହାରେ ରହିବାର ସୁବିଧା ଦେବା ଲାଗି ରାଜ୍ୟରେ ୩ଟି ଜିଲ୍ଲାରେ ହାଫ୍‌ୱେ ହୋମ୍ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମାଲକାନଗିରି, ଢେଙ୍କାନାଳ ଓ ଝାରସୁଗୁଡ଼ାରେ ଏହାକୁ ପ୍ରତିଷ୍ଠା କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଏସ୍‌ଏସ୍‌ଇପିଡି)କୁ ପ୍ରସ୍ତାବ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଏଭଳି ହାଫ୍‌ୱେ ହୋମ୍‌ରେ ୫୦ଟି ଲେଖାଏଁ ଶଯ୍ୟା ରହିବ। ହସ୍ପିଟାଲରେ ଅଯଥାରେ ରହିଥିବା ଲୋକମାନଙ୍କୁ ସେଠାକୁ ସ୍ଥାନାନ୍ତରିତ କରାଯିବ। ଏହି ୩ଟି ହାଫ୍‌ୱେ ହୋମ୍ ଏସ୍‌ଏସ୍‌ଇପିଡି ଅଧୀନରେ କାର୍ଯ୍ୟ କରିବ। ମାତ୍ର ଏହା ଏନ୍‌ଜିଓ ଦ୍ୱାରା ପରିଚାଳିତ ହେବ। ଏଭଳି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନ୍‌ଜିଓମାନଙ୍କୁ ଟେଣ୍ଡର ଜରିଆରେ ନିଯୁକ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଲୋକଙ୍କ ଖାଇବା ପିଇବା ସହିତ ସୁରକ୍ଷା ଓ ଆନ୍ୟାନ୍ୟ ସୁବିଧା ସୁଯୋଗ ଏସ୍‌ଏସ୍‌ଇପିଡି ବିଭାଗ ଯୋଗାଇବ। ମାତ୍ର କେନ୍ଦ୍ରରେ ରହୁଥିବା ଲୋକମାନଙ୍କୁ ମେଡିକାଲ ସହାୟତା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ଏହା ପୂର୍ବରୁ ମଧ୍ୟ ୨୦ଶଯ୍ୟା ବିଶିଷ୍ଟ ନିଶା ନିବାରଣ କେନ୍ଦ୍ର ଓ ୩୦ଶଯ୍ୟା ବିଶିଷ୍ଟ ରିହାବିଲେସନ୍ ସେଣ୍ଟର କାର୍ଯ୍ୟ କରୁଛି। ତେଣୁ ଆଉ ୩ଟି ପ୍ରତିଷ୍ଠା ହେବା ପରେ ଏଣେତେଣେ ବୁଲୁଥିବା ଲୋକଙ୍କ ସଂଖ୍ୟାରେ ହ୍ରାସ ଘଟିବ। କରୋନାର ଦ୍ୱିତୀୟ ଲହର ପାଇଁ ଏହି କାର୍ଯ୍ୟରେ ବିଳମ୍ବ ହୋଇଛି। ସ୍ଥିତିରେ ସୁଧାର ଆସିଲେ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏସ୍‌ଏସ୍‌ଇପିଡି ବିଭାଗର ଜଣେ ଅଧିକାରୀଙ୍କ ମତରେ, ବିଭାଗର ନିଜସ୍ୱ ୪ଟି ହାଫ୍‌ୱେ ହୋମ୍ ରହିଛି। ଏଥିରେ ଅନେକ ଲୋକ ରହିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଉ ୩ଟି ହାଫ୍‌ୱେ ହୋମ୍ ପ୍ରତିଷ୍ଠା କରିବା ଲାଗି ଅନୁରୋଧ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଏ ସଂପର୍କରେ ପ୍ରସ୍ତାବ ରହିଛି। ତେଣୁ ଜିଲ୍ଲାପାଳମାନଙ୍କୁ ଏଥିପାଇଁ ଜାଗା ଚିହ୍ନଟ ପାଇଁ କୁହାଯାଇଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

## ଏନ୍‌ସିଆରବି ରିପୋର୍ଟ ୨୦୨୦

# ଚିକିତ୍ସା ଅବହେଳା ନେଇ ପୁଳାପୁଳା ଅଭିଯୋଗ, ରେକର୍ଡରେ ଶୂନ




**ଭୁବନେଶ୍ୱର :** ରାଜ୍ୟରେ ମେଡିକାଲଗୁଡ଼ିକରେ ଚିକିତ୍ସାରେ ଅବହେଳା ନେଇ ପୁଳାପୁଳା ଅଭିଯୋଗ ହେଉଛି। ସରକାରୀ ହେଉ ବା ବେସରକାରୀ, ବିଭିନ୍ନ ସମୟରେ ଚିକିତ୍ସା ଅବହେଳା କାରଣରୁ ରୋଗୀଙ୍କ ସଂପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଓ ପରେ ଉତ୍ତେଜନା ଦେଖିବାକୁ ମିଳୁଛି। ୨୦୨୦ କରୋନା ବର୍ଷରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ରହିଛି। ମାତ୍ର ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋରେ ୨୦୨୦ରେ ଗୋଟିଏ ହେଲେ ଅଭିଯୋଗ ନାହିଁ। ଗତବର୍ଷ ଦେଶବ୍ୟାପୀ ମେଡିକାଲରେ ଚିକିତ୍ସା ଅବହେଳା ନେଇ ୧୨୯ଟି ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶରେ ସର୍ବାଧିକ ୨୯ଟି ଅଭିଯୋଗ ହୋଇଥିବା ବେଳେ ରାଜସ୍ଥାନରେ ୨୩, ତେଲେଙ୍ଗାନା ୧୬, ମଧ୍ୟପ୍ରଦେଶ ୧୧, ଝାଡ଼ଖଣ୍ଡ ୧୦, ଆସାମ ୯, ହରିୟାନା ୭, କେରଳ ୫ ଓ ଅନ୍ୟ ରାଜ୍ୟରେ ଅଭିଯୋଗ ହୋଇଛି। ମାତ୍ର ଓଡ଼ିଶାରେ ଗୋଟିଏ ହେଲେ ଅଭିଯୋଗ ପଞ୍ଜୀକୃତ ହୋଇନାହିଁ। ମେଡିକାଲରେ ଚିକିତ୍ସାରେ ଅବହେଳା ନେଇ ରାଜ୍ୟବ୍ୟାପୀ ଅଭିଯୋଗ ହେଉଥିଲେ ହେଁ ଏହି ଘଟଣାଗୁଡ଼ିକ ଅଦୃଶ୍ୟ ଚାପରେ ଦବି ଯାଉଛି। ଏ ନେଇ ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି, ଚିକିତ୍ସା ଅବହେଳା ନେଇ ଅନେକ କ୍ଷେତ୍ରରେ ମଧ୍ୟ ରୋଗୀଙ୍କ ସଂପର୍କୀୟମାନେ ଲିଖିତ ଭାବେ ପୁଲିସ କିମ୍ବା ହସ୍ପିଟାଲ କର୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରୁ ନାହାନ୍ତି। ଅଭିଯୋଗ ମଧ୍ୟ ବିଭିନ୍ନସ୍ତରରେ ହେଉଛି। ଓଏଚ୍‌ଆରସି, ଏନ୍‌ଏଚ୍‌ଆରସି, ସ୍ଥାନୀୟ ଡାକ୍ତରଖାନାରେ ଅଭିଯୋଗ କରାଯାଉଛି। ହେଲେ ଅଭିଯୋଗରେ ଯଦି ସତ୍ୟତା ଥାଏ, ତାହାଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନେକ ଅଭିଯୋଗରେ ମଧ୍ୟ ସତ୍ୟତା ନାହିଁ। ତେବେ କୌଣସି ହସ୍ପିଟାଲ କର୍ମଚାରୀ ଜାଣିଶୁଣି ରୋଗୀଙ୍କ କ୍ଷତି କରିବାକୁ ଚାହିଁ ନଥା'ନ୍ତି। ସରକାରୀ ଡାକ୍ତରଖାନା ଅପେକ୍ଷା ଘରୋଇ ଡାକ୍ତରଖାନାରେ ଚିକିତ୍ସା ଅବହେଳା ଅଭିଯୋଗ ଅଧିକ। ଦୀର୍ଘଦିନ ଧରି ଚିକିତ୍ସା କରାଯିବା କାରଣରୁ ଅଧିକ ବିଲ୍ ହେବାର ଆଶଙ୍କା ଥାଏ। ତେଣୁ ସେଠାରେ ଚିକିତ୍ସା ଅବହେଳା ଅଭିଯୋଗ ଆସିଥାଏ। ମାତ୍ର ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ଚାପ ଅଧିକ। ଯଦି ଡାକ୍ତର କିମ୍ବା କର୍ମଚାରୀ ଅନ୍ୟ ରୋଗୀଙ୍କୁ ଦେଖି ଆସିବାରେ ସାମାନ୍ୟ ବିଳମ୍ବ ହୋଇଯାଏ, ତାହାଲେ ସଂପର୍କୀୟମାନେ ଅଭିଯୋଗ ଆଣିବାକୁ ପଛାଉ ନାହାନ୍ତି ବୋଲି ଡା. ମହାନ୍ତି କହିଛନ୍ତି।

## +୨ ପରୀକ୍ଷା ପାଇଁ ୧୮୫ ପରୀକ୍ଷା କେନ୍ଦ୍ର



**ଭୁବନେଶ୍ୱର :** ଅକ୍ଟୋବର ପହିଲାରୁ ଆରମ୍ଭ ହେବାକୁ ଥିବା ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷା ପାଇଁ କେନ୍ଦ୍ର ଚୟନ କରାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ବିଭାଗର ୧୩ ହଜାରରୁ ଅଧିକ ପରୀକ୍ଷାର୍ଥୀ ଥିବା ବେଳେ ରାଜ୍ୟରେ ୧୮୫ଟି ପରୀକ୍ଷା କେନ୍ଦ୍ର ହୋଇଛି। ପ୍ରତି କେନ୍ଦ୍ର ସହ ନକଟତମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ୨ କଲେଜକୁ ଟ୍ୟାଗ୍ କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା କମିଟିର ରିପୋର୍ଟ ଆଧାରରେ କେନ୍ଦ୍ରଗୁଡ଼ିକ ଚୟନ ହୋଇଛି। ଯେକୌଣସି ସମୟରେ ପରିଷଦ ପକ୍ଷରୁ କୌଣସି ପରୀକ୍ଷା କେନ୍ଦ୍ରକୁ ପ୍ରତ୍ୟାହାର କରାଯିବାର ଅଧିକାର ରହିଛି। ଯୁକ୍ତ୨ କଲେଜକୁ ଟ୍ୟାଗ୍/ଡି-ଟ୍ୟାଗ୍ କରିବାର କ୍ଷମତା ମଧ୍ୟ ପରିଷଦର ରହିଛି। ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଛି।

## ଟିକା ନେବାକୁ ଭୁଲି ଯାଇଥିବା ଲୋକଙ୍କୁ ଆଣିବେ ସମ୍ମୁଖ ଯୋଦ୍ଧା

**ଭୁବନେଶ୍ୱର :** ରାଜ୍ୟରେ ଦ୍ୱିତୀୟ ଡୋଜ୍ ଟିକା ନେବାକୁ ଅନେକ ଲୋକ ଭୁଲି ଯାଇଛନ୍ତି। କେବଳ ଗ୍ରାମାଞ୍ଚଳରେ ନୁହେଁ, ସାରା ରାଜ୍ୟରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ତେଣୁ ଏହି ଲୋକମାନଙ୍କୁ ଟିକାକରଣ କେନ୍ଦ୍ରକୁ ଆଣିବା ଲାଗି ସମ୍ମୁଖ ଯୋଦ୍ଧାଙ୍କୁ ଦାୟିତ୍ୱ ଦିଆଯିବ ବୋଲି କହିଛନ୍ତି ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ। ଡା. ପାଣିଗ୍ରାହୀ କହିଛନ୍ତି ଯେ ବିଭିନ୍ନ କାରଣ ପାଇଁ ଲୋକମାନେ ଟିକା ନେବାକୁ ଭୁଲି ଯାଉଛନ୍ତି। ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ଭିତରେ ୩ ମାସର ବ୍ୟବଧାନ ରହୁଥିବାରୁ ଅନ୍ୟ କାମରେ ବ୍ୟସ୍ତ ରହି ଅନେକଙ୍କ ଟିକା ନେବାକୁ ମନେ ପଡୁନାହିଁ। ତେଣୁ ଜିଲ୍ଲାସ୍ତରରେ ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ଯେଉଁମାନଙ୍କର ଦ୍ୱିତୀୟ ଡୋଜ୍ ଟିକା ନେବାର ସମୟ ଗଡ଼ି ଗଲାଣି, ସେମାନଙ୍କୁ ଟିକା ନେବା ପାଇଁ ଏସ୍‌ଏମ୍‌ଏସ୍ ପଠାଯାଉଛି। ଦ୍ୱିତୀୟ ଡୋଜ୍ ଟିକା ନେବାକୁ ଭୁଲି ଯାଇଥିବା ୨୮ପ୍ରତିଶତ ଲୋକଙ୍କୁ ସମ୍ମୁଖ ଯୋଦ୍ଧା ଟିକାକରଣ କେନ୍ଦ୍ରକୁ ଆଣିବେ। ଏବେ



ଦୈନିକ ୪ଲକ୍ଷରୁ ଅଧିକ ଲୋକଙ୍କୁ ଟିକା ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାରୁ ୧୮ଶହରୁ ଅଧିକ ଟିକାକରଣ ଅଧିବେଶନ ଆୟୋଜିତ କରାଯାଉଛି। ଗତକାଲି ସୁଦ୍ଧା ରାଜ୍ୟରେ ୨କୋଟି ୮୭ଲକ୍ଷରୁ ଅଧିକ ଡୋଜ୍ ଟିକା ଦିଆଯାଇଥିବା ବେଳେ ସେଥିରୁ ୨.୧ କୋଟି ପ୍ରଥମ ଓ ୭୭ଲକ୍ଷ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଲେଣି। ରାଜ୍ୟର ୬୭ ପ୍ରତିଶତ ହିତାଧିକାରୀ ପ୍ରଥମ ଡୋଜ୍ ପାଇ ସାରିଲେଣି ବୋଲି ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ବ୍ଲକରେ ହେବ ପଞ୍ଚାୟତ ଭୋଟ୍ ଗଣତି

**ଭୁବନେଶ୍ୱର :** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ୍ ଗଣତି ଆଉ ମତଦାନ କେନ୍ଦ୍ରରେ ହେବନି। ସାରା ଓଡ଼ିଶାରେ ବ୍ଲକ ମୁଖ୍ୟାଳୟରେ ଗୋଟିଏ ଦିନରେ ଭୋଟ୍ ଗଣତି ହେବ। ଏନେଇ ପଞ୍ଚାୟତିରାଜ ବ୍ୟବସ୍ଥାର ଆଇନରେ ଥିବା ନିୟମାବଳୀରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି। ଗତ ୧୮ତାରିଖରେ ପଞ୍ଚାୟତିରାଜ ବିଭାଗର ପ୍ରମୁଖଶାସନ ସଚିବ ଏନେଇ ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। ସଂଶୋଧିତ ନିୟମାବଳୀ ଅନୁଯାୟୀ, ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ ଶେଷ ହେବା ପରେ ପ୍ରାର୍ଥୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ପ୍ରିଜାଇଡିଂ ଅଫିସର ଭୋଟ୍ ବାକ୍ସ/ଇଭିଏମ୍‌କୁ ସିଲ୍ କରିବେ। ଏହାପରେ ଏହାକୁ ବ୍ଲକ ମୁଖ୍ୟାଳୟରେ ଥିବା ଷ୍ଟ୍ରଙ୍ଗ ରୁମ୍‌କୁ ପଠାଇବେ। ସାରା ଓଡ଼ିଶାରେ ସବୁ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ଗୋଟିଏ ଦିନରେ ଭୋଟ୍ ଗଣତି ହେବ। ସୂଚନାଯୋଗ୍ୟ ଯେ, ଏହି ନିୟମରେ ସଂଶୋଧନ ପାଇଁ ଗତ ମାସ ୧୮ତାରିଖରେ ଚିଠା ନିୟମାବଳୀ ଜାରି କରାଯାଇ ଲୋକଙ୍କ ଆପତ୍ତି ଓ ପ୍ରସ୍ତାବ ମଗାଯାଇଥିଲା। ତେବେ କୌଣସି ଆପତ୍ତି ଓ ପ୍ରସ୍ତାବ ନମିଳିଲା ପରେ ଏହି ଗେଜେଟ୍ ବିଜ୍ଞପ୍ତି ଜାରି ହୋଇଛି।

## ଖାଦ୍ୟ ସୁରକ୍ଷାରେ ଓଡ଼ିଶା ଦେଶରେ ୪ ନମ୍ବର



**ଭୁବନେଶ୍ୱର :** ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାର ପ୍ରଦର୍ଶନ ଉତ୍ସାହଜନକ ରହିଛି। ୨୦୧୯-୨୦ରେ ଓଡ଼ିଶା ଏଥିରେ ୧୩ନମ୍ବର ସ୍ଥାନରେ ଥିବା ବେଳେ ୨୦୨୦-୨୧ରେ ଏକାଥରେ ୯ଟି ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନ ହାସଲ କରିଛି। ଓଡ଼ିଶା ସମୁଦାୟ ୬୦ ପଏଣ୍ଟ ପାଇଥିବା ବେଳେ ଶୀର୍ଷ ୩ ସ୍ଥାନରେ ଥିବା ଗୁଜୁରାଟ ୭୨, କେରଳ ୭୦ ଓ ତାମିଲନାଡୁକୁ ୬୪ ପଏଣ୍ଟ ମିଳିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ପ୍ରାଧିକରଣ ବା ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ପ୍ରକାଶିତ ଖାଦ୍ୟ ସୁରକ୍ଷା ଇଣ୍ଡେକ୍ସ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ମାନବ ସମ୍ବଳ, ସଂସ୍ଥାଗତ ସଂଖ୍ୟା, ଖାଦ୍ୟ ପରୀକ୍ଷଣ ସୁବିଧା ଓ ପ୍ରଶିକ୍ଷଣ ତଥା କ୍ଷମତା ନିର୍ମାଣ ଓ ଉପଭୋକ୍ତାଙ୍କୁ ସଚେତନତା ମାନଦଣ୍ଡକୁ ବିଚାରକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତଥାପି ଏକାଧିକ ମାନଦଣ୍ଡରେ ଓଡ଼ିଶାକୁ ଅନେକ କାର୍ଯ୍ୟ କରିବାକୁ ବାକି ରହିଛି। ରାଜ୍ୟରେ ଖାଦ୍ୟ ମାନ ପରୀକ୍ଷଣର ଭିତ୍ତିଭୂମି ଓ ନିରୀକ୍ଷଣ ଦୁର୍ବଳ ବୋଲି ରିପୋର୍ଟରେ ଦର୍ଶାଯାଇଛି। ମାତ୍ର ଖାଦ୍ୟକୁ ନେଇ ଯେଉଁ ଅଭିଯୋଗ ଆସୁଛି ତାହାର ଦ୍ରୁତ ସମାଧାନ ଦିଗରେ ଓଡ଼ିଶାର ପ୍ରଦର୍ଶନ ବେଶ୍ ଭଲ ରହିଛି। ରାଜ୍ୟରେ ଖାଦ୍ୟ ସୁରକ୍ଷାରେ ଏବେ ବି ମାନବ ସମ୍ବଳର ଯଥେଷ୍ଟ ଅଭାବ ରହିଛି। ବିଶେଷକରି ବଡ଼ ବଡ଼ ସହର ପାଇଁ ଆବଶ୍ୟକ ଖାଦ୍ୟ ସୁରକ୍ଷା ଅଧିକାରୀ ନାହାନ୍ତି। ରାଜ୍ୟରେ ଏବେ ୩୦ଜଣ ଖାଦ୍ୟ ସୁରକ୍ଷା ଅଧିକାରୀ ରହିଥିବା ବେଳେ ଆହୁରି ୩୫ଜଣଙ୍କୁ ନିଯୁକ୍ତି କରିବା ଲାଗି ନିଷ୍ପତ୍ତି ହୋଇଛି। ଆଗାମୀ ବର୍ଷଗୁଡ଼ିକରେ ଆହୁରି ୮ଜଣ ଲେଖାଏଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇ ଆସନ୍ତା ୪ବର୍ଷରେ ଏହି ସଂଖ୍ୟାକୁ ୧୦୫କୁ ବୃଦ୍ଧି କରିବା ଲାଗି ରାଜ୍ୟ ସରକାର ଯୋଜନା କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ୩୫ଜଣ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିଯୁକ୍ତି ପ୍ରକ୍ରିୟା ଆଗେଇ ପାରିନାହିଁ। ଓପିଏସ୍‌ସି ଏହି ପରୀକ୍ଷା କରିବା ପରେ ସେମାନଙ୍କୁ ନିଯୁକ୍ତି ଦିଆଯିବ।

## ବିଦ୍ୟାଳୟ ଉନ୍ନୟନ ପ୍ରକଳ୍ପ

# ଓମ୍ଫାଡିସି ପାଣ୍ଠିକୁ ୬୪୦.୬୫ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିକାଶ, ସହରାଞ୍ଚଳରେ ଗୃହଭିତର(ଇନଡୋର୍) ଷ୍ଟାଡିୟମ ପ୍ରତିଷ୍ଠା ଓ ପରିବେଶ ସୁରକ୍ଷା ପରିଚାଳନା ପାଇଁ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ଫାଡସି) ପାଣ୍ଠିରେ ୬୪୦.୬୫ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି। ନୂତନ ପ୍ରକଳ୍ପରେ ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରି, ଆଇସିଟି ପରୀକ୍ଷାଗାର ଆଦି ବ୍ୟବସ୍ଥା ବିକଶିତ କରାଯିବ। ତେଣୁ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ଶିକ୍ଷାର ଅନୁଭୂତି ମିଳିପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଲୋକସେବା ଭବନରୁ ଡିଜିଟାଲ ମୋଡ୍ରେ ନିଗମର ନିର୍ଦ୍ଦେଶକ ପରିଷଦ ବୈଠକ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନିଗମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମା ନନ୍ଦୁରୀ ପ୍ରକଳ୍ପଗୁଡ଼ିକର ଆବଶ୍ୟକତା, ପାଣ୍ଠି ଓ କାର୍ଯ୍ୟାନ୍ୱୟନ ସମ୍ବଧିତ ବିଷୟ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଦେବା ଲାଗି ଶିକ୍ଷକମାନେ ଯତ୍ନବାନ ହେବା ଦରକାର। ଯାହାଫଳରେ ସରକରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପାସ୍ କରୁଥିବା ଛାତ୍ରଛାତ୍ରୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତାର ସହ ପ୍ରତିଯୋଗିତା କରିପାରିବେ। ଏହି ପ୍ରକଳ୍ପ ଜରିଆରେ ଭଲ ଖେଳ ପଡ଼ିଆ, ବିଦ୍ୟାଳୟରେ ଏକ ଆନନ୍ଦମୟ ପରିପାର୍ଶ୍ୱ, ଶୈକ୍ଷିକ ପରିବେଶ ଆଦି ବିକଶିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ନନ୍ଦୁରୀ କହିଥିଲେ ଯେ ଏହି ପ୍ରକଳ୍ପରେ ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ୮୮୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରୂପାନ୍ତରିତ କରାଯିବ। ଏଥିପାଇଁ ୫୩୩.୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଖଣିଜ ଅଞ୍ଚଳ




ଅଧୀନରେ ୧୧ଟି ସହରାଞ୍ଚଳରେ ବହୁମୁଖୀ-ଇନଡୋର୍ ଷ୍ଟାଡିୟମ ନିର୍ମାଣ ପାଇଁ ସମୁଦାୟ ୧୦୪.୧୫ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି। ସହରାଞ୍ଚଳରେ ୯ଟି ପୌର ନିଗମ ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ବେଲ ପାହାଡ଼, ବ୍ରଜରାଜନଗର, ଆନନ୍ଦପୁର, ବଡ଼ବିଲ, ଯୋଡ଼ା, ବୀରମିତ୍ରପୁର, ରାଜଗାଙ୍ଗପୁର, ରାଉରକେଲା ଓ ବ୍ୟାସନଗର ପୌର ନିଗମ ସାମିଲ ରହିଛି। ଏହି ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର କରି ଖଣିଜ ଅଞ୍ଚଳର ଯୁବକ/ଯୁବତୀଙ୍କୁ ଖେଳ ବେ?ଦ୍ଧିକତା ଓ ଖେଳ-କୌଶଳ ବିକଶିତ କରାଇବା ପାଇଁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଖଣି ଅଞ୍ଚଳରେ ପରିବେଶ ପରିଚାଳନା ବ୍ୟବସ୍ଥାରେ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଓ ତଥ୍ୟ ଅନୁଶୀଳନର ପ୍ରୟୋଗ ପାଇଁ ୩.୧ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଖଣି ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ଓ ଖଣିଜ ପରିଚାଳନାରେ ତଥ୍ୟ ଭିତ୍ତିକ ନିଷ୍ପତ୍ତି ନେବାରେ ଏହି ପ୍ରକଳ୍ପ ସହାୟକ ହୋଇପାରିବ। ବୈଠକରେ ଉନ୍ନୟନ କମିସନର ପ୍ରଦୀପ କୁମାର ଜେନା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ, କ୍ରୀଡ଼ା ଓ ଯୁବ ବ୍ୟାପାର ଶାସନ ସଚିବ ଭିନିଲ କ୍ରିଷ୍ଣା, ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବ କେ.ମୁରୁଗେସାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉତ୍ତମ ଚିକିତ୍ସା ସୁବିଧାରୁ କେହି ବଞ୍ଚିତ ନ ହୁଅନ୍ତୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲା ଗସ୍ତ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲ୍ଲାର ଟିଟିଲାଗଡ, ପାଟଣାଗଡ ଓ ବଲାଙ୍ଗୀର ଟାଉନ ଗସ୍ତ କରି ସ୍ମାର୍ଟ କାର୍ଡ ବଣ୍ଟନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଟିଟିଲାଗଡରେ ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାରଙ୍କୁ ସ୍ମାର୍ଟ ହେଲ୍ଥ କାର୍ଡ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ସାଢେ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ପାଟଣାଗଡରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ସ୍ମାର୍ଟ ହେଲ୍ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ ବୋଲି ମତ ଦେଇଥିଲେ। ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲଷ୍ଟୋନ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ଦିଆଯାଉଛି। ଏଭଳି ବ୍ୟବସ୍ଥା କରିବାରେ ଓଡିଶା ସାରା ଦେଶର ଏକମାତ୍ର ରାଜ୍ୟ। ସାରା ଓଡିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢେ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଣ୍ଟ ଦରକାର ନାହିଁ। କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ। ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ। ଟଙ୍କା




ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତେ ସୁସ୍ଥରେ ରହିଲେ ହିଁ ରାଜ୍ୟର ପ୍ରଗତି ହୋଇପାରିବ। ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ। ଟିଟିଲାଗଡ-ସଇଁତଳା ବ୍ଲକ୍‌ରେ ସଂପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଥିଲେ। ପାଟଣାଗଡରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ହେବା ସହିତ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଏଠାକୁ ଆସୁଥିବା ଭକ୍ତମାନଙ୍କୁ ଏକ ସୁନ୍ଦର, ଆଧ୍ୟାତ୍ମିକ ଅନୁଭୂତି ଦେବା ପାଇଁ ୫-ଟି କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାଦ୍ୱାରା ଏ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ବୃଦ୍ଧି ହେବ ବୋଲି ସେ କହିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଆମ ସବୁ ବିକାଶର ମୂଳଦୁଆ । ସେଥିପାଇଁ ୫-ଟି କାର୍ଯ୍ୟକ୍ରମରେ ଏହି ଦୁଇଟି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ସବୁ ସରକାରୀ ହସ୍‌ପିଟାଲରେ ସଂପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ୫-ଟିରେ ରାଜ୍ୟର ସ୍କୁଲ ଗୁଡିକର ରୂପାନ୍ତର କରାଯାଉଛି ଓ ପ୍ରଥମ ପର୍ଯ୍ୟାୟରେ ୧୦୭୨ଟି ସ୍କୁଲର ରୂପାନ୍ତର କରାଯାଉଛି ବୋଲି ସେ କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ପରେ ଏହା ହେଉଛି ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଏହାକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହଯୋଗ କାମନା କରି ଏହାଦ୍ୱାରା ବିକାଶ ଓ ସେବା ପାଇଁ ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଟୁକୁନି ସାହୁ, ଦିବ୍ୟଶଙ୍କର ମିଶ୍ର, ସାଂସଦ ସଙ୍ଗୀତା ସିହଦେଓ, ବିଧାୟକ ନରସିଂହ ମିଶ୍ର, ବିଧାୟକ ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା, ମୁକେଶ ମହାଲିଙ୍ଗ, ଓଟିଡିସିର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।




EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ସେପ୍ଟେମ୍ବର - ୩ ଅକ୍ଟୋବର, ୨୦୨୧

# ସଙ୍କଟ ଘନେଇଲେ ଚେତା ପଶେ !

ନିକଟରେ ପ୍ରବଳ ବର୍ଷା ଜଳ ସ୍ରୋତରେ ଜଣେ ଦଶମ ଶ୍ରେଣୀ ଛାତ୍ର ଭାସିଯାଇ ମୃତ୍ୟୁବରଣ କରିବା ଘଟଣାକୁ ରାଜଧାନୀର ସବୁ ମହଲରେ ଦୁଃଖ ପ୍ରକାଶ ପାଇଛି।ବାସ୍ତବିକ ଏହା ଏକ ହୃଦୟ ବିଦାରକ ଘଟଣା। କାରଣ ସ୍ମାର୍ଟ ସିଟି କୁହାଯାଉଥିବା ଭୁବନେଶ୍ୱର ସହରରେ ମୁକୁଳା ପଡିଥିବା ଡ୍ରେନକୁ ନେଇ ଏହି ଅଘଟଣ ଘଟିଲା ବୋଲି ସମସ୍ତେ ଜାଣିଛନ୍ତି। ମୃତ ଛାତ୍ରର ପରିବାର ବର୍ଗ ନିକଟରେ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ପହଞ୍ଚି ସମବେଦନା ଜଣାଉଛନ୍ତି। ହେଲେ ଏଥିରେ ବିରୋଧୀ ବିଜେପି ଓ କଂଗ୍ରେସ ଏହାକୁ ନେଇ ଶାସକ ଦଳ ଉପରେ ବର୍ଷିବା ଆରମ୍ଭ କରିଦେଇଛନ୍ତି। ମୃତ ଛାତ୍ର ଜ୍ୟୋତିପ୍ରକାଶ ବେହେରା ଓରଫ ରାଜାର ଏହି ଦୁଃଖଦ ମୃତ୍ୟୁ ପାଇଁ ସବୁଠି ଶୋକସଭା କରାଯାଉଥିଲା ବେଳେ ବିରୋଧୀ ଦଳ ମାନଙ୍କ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ତେବେ ଏଭଳି ଘଟଣା କ'ଣ ରାଜଧାନୀରେ ନୂଆ ? ନା, ଆଗରୁ ଏଭଳି ଅନେକ ଘଟଣା ଘଟିଥିଲେ ବି କେହି ଏଥିରୁ କିଛି ଶିକ୍ଷାଲାଭ କରିପାରିନାହାନ୍ତି। ସିଏ ସରକାର ହୁଅନ୍ତୁ ବା ଦାୟୀ ବିଭାଗ। ସାଧାରଣ ଜନତା ଚିରାଚରିତ ଢଙ୍ଗରେ ଘଟଣା ସମୟରେ ପରେ କିଛିଦିନ ଏହାକୁ ନେଇ ଅନେକ ଚର୍ଚ୍ଚା କରନ୍ତି। ହେଲେ ସମୟକ୍ରମେ ପ୍ରସଙ୍ଗ ଠାରୁ ସଭିଏଁ ଯେଭଳି ଦୂରେଇଯାଇଥିବା ମନେହୁଏ। ସମସ୍ୟା ସମସ୍ୟା ବାଟରେ, ଲୋକେ ତାଙ୍କ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି। ବିରୋଧୀ ଦଳ ଏଥିରୁ କିଛି ରାଜନୈତିକ ସ୍ୱାର୍ଥ ଖୋଜୁଥିଲା ବେଳେ ଘଟଣା ପଛରେ ଦାୟୀ ଅଫିସର ସୁରକ୍ଷିତ ରହିଯାନ୍ତି। ଦୋଷ କେବଳ ସରକାରଙ୍କ ମୁଣ୍ଡରେ ଯାଏ। ସ୍ୱାଭାବିକ ଭାବେ ଦେଖିଲେ, ସରକାର ହିଁ ଲୋକଙ୍କ ସମସ୍ୟା ସମାଧାନର ମୂଳ ସୂତ୍ର। ସରକାରୀ ବାବୁଙ୍କ ତ୍ରୁଟି ପାଇଁ ହେଉ ବା ଅବହେଳା ପାଇଁ ସରକାର ଦାୟୀ ନିଶ୍ଚିତ। ଯେହେତୁ ପ୍ରତ୍ୟେକ ବିକାଶ ମୂଳକ କାର୍ଯ୍ୟ ପାଇଁ ସରକାରୀ ତହବିଲରୁ ଅର୍ଥ ମଞ୍ଜୁର ହୋଇଥାଏ। ତେଣୁ ସରକାରଙ୍କୁ ଉତ୍ତରଦାୟୀ ବୋଲି ନିଃସନ୍ଦେହରେ କହିପରିବା। ରାଜଧାନୀର ଡ୍ରେନେଜ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଅନେକ ଯୋଜନା ତିଆରି ହେଉଥିଲା ବେଳେ ବାସ୍ତବ କାର୍ଯ୍ୟକାରିତା କାହିଁକି ହୋଇପାରୁନି ତାହା ଅସଲ କାରଣ। ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ଭୁବନେଶ୍ୱରରେ ବର୍ଷା ଜଳ ନିଷ୍କାସନ ହୋଇନପାରିବା ଆଶ୍ଚର୍ଯ୍ୟ ମନେହୁଏ। ଡ୍ରେନେଜ ନିର୍ମାଣ ପୂର୍ବରୁ ବିଭାଗୀୟ ଯନ୍ତ୍ରୀ ପ୍ରସ୍ତୁତ କରୁଥିବା ନକ୍ସାରେ ତ୍ରୁଟି ଯୋଗୁ ଏଭଳି ହେଉନାହିଁ ତ ! ଏମିତି ଅନେକ ପ୍ରଶ୍ନ ଉଙ୍କିମାରୁଥିଲେ ବି ଅସଲ କାରଣ ଖୋଜି ଏହାର ସ୍ଥାୟୀ ନିରାକରଣ ପାଇଁ କାହାର ଆନ୍ତରିକତା ଅଭାବକୁ ନେଇ ମଧ୍ୟ ପ୍ରଶ୍ନ ଉଠେ। ଅନ୍ୟକଥା ହେଉଛି, ବିଭାଗ ଅନୁମୋଦିତ ନକ୍ସା ଅନୁସାରେ ନିର୍ମାଣକାରୀ ସଂସ୍ଥା ବା ଠିକାଦାର ଠିକ କାମ କରିଛନ୍ତି କି ନାହିଁ ଏହାର ତର୍ଜମା କରାଯାଏ କି ? ଅନ୍ୟପକ୍ଷରେ ଡ୍ରେନ ଜମିରେ ବେଆଇନ ନିର୍ମାଣ ଓ ଜବରଦଖଲ ସମସ୍ୟା ହିଁ ଅନ୍ୟତମ କାରଣ। ପ୍ରାକୃତିକ ନାଳ ଯେତେବେଳେ ପୋତିହୋଇଯିବ ଜଳ ନିଷ୍କାସନ ସମସ୍ୟା ନିଶ୍ଚୟ ବଢିବ। ଏହା ସରକାର ଜାଣିଥିଲେ ସୁଦ୍ଧା ପ୍ରାକୃତିକ ନାଳର ପୁନଃରୁଦ୍ଧାର ନହେବା କାରଣକୁ ମଧ୍ୟ ଅନ୍ୟତମ କାରଣ ଭାବେ ଦେଖାଯିବା ଦରକାର। ସରକାରୀ ବିଭାଗ ଗୁଡିକ ମଧ୍ୟରେ ସମନ୍ୱୟ ଅଭାବ ହେତୁ ସମସ୍ୟା ଜଟିଳ ହେଉଥିବା କଥାକୁ ମଧ୍ୟ ବିଚାରକୁ ନେବା ଉଚିତ। କାରଣ ବିଡିଏ ଅନୁମୋଦିତ ନକ୍ସା ଓ ବିଏମସିର ଯୋଜନା ଭିତରେ ପାର୍ଥକ୍ୟ ରହିଲେ ଏଭଳି ସମସ୍ୟା ଉପୁଜିବା ସ୍ୱାଭାବିକ। ହେଲେ ସମସ୍ୟା ଉପୁଜିବା ପରେ ସବୁଠି ତତ୍ପରତା ପ୍ରକାଶ ପାଏ, ପରେ ଏହା ଶିଥିଳ ହୋଇଯାଏ।ଏହି କାରଣ ମଧ୍ୟରୁ ଡ୍ରେନେଜ ସମସ୍ୟା ଗୋଟିଏ।ଅନେକ ସମସ୍ୟାର ସ୍ଥାୟୀ ପ୍ରତିକାର ଦାୟିତ୍ୱ ସରକାରଙ୍କର ହୋଇଥିଲା ବେଳେ ଏକ ଦୀର୍ଘସ୍ଥାୟୀ ସରକାର କାହିଁକି ବିଫଳ ହେଉଛି ତାହା ମଧ୍ୟ ସନ୍ଦେହ ଆଡକୁ ଅଙ୍ଗୁଳି ଉଠାଏ।

ସମ୍ପାଦକୀୟ
ତାରକ ମହାନ୍ତି



ଲୋକଙ୍କୁ ନୂଆ ଉପଲବ୍ଧି ଦେବା ପାଇଁ ଅନେକ ନୂତନ ଯୋଜନା ହେବାରେ ଆପତ୍ତି ନାହିଁ। ହେଲେ ମୌଳିକ ସୁବିଧା ନମିଳିଲେ ଅସନ୍ତୋଷ ବଢିବା ସ୍ୱାଭାବିକ। ଯଥାର୍ଥ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ଶେଷ ହୋଇପାରିବା ସବୁଠୁ ବଡ଼ ନିଷ୍ପତ୍ତି। ଏ ଦିଗରେ ପ୍ରଶାସନ ଉତ୍ତମ ଢଙ୍ଗରେ କାର୍ଯ୍ୟ ନକରିପାରିଲେ ଜଳବନ୍ଦୀ ସମସ୍ୟାରୁ ଭୁବନେଶ୍ୱର ମୁକୁଳିପାରିବା ସହଜ ନୁହେଁ। କାରଣ ବର୍ତ୍ତମାନ ବିଏମସି ଚିହ୍ନଟ କରିଥିବା ବିପଦପୂର୍ଣ୍ଣ ଡ୍ରେନେଜ ପଏଣ୍ଟ ମଧ୍ୟରୁ ଅନେକ ସ୍ଥାନ ଅଧିକ ବିପଦପୂର୍ଣ୍ଣ ବୋଲି ଆଗରୁ ଚିହ୍ନଟ ହୋଇଥିଲେ ସୁଦ୍ଧା କାର୍ଯ୍ୟର ମନ୍ଥରତା ପାଇଁ ସମସ୍ୟା ବଢୁଥିବା ଲୋକେ ଅନୁଭବ କରୁଛନ୍ତି। ପ୍ରାକୃତିକ ନାଳ ଗୁଡିକ ଉପରୁ ଜବରଦଖଲ ହଟାଇ ଏହାକୁ ମୁକ୍ତ ରଖିବା ଉପରେ ପ୍ରାଥମିକତା ଦିଆଯିବା ସହ ନୂତନ ଭାବେ ନିର୍ମାଣ କରାଯାଉଥିବା ଡ୍ରେନ ଗୁଡିକରେ କେତେ ପରିମାଣର ଜଳ ନିଷ୍କାସନ ହେଲେ ଜଳବନ୍ଦୀ ସମସ୍ୟାର ଅନ୍ତ ଘଟିବ ତାହା ଉପରେ ଅଧିକ ଫୋକସ କରିବା ବଦଳରେ ମନ ଇଚ୍ଛା ନିର୍ମାଣ କରିଚାଲିଲେ ଆକଳନ ଭୁଲ ହୋଇଯିବ। ଅଧିକାଂଶ ନିର୍ମିତ ଡ୍ରେନ ଭିତର ସଫା ରହୁନଥିବା କାରଣରୁ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବା ଦୃଷ୍ଟିଗୋଚର ହେଉଛି। ବାଲି, ମାଟି ଦ୍ୱାରା ଅଧିକାଂଶ ଡ୍ରେନ ପୋତି ହୋଇଯାଇଥିଲେ ବି ଏହାର ସଫେଇ ବର୍ଷା ଦିନ ପୂର୍ବରୁ ନହେବା କାରଣରୁ ମଧ୍ୟ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଡ୍ରେନ ସଫେଇ ପରେ ଏଥିରୁ ଯେଉଁ ବାଲି ମାଟି ବାହାରୁଚି, ଅନେକ ସମୟରେ ଏହା ସେହି ଡ୍ରେନ କଡରେ ରହିବା ଫଳରେ ଏହା ପୁନର୍ବାର ବର୍ଷା ଜଳରେ ଭାସି ଯାଇ ସମ୍ପୃକ୍ତ ଡ୍ରେନ ଭିତରକୁ ପ୍ରବେଶ କରୁଛି। ପଲିଥିନର ବ୍ୟାପକ ବ୍ୟବହାର ଉପରେ ରୋକ ଲାଗିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନହେବା କାରଣରୁ ସମଗ୍ର ଅଂଚଳରେ ଏହାର ବ୍ୟବହାର ଚାଲିଛି। ଏହାର ଅନେକ ଭାଗ ଏହି ଡ୍ରେନରେ ଫିଙ୍ଗା ହେଉଥିବା କାରଣରୁ ଏହା ମଧ୍ୟ ଜଳବନ୍ଦୀ କରିବାର ଅନ୍ୟତମ କାରଣ ବୋଲି କୁହାଯାଇପାରେ। ହେଲେ ବିଭିନ୍ନ ଦିଗ ଉପରେ ପରୀକ୍ଷା ନିରୀକ୍ଷା ନକରି କେବଳ ଡ୍ରେନ ତିଆରି କରିଦେଲେ ସମସ୍ୟାର ସ୍ଥାୟୀ ପ୍ରତିକାର ହେବା ଅସମ୍ଭବ ମନେହୁଏ। ତେଣୁ ଦୀର୍ଘମିଆଦି ଯୋଜନା ଜରିଆରେ ଜଳବନ୍ଦୀର ସ୍ଥାୟୀ ପ୍ରତିକାର ଦିଗରେ ପ୍ରଶାସନ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ନଚେତ ବର୍ଷକୁ ବର୍ଷ ବର୍ଷା ଆସିଲେ ରାଜଧାନୀରେ ଜଳବନ୍ଦୀ ସମସ୍ୟା ବଢ଼ିଚାଲିବ। ଏହାର କାରଣ ସହରର ବିଭିନ୍ନ ଅଞ୍ଚଳରେ ଗଢ଼ି ଉଠିଥିବା ନୂତନ କଲୋନୀ, ଗୃହ, ଆପାର୍ଟମେଣ୍ଟ କାରଣରୁ ଖାଲି ଜମି ରହିବନି। ଫଳରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବ। ଏଣୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଶାସନ ଏବେଠାରୁ ଏ ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ୬ ବର୍ଷରେ ୬ଟି ମୁଣ୍ଡ ଗଡିଗଲା ପରି ଆଗକୁ ଆଉ କେତେକ ମୁଣ୍ଡ ଯିବ ତାହା ଏବେଠାରୁ କହିବା ସମ୍ଭବପର ନହେଲେ ବି ମୁକୁଳା ଡ୍ରେନ୍‌ରେ ଘୋଡଣୀ ନ ରହିଲେ ଦୁର୍ଘଟଣା ନିଶ୍ଚୟ ହେବ। ଏ ଦିଗରେ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ କଡା ପଦକ୍ଷେପ ନେବା ସହିତ ଆଗକୁ କିଭଳି ଜଳବନ୍ଦୀ ସମସ୍ୟା ରହିବ ନାହିଁ ସେଥିପାଇଁ ଯୋଜନା କରିବା ଦରକାର।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆମେରିକାର ଆତ୍ମସମର୍ପଣ



ସୌମେନ୍ଦ୍ର ଜେନା

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦୁର୍ବଳ ନୀତି ଯୋଗୁ ଆମେରିକାର ସଂସଦ ଭିତରେ ଏବଂ ସଂସଦ ବାହାରେ ଦେଶର ସରକାର ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି । ଏଥିପାଇଁ ବିଶ୍ୱରେ ଅନେକ ଦେଶର ସୁରକ୍ଷା ପ୍ରତି ଏବେ ସଙ୍କଟ ବୃଦ୍ଧି ପାଇଛି। ଏକଦା ସନ୍ତ୍ରାସବାଦ ବିରୋଧରେ ପ୍ରବକ୍ତା ସାଜିଥିବା ଆମେରିକା ଆଫଗାନିସ୍ଥାନ, ସାଉଦି ଆରବ, ଇରାକ, ୟେମେନ, ସିରିଆ ଆଦି ଦେଶରେ ନିଜର ଦୁର୍ବଳ ନୀତି ଓ ଆଭିମୁଖ୍ୟ ଯୋଗୁ ଏବେ ଅଧିକ ସମାଲୋଚିତ ହେବାରେ ଲାଗିଛି। ଏକଥା ସତ ଯେ ବାଇଡେନଙ୍କ ନିର୍ବାଚନରେ ବିଜୟୀ ହେବା ପଛରେ ନାଲିତାରା (ସାମ୍ୟବାଦୀ) ଏବଂ ନେଳିତାରା (ମୌଳବାଦୀ) ଗୋଷ୍ଠୀର ସମର୍ଥନ ରହିଥିଲା। ଟ୍ରମ୍ପଙ୍କୁ ହରାଇବା ଉଦ୍ଦେଶ୍ୟରେ ନିର୍ବାଚନ ପୂର୍ବରୁ ସେମାନଙ୍କୁ ବାଇଡେନଙ୍କ ଦଳ ପୂର୍ଣ୍ଣ ଉପଯୋଗ କରିଥିଲା। ତେଣୁ ନିର୍ବାଚନ ପରେ ଆମେରିକାର ଏହି ଗୋଷ୍ଠୀଗୁଡିକର ସରକାର ଥିବା ଦେଶ ପ୍ରତି ଆମେରିକା ରାଷ୍ଟ୍ରପତି ନରମ ମନୋଭାବ ରଖିଲେ । ଯେଉଁଥିପାଇଁ ଚୀନ, ପାକିସ୍ଥାନ, ଇରାନ, ରୁଷିଆ, ଉତ୍ତର କୋରିଆ ରାଷ୍ଟ୍ର ସମେତ ସନ୍ତ୍ରାସବାଦୀ ସଂଗଠନଗୁଡିକ ବିରୋଧରେ ବର୍ତ୍ତମାନର ରାଷ୍ଟ୍ରପତି କୌଣସି କଠୋର ପଦକ୍ଷେପ ଗ୍ରହଣ ନକରି ଦେଶ ଭିତରେ କୋରୋନା ନିୟନ୍ତ୍ରଣରେ ବିଫଳ ହେବା ପରି ଦେଶ ବାହାରେ ଅମାନିଆ ଗୋଷ୍ଠୀକୁ ମଧ୍ୟ ନିୟନ୍ତ୍ରଣ କରିବା କ୍ଷେତ୍ରରେ ବିଫଳ ହେଲେ। ଟ୍ରମ୍ପଙ୍କ ସହ ଉତ୍ତମ ସଂପର୍କ ରଖି ଆସିଥିବା ସାଉଦିଆରବ, ଭାରତ, ଇସ୍ରାଏଲ, ଅଷ୍ଟ୍ରେଲିଆ, ବ୍ରିଟେନ ଆଦି ରାଷ୍ଟ୍ରଗୁଡିକ ପ୍ରତି ବାଇଡେନ ଭିନ୍ନ ଆଭିମୁଖ୍ୟ ରଖିବାରୁ ଏହିସବୁ ଦେଶଗୁଡିକ ସହ ଜାପାନ, ଦକ୍ଷିଣ କୋରିଆ ପରି ଦେଶ ଏବେ ଆମେରିକାର ସରକାରଙ୍କୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖିବାକୁ ବାଧ୍ୟ ହୋଇଛନ୍ତି। ଗୋଟିଏ ପଟେ ସନ୍ତ୍ରାସବାଦ ବିରୋଧରେ ଲଢିବାକୁ କହି ଅନ୍ୟପଟେ ଆଫଗାନିସ୍ଥାନର ସନ୍ତ୍ରାସବାଦୀଙ୍କ ସପକ୍ଷରେ କାର୍ଯ୍ୟକରିବା, ସନ୍ତ୍ରାସୀ ସୃଷ୍ଟିକାରୀ ଆମେରିକାର ଅଣନାଟୋ ସହଯୋଗୀ ମାନ୍ୟତା ଲାଭ କରିଥିବା ପାକିସ୍ଥାନର କାର୍ଯ୍ୟପ୍ରତି ଆଖିବୁଜି ଦେବା, ସନ୍ତ୍ରାସବାଦ ବିରୋଧରେ ସହଯୋଗ ଆଳରେ ଅନେକ ଆର୍ଥିକ ଓ ସାମରିକ ସୁବିଧା ଦେବାପରି ପଦକ୍ଷେପକୁ ବିଶ୍ୱରେ ସମାଲୋଚନା କରାଯାଉଛି । ନିଜ ଦୋଷତ୍ରୁଟିକୁ ସ୍ୱୀକାର କରିବା ବଦଳରେ ଆମେରିକା ରାଷ୍ଟ୍ରପତିଙ୍କ ମନ୍ତବ୍ୟକୁ "ଆମେ ଆଫଗାନିସ୍ଥାନରେ ସନ୍ତ୍ରାସବାଦ ବିରୋଧରେ ଲଢୁଥିଲୁ, କିନ୍ତୁ ସରକାରର ସ୍ଥିରତା ପାଇଁ ନୁହେଁ" ବିଶ୍ୱର ଅନେକ ରାଷ୍ଟ୍ରରେ ସମାଲୋଚନା କରାଯାଇଛି । ଅଗଷ୍ଟ ଶେଷ ସପ୍ତାହରେ ସେନା ଫେରାଇ ଆଣିବାର ନିଷ୍ପତ୍ତିର ବହୁ ପୂର୍ବରୁ ସେଠାରେ ୫୦୦୦ ବନ୍ଦୀ ସନ୍ତ୍ରାସବାଦୀଙ୍କୁ ମୁକ୍ତ କରିବା ଜୁଲାଇ ମାସରୁ ଆଫଗାନସେନାଙ୍କୁ ଆକାଶ ମାର୍ଗରୁ ସହାୟତା ଦେବାକୁ ବନ୍ଦ କରିବା, କାହାକୁ କିଛି ନଜଣାଇ ବାଘରାମ ସେନାଘାଟୀକୁ ଛାଡିଦେବା, ଅନେକ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଯୁଦ୍ଧଯାନ, ବିମାନ, ହେଲିକପଟର ଆଦିକୁ ସନ୍ତ୍ରାସବାଦୀଙ୍କ ଉଦ୍ଦେଶ୍ୟରେ ଛାଡିଦେବା ପରି ପଦକ୍ଷେପକୁ କେହି ସହଜରେ ଗ୍ରହଣ କରିପାରିନାହାନ୍ତି । ଏହା ଆମେରିକାର ଆତ୍ମସମର୍ପଣ ବୋଲି କୁହାଯିବା ସହ ବର୍ତ୍ତମାନ ସମୟରେ ବିଶ୍ୱବାସୀଙ୍କୁ ଠକିବା ପରି ହୋଇଛି ବୋଲି କୁହାଯାଉଛି । ଅତୀତରେ କୋରିଆ ଯୁଦ୍ଧ,ଭିଏତନାମ ଯୁଦ୍ଧ ବେଳେ ଆମେରିକା ସେନା ସମାନ ଢଙ୍ଗରେ ଯୁଦ୍ଧ କ୍ଷେତ୍ର ଛାଡି ଆସିଥିଲେ । ଆଗାମୀ ଦିନରେ ଇରାକ ଏବଂ ସାଉଦି ଆରବରେ ଥିବା ଆମେରିକାର ସେନା ନିଜ ଦେଶକୁ ଏଭଳି ପ୍ରତ୍ୟାବର୍ତ୍ତନ କରିବେ ବୋଲି କୁହାଯାଉଛି । ସାଉଦି ଆରବରୁ କ୍ଷେପଣାସ୍ତ୍ର ସୁରକ୍ଷା ବ୍ୟବସ୍ଥାକୁ ଆମେରିକା ନିଜ ଦେଶକୁ ନେଇଯିବା ଯୋଗୁ ଏବେ ସେଠାରେ ଇରାନ ସମର୍ଥିତ ହୁଥୀ ବିଦ୍ରୋହୀଙ୍କ ଆକ୍ରମଣର ଆଶଙ୍କା ବୃଦ୍ଧି ପାଇଲାଣି । ସମାନ ଢଙ୍ଗରେ ଇରାକରୁ ମଧ୍ୟ ଆମେରିକା ସେନା ଦେଶକୁ ଫେରିବେ ବୋଲି କୁହାଯାଉଛି । ଇରାକରେ ଆଇଏସ୍ ଗୋଷ୍ଠୀ ନିକଟରେ ବିସ୍ଫୋରଣ ଗୋଟିଏ ପଟେ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ କଥାରେ କହି ଅନ୍ୟପଟେ ଗଣତନ୍ତ୍ରର ବିରୋଧୀ କାର୍ଯ୍ୟ କରୁଥିବା ରାଷ୍ଟ୍ରଗୁଡିକୁ ନିଜର ସହଯୋଗୀ ରାଷ୍ଟ୍ରଭାବେ ଗ୍ରହଣକରି ଚଳିବା ନୀତି ପାଇଁ ଆମେରିକାର ଦୋମୁହାଁ ଚରିତ୍ର ସମାଲୋଚିତ ହେଉଛି । ଆଫଗାନିସ୍ଥାନରେ ୮୧ ବିଲିଅନ, ଇରାକରେ ୫୦୦ ବିଲିଅନ, ସିରିଆରେ ୭୫୦ ବିଲିଅନ ଡଲାର ମୂଲ୍ୟର ଆମେରିକାର ଯୁଦ୍ଧାସ୍ତ୍ରର ହିସାବ ଏପର୍ଯ୍ୟନ୍ତ ମିଳିପାରିନାହିଁ । ଅନ୍ୟ ଅର୍ଥରେ କହିଲେ ଏହି ମୂଲ୍ୟର ଅସ୍ତ୍ର ହୁଏତ ଚୋରାରେ ଅନ୍ୟ କୌଣସି ଠାରେ ସନ୍ତ୍ରାସବାଦ ବୃଦ୍ଧି ପାଇଁ ଆମେରିକା ପକ୍ଷରୁ ଚାଲାଣ କରାଯିବା ସମ୍ଭବ ବୋଲି କୁହାଯାଉଛି । ଅତୀତରୁ ଆଜିଯାଏ ଯେଉଁ ସବୁ ସ୍ଥାନରେ ଆମେରିକା ସେନା ଯୁଦ୍ଧ ଲଢି ଆସିଛନ୍ତି କୌଣସିଠାରେ ବିଶ୍ୱାସ ଯୋଗ୍ୟ ହୋଇ ରହିପାରିନାହାନ୍ତି । ଆମେରିକା ସରକାରଙ୍କ କାହାକୁ ବିଶ୍ୱାସ ନକରିବା ନୀତି ଯୋଗୁ ଏହିସବୁ ରାଷ୍ଟ୍ରରେ ଆମେରିକା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି । ଭିଏତନାମ, ଇରାକ, ଆଫଗାନିସ୍ଥାନ ଆଦି ଏହାର ପ୍ରମାଣ ।

ମଧ୍ୟ ପ୍ରାଚ୍ୟରେ ପାଲେଷ୍ଟାଇନ ସନ୍ତ୍ରାସବାଦ ବିରୋଧରେ ଦୀର୍ଘଦିନ ଧରି ଇସ୍ରାଏଲ ସେନା ଲଢି ଆସୁଛନ୍ତି । ଇରାନର ପରମାଣୁନୀତି ବିରୋଧରେ ଇସ୍ରାଏଲର ମୋସାଦ ଅନେକଥର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପଡୋଶୀ ଲେବାନନ, ପାଲେଷ୍ଟାଇନ ସାଉଦି ଆରବ ସହ ଇସ୍ରାଏଲ ସେନା ଆଜି ଯାଏ ଲଢି ଆସିଛନ୍ତି । କିନ୍ତୁ ବାଇଡେନ କ୍ଷମତାକୁ ଆସିବା ପରେ ଇସ୍ରାଏଲ ବିରୋଧୀ ମନ୍ତବ୍ୟ ଦେଇ ଇସଲାମିକ ମୌଳବାଦୀ ଗୋଷ୍ଠୀଗୁଡିକର ନିକଟତର ହୋଇଛନ୍ତି । ସେମିତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା, ଶ୍ରେଷ୍ଠ ନେତୃତ୍ୱ ଦକ୍ଷତାକୁ ଆମେରିକା ଗ୍ରହଣ କରିପାରିନାହିଁ । ବାଇଡେନ ପ୍ରଶାସନ ଗୋଟିଏ ପଟେ ପ୍ରତିରକ୍ଷା ସାମଗ୍ରୀ ଭାରତକୁ ବିକ୍ରି କରିବା ଉପରେ ଜୋର ଦେଲାବେଳେ ନିଜ ଦେଶର ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମଗୁଡିକୁ ମୋଦି, ହିନ୍ଦୁଧର୍ମ ଏବଂ ଭାରତର ବ୍ୟବସ୍ଥା ବିରୋଧରେ ବ୍ୟାପକ ମନ୍ଦ ପ୍ରଚାର ପାଇଁ ସମସ୍ତ ସୁଯୋଗ ପ୍ରଦାନ କରିଛନ୍ତି । ଆମେରିକାର ଶାସନ, ପ୍ରଶାସନ, ସୁରକ୍ଷା, ବିଜ୍ଞାନ ଓ ଅର୍ଥନୀତି କ୍ଷେତ୍ରରେ ଭାରତୀୟଙ୍କ ପ୍ରଭାବବୃଦ୍ଧିକୁ ବାଇଡେନ ପ୍ରଶାସନ ସହଜଭାବେ ଗ୍ରହଣ କରିନାହିଁ । ସେଥିପାଇଁ ଖ୍ରୀଷ୍ଟିଆନ ଏବଂ ଇସଲାମ ସଂପର୍କରେ ଆଲୋଚନା କରୁନଥିବା ଆମେରିକା ଏବେ ଡିସ୍‌ମାଣ୍ଟଲିଂ ହିନ୍ଦୁତ୍ୱ ବିଷୟରେ ଆନ୍ତର୍ଜାତିକ ୱେବିନାର ଆୟୋଜିତ ହୋଇଛି । ଆମେରିକାର ଗଣମାଧ୍ୟମରେ ପ୍ରତିଦିନ ଭାରତ ବିରୋଧରେ ବ୍ୟାପକ ପ୍ରଚାର ହେଉଛି । ପୃଥିବୀରେ ମାନୁଫାକ୍‌ଚରିଂ ହବ ସ୍ଥାପନ କ୍ଷେତ୍ରରେ ଭାରତ ସବୁଠୁ ଆଗରେ ରହିବା, କୋରୋନା କାଳରେ ଚାପ ସତ୍ତ୍ୱେ ସକାରାତ୍ମକ ଅର୍ଥନୀତି ଚାଲୁରହିବା ଧାରାକୁ ବାଇଡେନ ପ୍ରଶାସନ ଈର୍ଷା କରିବାରେ ଲାଗିଛି। ଅଥଚ ଅଷ୍ଟ୍ରେଲିଆ ପରି ଆମେରିକାର ନିକଟ ସହଯୋଗୀ ରାଷ୍ଟ୍ର ଇସ୍ରୋର ଗଗନଯାନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଛି । ମାଲେସିଆ ସରକାର ତେଲ ବଦଳରେ ଭାରତରୁ ତେଜସ ଯୁଦ୍ଧ ବିମାନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଫିଲିପାଇନ୍ସ, ଭିଏତନାମ କର୍ତ୍ତୃପକ୍ଷ ଭାରତରୁ କ୍ଷେପଣାସ୍ତ୍ର କ୍ରୟ ପାଇଁ ଆଗ୍ରହ ଦେଖାଇଛନ୍ତି। ନାଟୋ ମେଣ୍ଟରେ ଥିବା ଅନେକ ରାଷ୍ଟ୍ର ଆମେରିକା ଉପରେ ଅଧିକ ଭରସା କରିପାରୁନାହାନ୍ତି। ଇଟାଲୀ, ଜର୍ମାନୀ ପରି ଅନେକ ଦେଶ ଆମେରିକାର ଶତ୍ରୁ ରାଷ୍ଟ୍ର ରୁଷିଆ ସହ ଆର୍ଥିକ ସଂପର୍କକୁ ବୃଦ୍ଧି କରିବାରେ ଲାଗିଛନ୍ତି । ଚୀନ ସରକାର ବାରମ୍ବାର ଆମେରିକା ବିରୋଧୀ ପଦକ୍ଷେପ ନେଲେ ମଧ୍ୟ ବାଇଡେନ ସରକାର ଆଜିଯାଏ ଚୀନର ଅଧିକ କ୍ଷତି କରିପାରିନାହାନ୍ତି। ଅପରପକ୍ଷେ ଚୀନ ଆମେରିକାର ଅନେକ ଅନୁଷ୍ଠାନରେ ନିଜର ଗୁପ୍ତଚରକୁ ନିଯୁକ୍ତି ଦେଇ ଗବେଷଣା ପ୍ରତିଷ୍ଠାନ ଗୁଡିକରୁ ତଥ୍ୟ ଚୋରିରେ ଲାଗିପଡିଛି।

କହିବାକୁ ଗଲେ ଆମେରିକା ଏବେ ନିଜର ଶତ୍ରୁମାନଙ୍କୁ ନିକଟରେ ଏକ ପ୍ରକାର ଆତ୍ମସମର୍ପଣ କରିଛି ବୋଲି କହିଲେ କିଛି ଭୁଲ ହେବ ନାହିଁ । ଅନେକ କ୍ଷେତ୍ରରେ ଦୁର୍ବଳତା ଯୋଗୁ ବିଶ୍ୱରେ ଆମେରିକାର ସମ୍ମାନ ଉପରେ ଆଞ୍ଚ ଆସିଛି। ଅତୀତରେ ଅନେକ ଦେଶରେ ଡବଲଗେମ ଖେଳ ସଫଳ ହୋଇଥିବା ଆମେରିକାର ଚାଲକୁ ଅନେକ ଦେଶ ବୁଝିବାରେ ସକ୍ଷମ ହେଲେଣି। ଗତ ରାଷ୍ଟ୍ରପତି ନିର୍ବାଚନ ସମୟରେ ଆମେରିକାର ଜେନେରାଲ ମାର୍କ ମିଲେ ଚୀନର ଜେନେରାଲଙ୍କୁ ଫୋନ କରି ଆମେରିକା ଚୀନ ସହ ଯୁଦ୍ଧ କରିବାକୁ ଯାଉନାହିଁ ବୋଲି ପ୍ରକାଶ କରିଥିଲେ। କାରଣ ନିର୍ବାଚନ ପାଇଁ ଟ୍ରମ୍ପ ଯୁଦ୍ଧ କରିବାର କରିବାର ଆଶଙ୍କା ଚୀନ ମନରେ ରହିଥିଲା । ତେଣୁ ମିଲେ ଟ୍ରମ୍ପଙ୍କୁ କିଛି ନଜଣାଇ ଦୁଇଥର ଚୀନ ସେନାଧିକାରୀ ଲି ଓଚେଙ୍ଗଙ୍କ ସହ କଥା ହେବାକୁ ଆମେରିକା ସେନାର ଶତ୍ରୁ ରାଷ୍ଟ୍ର ଚୀନ ନିକଟରେ ଆତ୍ମସମର୍ପଣ କରିବା ସହ ସମାନ ବୋଲି କୁହାଯାଉଛି। ନିକଟରେ ପ୍ରକାଶିତ ପେରିଲ ଶୀର୍ଷକ ପୁସ୍ତକରେ ସାମ୍ବାଦିକ ବବ୍ ଉଡ୍‌ୱାର୍ଡ ଏବଂ ରବର୍ଟ କୋଷ୍ଟା ଏହା ପ୍ରକାଶ କରିଛନ୍ତି। ଅକ୍ଟୋବର ୩୦,୨୦୨୦ ଏବଂ ୮ ଜାନୁଆରୀ ୨୦୨୧ରେ ମିଲେ ଏହି ଫୋନ ଲିଓଚେଙ୍ଗଙ୍କୁ କରିଥିଲେ। ଆମେରିକା ଅନେକ କ୍ଷେତ୍ରରେ ଏବେ ଶତ୍ରୁ ଦେଶ ପାଖରେ କ୍ରମଶଃ ଆତ୍ମସମର୍ପଣ କରିବାରେ ଲାଗିଥିବା କଥା ଯାହା କୁହାଯାଉଛି ତାହା ସତ୍ୟ ଓ ବିଶ୍ୱାସଯୋଗ୍ୟ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର-୩*

# ସଂହାର ନୁହେଁ ସଂସ୍କାର ହେଉ




ଉତ୍କଳାନନ୍ଦ ଅଜୟ କୁମାର ବେହେରା

'ପରମାଣୁ ଅସ୍ତ୍ର' କାହିଁକି ପ୍ରସ୍ତୁତ ହେଉଛି ? ପ୍ରତ୍ୟେକ ବ୍ୟକ୍ତିର ଭବିଷ୍ୟତ ବଂଶଧର ଚିନ୍ତା କଣ ମୁଣ୍ଡରୁ ଚାଲିଯାଉଛି ? ଅତୀତ ଯାହା ଏ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରରେ ସୁଦୃଶ୍ୟ ତାକୁ କଣ ଧ୍ୱଂସ କରିଦେଲେ ମନଶାନ୍ତି ହୋଇଯିବ ? ପୃଥିବୀରେ ସ୍ଥିତି ମାନବ କୁଆଡ଼େ ସ୍ଥାୟୀ ବୁଦ୍ଧିମାନ ଜୀବ। ଏହାର ଜୀବ ଧାରଣର ମାନ ସବୁ ଜୀବ ଠାରୁ ଭିନ୍ନ ମାତ୍ର ବାଘ, ସିଂହ ପରି ଜୀବ ତୃଣଭୋଜୀଙ୍କୁ ମାରି ଖାଇବା ଜଙ୍ଗଲ କାନୁନ ମାନବ ମୁଣ୍ଡରେ କେମିତି ବଳବତ୍ତର ହେଉଛି। ଏକ ଦେଶର ପ୍ରଜା ଅନ୍ୟ ଦେଶର କେବେ ଶତ୍ରୁ ନୁହଁନ୍ତି। ମାତ୍ର ଦେଶର ଶାସନରେ ଥିବା ଅଧିନାୟକଙ୍କ ଦୁର୍ବୁଦ୍ଧି ଦେଶ ଦେଶ ଭିତରେ ଶତ୍ରୁତା ସୃଷ୍ଟିକରି ପ୍ରଜାନାଶ, ସମ୍ପତ୍ତିନାଶ ଏପରିକି ପ୍ରକୃତିର ନକ୍ସା ବଦଳାଇ ଦେଉଛନ୍ତି। ପର୍ବତ, ପାହାଡ଼, ଉଚ୍ଚ ସ୍ଥାନରୁ ପାଣି ତଳକୁ ଗଡ଼ିବ, ସମତଳ ଅଞ୍ଚଳ ଖାଲ ଅଞ୍ଚଳ ଟାଙ୍ଗର ଅଞ୍ଚଳ ସବୁଆଡ଼େ ଏକ ପ୍ରକାର ଶସ୍ୟ ଫସଲ ଦ୍ରବ୍ୟ ଆମଦାନୀ ହୁଏନାହିଁ। ମନୁଷ୍ୟର ବ୍ୟବହାର ଆବଶ୍ୟକ ଦ୍ରବ୍ୟରେ ଯାହା ନିହାତି ଦରକାର ତାର ମୌଳିକ ପୂରଣ ପାଇଁ ସମସ୍ତଙ୍କୁ ଅନ୍ନ ବସ୍ତ୍ର ବାସଗୃହ ପେୟ ଦ୍ରବ୍ୟ ଆବଶ୍ୟକ। ଗହମ, ଧାନ କେଉଁଠି ଚାଷ ହେଲେ ସର୍ବତ୍ର ଲୋକ ରୁଟିଭାତ ଖାଉଛନ୍ତି ଏପରି ଅନେକ ଜିନିଷ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଆସୁଛି। ଯଦି ଉତ୍ପାଦନ ସ୍ଥାନକୁ ନଷ୍ଟକରିବ, ହାଟ ବଜାରକୁ ନଷ୍ଟ କରିବ, ପରିଶ୍ରମ କରିବା ଶକ୍ତିକୁ ନଷ୍ଟକରିବ, ତେବେ ପରୋକ୍ଷ ନିଜେ ନଷ୍ଟ ହେବା ପଥ ଡାକି ଆଣିବ କାହିଁକି ? ଜଳ, ସ୍ଥଳ, ଆକାଶ ସବୁଠାରେ ବର୍ତ୍ତମାନ ଅବିଶ୍ୱାସ, ଅନ୍ୟକୁ ମାରି ନିଜେ ବଞ୍ଚିବା ମୋହ ଜନାଧିନାୟକ ମାନଙ୍କୁ ଘାରିଛି। ଯୁଗ ବଦଳିଛି ମହାଭାରତ ଯୁଗ ପର ସମୟରୁ ସଞ୍ଜୟ ଦିବ୍ୟଚକ୍ଷୁରେ ଅନ୍ଧରାଜ ଧୃତରାଷ୍ଟ୍ରଙ୍କ ଆଗରେ ମହାଭାରତ ଯୁଦ୍ଧର ଧାରା ବିବରଣୀ ନିଜେ ଦେଖି ଭାଷାରେ ବର୍ଣ୍ଣନା କରୁଥିଲେ ଏବେ ସମସ୍ତେ କ୍ୟାମେରାରେ ସର୍ବତ୍ର ସଂଗ୍ରହ ଧାରା ବିବରଣୀ ଦେଖିଲେଣି। ଗୁପ୍ତ ଆଉ କିଛି ରହିବ ଏକଥା ସମସ୍ତ ମନରୁ ବାଦ ଯିବା ଉପଲବ୍ଧ। ସମୁଦ୍ରରେ ଚକ୍ରବାତ ତାହା ଲୋକ ଦେଖି ପାରୁଛନ୍ତି। ଗର୍ଭରେ ପିଲା କେମିତି ରହିଛି ଓ ତାର ଲିଙ୍ଗ ଜାଣିପାରୁଛନ୍ତି। ଚୋର ଚୋରୀବେଳେ ତଥ୍ୟ ରେକର୍ଡ଼ ହୋଇ ଚୋର ଧରାପଡ଼ିବା ମାର୍ଗ ଖୋଲିଲାଣି। ଡ୍ରୋନ୍ କ୍ୟାମେରାରେ ପୋଲିସ କାନୁନ ଭଙ୍ଗକାରୀଙ୍କୁ ଚିହ୍ନି ଦଣ୍ଡ ଦେଲେଣି। ଉପଗ୍ରହ କ୍ୟାମେରାରେ ଗତିବିଧି ଏକ ଦେଶର ସୈନ୍ୟ ଅନ୍ୟ ଦେଶର ସୈନ୍ୟ ଗୋଷ୍ଠୀ ଜାଣିଲେଣି। ମାଟିତଳେ କେଉଁଠି କ'ଣ ଅଛି ତାହା ଜଣା ଗଲାଣି। ପ୍ରତି ସରକାର ତାଙ୍କର ପ୍ରଜାଙ୍କ କ୍ଷେତ୍ରରେ କେତେ ଗଛ ଫଳଫୁଲ ଫସଲ ଘରବାଡ଼ି ଅଫିସରେ ବସି ନଥି କରିବା ସ୍ଥିର ହେଲାଣି। କିଏ ବ୍ୟାଙ୍କରେ ଟଙ୍କା ଜମା କରୁଛି ଟଙ୍କା ଉଠାଉଛି ତାହା ଧରାପଡ଼ିଲାଣି। ଗୋଟିଏ ସଂଖ୍ୟା ଧାର୍ଯ୍ୟରୁ ତାର ସମ୍ପତ୍ତି ପରିବାର ଅର୍ଜନ ସ୍ଥିତି ଏବେ ଧରାପଡ଼ିଲାଣି। ଅତଏବ ଯଦି ସ୍ୱାର୍ଥପର ଶକ୍ତି ବଳବତ୍ତର ହୋଇ ଦୁଷ୍ଟବୁଦ୍ଧି ବାହାରେ ନିମିଷକେ ସଂହାର ହୋଇଯିବ।

ତୃଣମୂଳ ପରିଚିତି ଆବଶ୍ୟକ। ବିଗତ ଅବତାର ପୁରୁଷମାନେ ଏହାକୁ ଚିହ୍ନି ମୂଳକୁ ସଂହାର କରିଥିଲେ। ରାବଣଙ୍କ ସହାରରେ ରାବଣ କାନୁନ ଯାଇଥିଲା। ବିଭୀଷଣ କାନୁନ ଲାଗୁ କରାଯାଇଥିଲା। ବାଳୀଙ୍କ ସଂହାରରେ ଯାଇ ନ୍ୟାୟ ସୁସ୍ଥ ଶାସନ ସୁଗ୍ରୀବଙ୍କ ଦ୍ୱାରା ସଂଚାଳିତ ହୋଇଥିଲା। ଅଶିକ୍ଷିତ, ଅସଂଗଠିତ, ବିଶୃଙ୍ଖଳ ବାନର ଗୋଷ୍ଠୀଙ୍କୁ ସୁସଙ୍ଗଠିତ କରି ବିରାଟ ଲଢ଼ାଇରେ ସାମିଲ କରାଯାଇଥିଲା ସାଗରରେ ବନ୍ଧ ବନ୍ଧା ଯାଇଥିଲା। ରାଜଶକ୍ତିକୁ ଧମକ ଅସ୍ତ୍ରରେ ଗୁଣ୍ଡା ଶାସନ (ଅଷ୍ଟମଲ୍ଲ, ଅଷ୍ଟଦିଗର ମଲ୍ଲ)କୁ ଅନ୍ତ ପାଇଁ ଶ୍ରୀକୃଷ୍ଣ ବଳରାମଙ୍କ ଅବତାର। ସୀମାପାରୀ ଶସନରେ କଂସ ଅଗ୍ରଣୀ। ପୂର୍ବେ ନଦୀ ପର୍ବତ ରାଜ୍ୟ ସୀମା ଧାର୍ଯ୍ୟରେ ଆସୁଥିଲା। ଯମୁନା ଅପରପଟରେ ରାଜ କରି ଖଜଣା ଆଦାୟ ଚିନ୍ତା କଂସ ବଳବତ୍ତର ଥିଲା। କ୍ଷେପଣାସ୍ତ୍ର ଧମକ ପାଇଁ କଂସ ଧନୁଘର ବସାଇ ଉତ୍‌କ୍ଷେପଣରେ ଅସ୍ତ୍ରକୁ ପ୍ରାଧାନ୍ୟ ଦେଇଥିଲେ। ହେଲେ ଧନୁଯାତ୍ରାରେ ଶ୍ରୀକୃଷ୍ଣ ବଳରାମ ତାକୁ ନଷ୍ଟ କରିଦେଇଥିଲେ। ଶକ୍ତିଶାଳୀ ମଲ୍ଲ ଦ୍ୱାରା ହାତୀ ଦ୍ୱାରା ଲୋକେ ଜାଣୁଥିବା ଶକ୍ତିଶାଳୀ ପୁରୁଷକୁ ହଟାଇବାକୁ ଯେଉଁ ଫେର କଂସ କରିଥିଲେ ତାହା ଏଇ କୃଷ୍ଣ ବଳରାମ ପଣ୍ଡ କରିଥିଲେ। କଂସଙ୍କ ଶ୍ୱଶୁର ମଗଧ ରାଜ ଜରାସନ୍ଧ, ଏହାଙ୍କ ପୃଷ୍ଠପୋଷକରେ କଂସ ନିଜକୁ ଆହୁରି ନିର୍ଭୟ ମନେକରୁଥିଲେ। ଜରାସନ୍ଧ ଅନେକ ଜମିଦାର ଛୋଟ ଛୋଟ ରାଜ୍ୟର ଅଧିକାରୀଙ୍କୁ ବନ୍ଦୀ କରିଥିଲେ। ତାଙ୍କର ବି ମେରି ରାୟ ଅନେକ ଉଦ୍‌ଯୋଗୀ ଶ୍ରମଜୀବୀ ଯଦି ପ୍ରକୃତି ସପକ୍ଷ ରହିଥାଏ ଓ ତାଙ୍କର ବଡ଼ ଧରଣର ଖର୍ଚ୍ଚର ସମୟ ନଥାଏ ତେବେ ସେ ଶ୍ରମଲଗ୍ନ ଧନରୁ ଛୋଟରୁ ବଡ଼ ହେବାରେ ଲାଗିଥାନ୍ତି। ମାତ୍ର ଏକ ଡାହାଣୀ ଶକ୍ତି ସର୍ବଦା ଅଛି ସେ ଉଦ୍‌ଯୋଗୀର ଆୟ ଧନ ସମ୍ପତ୍ତି ଉପରେ ଦୃଷ୍ଟି ରଖେ। ଡାହାଣୀ କେବଳ ଭୂତପ୍ରେତ ଅଶରୀରୀ ନୁହନ୍ତି ଜୀବନ ମନୁଷ୍ୟ ବି ହୋଇପାରନ୍ତି ଯେଉଁମାନେ କଞ୍ଚା ଖାଇ ଡାହାଣୀରେ ଆସନ୍ତି। ଏମଧ୍ୟରେ ବିନା ଶ୍ରମରେ ଧନୀ ସମ୍ପତ୍ତିବାନ ହେବା ଲୋକମାନେ ଆସନ୍ତି। ଶ୍ରମ ଏକ ବାହାନା ଖୋର ବି ଆସନ୍ତି। ଟିକେ ପଦବୀ ରାଜ ମୋହରେ ଥିଲେ ବା କେଉଁ ଦାଦାଗୁଣ୍ଡାଗିରି କରୁଥିବାଙ୍କ ବାହୁଛାୟା ଆଶ୍ରିତମାନଙ୍କର ଏମିତି ଡାହାଣୀ ଦୃଷ୍ଟି ଅଛି। ଆଜି ଯେଉଁ ଲାଞ୍ଚ କାରବାର ସୁପାରୀ କାରବାର ଚାଲିଛି ଏଥିରେ ଡାହାଣୀ ଦୃଷ୍ଟି ଅଛି। ଜରାସନ୍ଧ ଏମିତି ଡାହାଣୀ ଦୃଷ୍ଟି ଛୋଟ ଛୋଟ ଜମି ମାଲିକଙ୍କୁ ବନ୍ଦୀ କରିବା ସହିତ ମୁଖ ବନ୍ଦ ରଖିଥିଲା। ଏକ ପ୍ରକାର ନିଗଡ଼ ଜେଲ ଭୋଗାଉଥିଲା। ତାଙ୍କ ଜାମାତା ଯୁବକ ଉପଭୋଗ ମୋହ ଏତେ ପ୍ରବଳ ଯେ ସେ ପିତାଙ୍କୁ ହଠାତ ସିଂହାସନ ଅଧିକାର କରିଥିଲା। ଭଗବାନ ବିଗତ ତିନି ଯୁଗରେ ସଂହାର ଲୀଳା ଚଳାଇ ତୃଣମୂଳ ସ୍ତର ଅଶାନ୍ତି ସ୍ରଷ୍ଟାକୁ ଶେଷ କରିଥିଲେ। ମାତ୍ର କଳିଯୁଗରେ ଯେତେ ବ୍ୟକ୍ତି ସେତେ ମତ ସେତେ ପଥ ଅନେକ ତୃଣମୂଳ। ଏହାକୁ ସଂହାର ଦ୍ୱାରା ଠିକ୍ କରିବା ମୁସ୍କିଲ। ଭଗବାନ ସଂସ୍କାର ପାଇଁ ବାହାରୁଛନ୍ତି। ସେ କଲ୍‌କୀ କଳଯନ୍ତ୍ର ଆଗ ଆସିଗଲାଣି। କଳଯନ୍ତ୍ରରେ ଗୁପ୍ତଆଡ଼ା ଧରିବା ପଦ୍ଧତି ଆସ୍ତେ ଆସ୍ତେ ଜଣା ପଡ଼ିବା ତଥ୍ୟ ହାସଲ ହେବାରେ ଲାଗିଛି। କାହାର କେତେ ଧନ ଅର୍ଜନ, ସଞ୍ଚୟ କେତେ ସମ୍ପତ୍ତି ଅଛି କେଉଁଠିକୁ ଯାଉଛି ସବୁ ଯନ୍ତ୍ର ଧରିବା ସକ୍ଷମ। ଅତଏବ ଏହି କଲ୍‌କୀ ହିଁ ଏଇ ଯନ୍ତ୍ର ମାର୍ଫତ ଲୋକଙ୍କୁ ସଂସ୍କାର କରିବେ। ଯେମିତି ଆରମ୍ଭ ବିଶ୍ୱବିଦ୍ୟାଳୟ, ବିଦ୍ୟାଳୟ ନଯାଇ ଘରେ ପାଠପଢ଼ିବା ଧାରା ଲାଗୁ ହୋଇଗଲାଣି। ଟେଲି-ମେଡ଼ିସିନରେ ଚିକିତ୍ସା କର ଆଦାୟ କର ଭରିଣା ସବୁ ଯନ୍ତ୍ର ମାର୍ଫତ ହେବାରେ ଲାଗିଲାଣି। ଆଉ କେଇପଦ ପରେ ସଂସ୍କାର ଶେଷ ପାହାଚ ଧରାପଡ଼ିଯିବ।

*ସମ୍ପାଦକ 'ନିୟତି'*
*ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

# ହ୍ୟାମଷ୍ଟ୍ରିଙ୍ଗ କ୍ରେମ୍ପସ



ପ୍ରଫେସର ଡାକ୍ତର ମଦନମୋହନ ସାହୁ

ଆମ ଶରୀର ଚଳପ୍ରଚଳ ସମୟରେ ଓ ଶୋଇବା ସମୟ ବି ବିଶ୍ରାମ ନେବାବେଳେ ଅନେକ ଅଙ୍ଗ ସ୍ୱାଭାବିକ ଭାବେ କାର୍ଯ୍ୟ କରିଥାନ୍ତି। ଯାହାକି ଏକ ସ୍ୱାସ୍ଥ୍ୟଗତ କ୍ଷେତ୍ରର ସ୍ୱାଭାବିକ ପ୍ରକ୍ରିୟା। ସେହିପରି ବେଳେ ବେଳେ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଅସ୍ଥି ର ଶାରୀରିକ ପାର୍ଶ୍ୱପ୍ରତିକ୍ରିୟା, ଦୁର୍ବଳତା ଓ ବିନ୍ଧା ଯନ୍ତ୍ରଣା ପ୍ରାଥମିକ ସମୟରେ ଏହାକୁ ଗୁରୁତ୍ୱ ଦେଇ ଚିକିତ୍ସା ନକଲେ ପରବର୍ତ୍ତୀ ସମୟରେ ଏହା ଘାତକ ସାବ୍ୟସ୍ତ ହୋଇଥାଏ। ଅନେକ କ୍ଷେତ୍ରରେ ଦେଖନ୍ତୁ, ବେଳେବେଳେ ରାତିରେ ଶୋଇବା ବେଳେ ଜଙ୍ଘର ପଛପଟ ଅଂଶରେ ପ୍ରବଳ ଯନ୍ତ୍ରଣା ହୁଏ। ମାଂସପେଷୀ ଟାଣିହୁଏ, ସଂକୁଚିତ ହୋଇଥାଏ। ଗଣ୍ଠି ପଡ଼ିଲା ଭଳି ମନେହୁଏ। ଏହାକୁ କୁହାଯାଏ ହ୍ୟାମଷ୍ଟ୍ରିଙ୍ଗ କ୍ରେମ୍ପସ୍। ଏହା ଏକ ସାଧାରଣ ସମସ୍ୟା। ମାତ୍ର ଅଧିକ ଦିନ ଲାଗି ରହିଲେ ଡାକ୍ତରଙ୍କ ସହ ପରାମର୍ଶ ଅତ୍ୟନ୍ତ ଜରୁରୀ।

ଜଙ୍ଘର ପଛପଟ ଅଂଶରେ ଯନ୍ତ୍ରଣା ହେବା, ମାଂସପେଷୀ ଟାଣି ଧରିବା, ସଙ୍କୁଚିତ ହେବା ଏକ ସାଧାରଣ ସମସ୍ୟା। ଖେଳକୁଦ, ଚଲାବୁଲା କିମ୍ବା ଦୌଡ଼ି ସାରିବା ପରେ ଅଧିକାଂଶ ଲୋକଙ୍କ ନିକଟରେ ଏହି ସମସ୍ୟା ଦେଖାଦିଏ। ଏହା ମାଂସପେଷୀ ସହ ଜଡ଼ିତ ଏକ ସାଧାରଣ ସମସ୍ୟା। ବେଳେବେଳେ ଏହି କାରଣରୁ ମାଂସପେଷୀରେ ଗଣ୍ଠି ମଧ୍ୟ ସୃଷ୍ଟି ହୁଏ। ବେଳେବେଳେ ଚଲାବୁଲା, ଦୌଡ଼ ଖେଳକୁଦରେ ସାମିଲ ହେବା ଭଳି ଶାରୀରିକ ଗତିବିଧି ବିନା ମଧ୍ୟ ଅନେକେ ଏହି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏ ସମସ୍ୟାର ସଠିକ୍ କାରଣ ଏ ଯାଏଁ ଜଣା ପଡ଼ିନାହିଁ। ଡିହାଇଡ୍ରେସନ୍, ମାଂସପେଷୀରେ ସଂକୋଚନ ଏବଂ ଆଘାତ ଲାଗିବା ମଧ୍ୟ ଏହି ଯନ୍ତ୍ରଣାର କାରଣ ହୋଇପାରେ।। ଅଧିକାଂଶ ଲୋକ ରାତିରେ ଶୋଇବାବେଳେ ଏହି ଯନ୍ତ୍ରଣା ଭୋଗିଥାନ୍ତି। ବ୍ୟାୟାମ କରିବା, ଦୌଡ଼ିବା ପରେ ଶରୀରରେ ଜଳ କମିଯିବା ବା ଡିହାଇଡ୍ରେସନ୍ କାରଣରୁ ଖଣିଜ, ଇଲେକ୍ଟ୍ରୋଲାଇଟସ୍, ମଧୁମେହ, କିଡ୍‌ନୀ ରୋଗ, ଥାଇରଏଡ, ବୟସ ବୃଦ୍ଧିଜନିତ ମାଂସପେଷୀ ଦୁର୍ବଳ ହୋଇଯିବା କାରଣରୁ ହ୍ୟାମଷ୍ଟ୍ରିଙ୍ଗ କ୍ରେମ୍ପସ ସମସ୍ୟା ଉପୁଜିଥାଏ।


ହ୍ୟାମଷ୍ଟ୍ରିଙ୍ଗ କ୍ରେମ୍ପସ୍ ବା ଜଙ୍ଘର ପଛ ଅଂଶରେ ଯନ୍ତ୍ରଣା ଯେ କୌଣସି ସମୟରେ ଯାହାକୁ ବି ହୋଇପାରେ। ଏହି ଯନ୍ତ୍ରଣା ଆରମ୍ଭ ହେବା ପରେ ଜଙ୍ଘର ପଛ ଅଂଶ ଟାଣିହେବା, ସଂକୁଚିତ ହେବା ଭଳି ଅନୁଭବ ହୋଇଥାଏ। ପରେ ଧୀରେ ଧୀରେ ମାଂସପେଷୀରେ ଗଣ୍ଠି ପଡ଼ିବା ଭଳି ଦେଖାଯାଇଥାଏ। ସାଧାରଣତଃ ରାତିରେ ଶୋଇବା ବେଳେ କିଛି ସେକେଣ୍ଡରୁ ଆରମ୍ଭ ହୋଇ ୧୦ ମିନିଟ ପର୍ଯ୍ୟନ୍ତ ଏହି ଯନ୍ତ୍ରଣା ଲାଗିରହେ ଓ ଆପେ ଆପେ ଯନ୍ତ୍ରଣା ଉପଶମ ହୋଇଯାଏ। କିଛି ସମୟ ପରେ ପୁଣି ଥରେ ଯନ୍ତ୍ରଣା ଆରମ୍ଭ ହୋଇପାରେ। ଯନ୍ତ୍ରଣା ଆରମ୍ଭ ହେଲେ ପାଦ ଫୁଲିଯାଏ ଓ ମାଂସପେଶୀ ଲାଲ ହୋଇଯାଏ। ଜଙ୍ଘର ପଛ ଅଂଶରେ ଗଣ୍ଠି ପଡ଼ିଯାଏ ଓ ଆଣ୍ଠୁ ସିଧା କରିବାରେ ଅସୁବିଧା ଆଦି ହୋଇଥାଏ।

ହ୍ୟାମଷ୍ଟ୍ରିଙ୍ଗ କ୍ରେମ୍ପସର ପ୍ରାଥମିକ ଅବସ୍ଥାରେ ଆପଣ ନିଜେ ଏହାର ଚିକିତ୍ସା କରିପାରିବେ। ପ୍ରାଥମିକ ଅବସ୍ଥାରେ ଏହାର ଲକ୍ଷଣ ଦେଖି କିଛି ସାଧାରଣ ଉପାୟ ଆପଣେଇ ଯନ୍ତ୍ରଣା କମ୍ କରିପାରିବେ। ଯେମିତିକି ବ୍ୟାୟାମ ପରେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ଶରୀରରେ ଖଣିଜ, ଇଲେକ୍ଟ୍ରୋଲାଇଟିସ୍ କମ ହେବାକୁ ଦିଅନ୍ତୁ ନାହିଁ। ଏକ୍ସରସାଇଜ କରିବା ପୂର୍ବରୁ ୱାର୍ମଅପ୍ ନିଶ୍ଚୟ କରନ୍ତୁ। ସନ୍ତୁଳିତ ଭୋଜନ ଗ୍ରହଣ କରନ୍ତୁ। ପ୍ରତ୍ୟେକ ଦିନ ଷ୍ଟ୍ରେଚିଂ ଅଭ୍ୟାସ କରନ୍ତୁ। ମାତ୍ର ସମସ୍ୟା ଗୁରୁତର ହୋଇଗଲେ ବା ଅଧିକ ଦିନ ଲାଗି ରହିଲେ ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହି ସମସ୍ୟା ଦୂର କରିବା ପାଇଁ ଡାକ୍ତର ଆପଣଙ୍କୁ ଷ୍ଟ୍ରେଚିଂ କିମ୍ବା ମସାଜ କରିବା ନିମନ୍ତେ ପରାମର୍ଶ ଦେଇପାରନ୍ତି। ଶରୀରରେ ଖଣିଜର ଅଭାବ ପୂରା କରିବା ପାଇଁ ଆପଣଙ୍କୁ କିଛି ସପ୍ଲିମେଣ୍ଟସ ନେବା ପାଇଁ ଡାକ୍ତର ପରାମର୍ଶ ଦେଇପାରନ୍ତି।

ଯଦି ଆପଣଙ୍କର ଏହି ସମସ୍ୟା ଅଳ୍ପ ଦିନ ତଳୁ ଆରମ୍ଭ ହୋଇଛି, ତେବେ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଉପରେ ବର୍ଣ୍ଣିତ ଉପାୟମାନ ଅବଲମ୍ବନ କରି ଏହି ଯନ୍ତ୍ରଣାରୁ ଆରାମ ପାଇପାରିବେ। କିନ୍ତୁ ଯଦି ଅଧିକରୁ ଅଧିକ ଯନ୍ତ୍ରଣା ହେଉଛି କିମ୍ବା ବେଶ କିଛି ଦିନ ଧରି ଆପଣ ଏହି ସମସ୍ୟା ଭୋଗୁଛନ୍ତି ତାହେଲେ ନିଜେ ଚିକିତ୍ସା ନ କରି ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହା ଏକ ସାଧାରଣ ସମସ୍ୟା। ଚିକିତ୍ସା ପରେ ଏଥିରୁ ଆପଣ ଉପଶମ ପାଇପାରିବେ। ମାତ୍ର ସମସ୍ୟା ଗୁରୁତର ଥିଲେ ଚିକିତ୍ସକଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ। ମନେରଖନ୍ତୁ, ଏହା ଏକ ସାଧାରଣ ସମସ୍ୟା ହୋଇଥିଲେ ହେଁ ଏହାକୁ ଅଣଦେଖା ବା ଅବହେଳା କରିବା ଦ୍ୱାରା ଭବିଷ୍ୟତରେ ଆପଣ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭୋଗିପାରନ୍ତି। ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅସ୍ଥି ର ସୁରକ୍ଷା ପାଇଁ ଭିଟାମିନ, ପ୍ରୋଟିନ, କ୍ୟାଲସିୟମର ଆବଶ୍ୟକତା ରହିଛି। ସୁଷମ ଖାଦ୍ୟ ଖାଆନ୍ତୁ, ନିୟମିତ ଶାରୀରିକ ବ୍ୟାୟାମ ଅଭ୍ୟାସ ରଖନ୍ତୁ। ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ଶାରୀରିକ ଯନ୍ତ୍ରଣା ପାଇଁ ମନଇଚ୍ଛା ଦିନ ଦିନ ଧରି ପେନ୍‌କିଲର ଖାଆନ୍ତୁ ନାହିଁ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ପରାମର୍ଶ ନେଲେ ଆପଣ ନିଶ୍ଚିତ ଆରୋଗ୍ୟ ଲାଭ କରିବେ।

*ସହଯୋଗୀ ପ୍ରଫେସର, ଅସ୍ଥିଶଲ୍ୟ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

*ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।*



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୩୭

# ବେଳ ଭଲ ନାହିଁ

**ଘ**ଟଣା କ'ଣ ବୋଲି ସେ ବିସ୍ମୟ ହୋଇ ଚାହିଁବାରୁ ଜଣେ କିଏ ସାମାନ୍ୟ ଘୁଞ୍ଚି ଯାଇ ଚଟାଣ ଉପରେ ହାତ ବାଡେଇ କହିଲା- ସାଆନ୍ତ, ବସ, ବସ।

କିରେ କ'ଣ ହୋଇଛି ଯେ ଆଜି ଏତେ ଭିଡ ଏଠି? ଆମେ ତିନିଟା ବୁଢ଼ା ବସି ଏଠି ମାଛି ମାରୁଥିଲେ ବି କେହି ଆସୁନଥିଲେ ତାସ ପାଲିଏ ପକାଇବାକୁ, ହେଲେ ଆଜି କ'ଣ ହୋଇଛି କି?

ତମକୁ ତ କାହିଁ କାଲି ରାତିର ନିଶାପରେ ଦେଖିଲୁ ନାହିଁ? କିଏ ଜଣେ ପଚାରିଲା।

ନିଶାପ! କି ନିଶାପ ହେଉଥିଲା କାଲି ରାତିରେ? ତମେ କୁଆଡେ ଯାଇଥିଲ କି?

ମୁଁ ଟିକେ ସମୁଦି ଘର ଆଡେ ଯାଇଥିଲି, ଅତି ବାଧ କଲାରୁ ଅଟକି ଗଲି କାଲି ରାତିରେ।

ଓଃ- ତା'ହେଲେ ତମେ ମାଧବୋଉ ନିଶାପ କଥା ଶୁଣିନ?

ମାଧବୋଉ ନିଶାପ- କ'ଣ ପୁଣି ରାସଲୀଳା ବଢ଼ି ଯାଇଥିଲା କି, ବୁଢ଼ୀ ନିଶାପ ଡକାଇଥିଲା?

ତମେ ଯଦି ଶୁଣିନ, ତେବେ ରାସଲୀଳା ନିଶାପ ବୋଲି କେମିତି କହୁଛ?

ଆରେ ମାଧବୋଉର ଆଉ କି କଥା ଅଛି ଯେ? ତା'ର ତ ସେହି ନାରଣ ଓ ମହିହା ଭାର୍ଯ୍ୟାର ରାସଲୀଳା ସମସ୍ୟା ନା? ଏଥିପାଇଁ ତ ଆଗରୁ କେତେଥର ନିଶାପ ଡକାଇଛି। ଯେତେଥର ଡାକିଲେ କ'ଣ ହେବ, କେଉଁ ଭଦ୍ରଲୋକର ଏ ଗାଆଁରେ ଦମ ଅଛି ଯେ ଜାଣୁ ଜାଣୁ ମୁଣ୍ଡ ଦେଖାଇ ନାରଣ ବିରୁଦ୍ଧରେ ନ୍ୟାୟ ଦେବ?

ଅଛି ନା। ତମେ ନାହିଁ କରିଦେଲେ କେମିତି ହେବ? କାଲି ରାତିରେ ସବୁ ସାବାଡ ହୋଇଗଲେ ନା। ଆଗରୁ ଯେଉଁ ଭଦ୍ରଲୋକମାନେ ନିଶାପ କରିବାକୁ ଯାଉଥିଲେ ସେ ପ୍ରତ୍ୟକ୍ଷ ହେଉ ବା ପରୋକ୍ଷରେ ହେଉ ନାରଣ ଓ ତା'ର ଯୋଡିଦାର ନୀହାରର କୃପାପାର୍ଥୀ ଥିଲେ। ନିଜ ସ୍ୱାର୍ଥ ବିରୁଦ୍ଧରେ ଯାଇ କେହି ସେଠି ପାଟି ଖୋଲି ନ୍ୟାୟ କ'ଣ ଅନ୍ୟାୟ କ'ଣ କହୁନଥିଲେ।

କାଲି ଏମିତି କେଉଁ ଦେବପୁରୁଷ ନିଶାପକୁ ଚାଲି ଆସି ନ୍ୟାୟ ଓ ଅନ୍ୟାୟକୁ ଚିହ୍ନେଇ ଦେଲେ କି?

ଦେବ ପୁରୁଷ ନୁହଁ - ନ୍ୟାୟ ପୁରୁଷ- ଆମ ସୁଦର୍ଶନ ବାବୁ।

ସୁଦର୍ଶନ ବାବୁ! ସେ କ'ଣ କାଲି ନିଶାପରେ ବସିଥିଲେ କି?

ଖାଲି ବସିଥିଲେ କ'ଣ ନିଶାପ ହୋଇ ଯାଇଥାଆନ୍ତା? କେତେ ହୋ-ହାଲ୍ଲା ଚାଲିଥିଲା। ପକ୍ଷ ବିପକ୍ଷ-ଉଭୟଙ୍କ କଥା ଶୁଣୁଥିଲେ। ହୋ-ହାଲ୍ଲା ଭିତରେ ପାଟି ଖୋଲୁ ନଥିଲେ। ଶେଷକୁ ମାତ୍ର ପଦିଏ କଥା - ମାତ୍ର ପଦିଏ କଥା, ଯାହା ହେଉଛି ତାହା ଶୋଭନୀୟ ଆଚରଣ ନୁହେଁ, ତୁରନ୍ତ ବନ୍ଦକର କହିଲେ। ସେ ଗମ୍ଭୀର ସ୍ୱର ଭିତରେ କି ଯାଦୁ ଥିଲା କେଜାଣି, ନିଆଁରେ ପାଣି ପକାଇବା ପରି ସବୁ ଚୁପ୍ ହୋଇଗଲେ।

ନୀହାର ବାବୁ ତାଙ୍କୁ ଜବାବ ଦେବାକୁ ଯାଇ ପ୍ରଶ୍ନଟିଏ ତ ପଚାରି ଦେଉଛି ବିଚରା ଯାଏ କୁଆଡେ। ଆରେ ଜୀବନରେ ତିରିଶ ଚାଳିଶ ବର୍ଷ ଯିଏ ରାଜଧାନୀରେ ରହି ହାକିମ ହୁକୁମାଙ୍କୁ ତା'ର ସତ ଓ ନ୍ୟାୟ ଧର୍ମରେ ପାଣି ପିଆଇ ଥିଲା, ତମେ ତାଙ୍କ ଆଗରେ କାଲିକା ମେଞ୍ଚଡ। ତାଙ୍କୁ ପ୍ରଶ୍ନ ପଚାରି ସମ୍ଭାଳି ପାରିବ ତ?

ନୀହାର ବାବୁ ତ ପଚାରି ଦେଇଛି - ଏହା ଉପଦେଶ ନା ଧମକ?

ସେ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ଯଦି ଏଠିକାର ନିଷ୍ପତ୍ତି ମାନିବାକୁ ସ୍ୱୀକାର କର ତେବେ ଉପଦେଶ ବୋଲି ଧରିନେବ, ଯଦି ନ ମାନିବାକୁ ଇଚ୍ଛା କରୁଥାଅ ତେବେ ଧରି ନିଅ ଧମକ ବୋଲି।

ଧମକ୍? ଧମକ୍ ଦେବାକୁ ଆପଣ କିଏ? ଆପଣ ଏତେ ବଡ ସାହସ କଲେ କେମିତି?

(କ୍ରମଶଃ)



# କୈଶୋରୀ କୋବିତା

# ଚିଠିର ଠିକଣା



**ଶାନ୍ତନୁ କୁମାର ସର**

ମୁଁ ହଠାତ ଦେଖିଲି
ମୋ ଅନ୍ତରଙ୍ଗ ଚିଠି ସବୁ
ଛିନ୍ ଭିନ୍ ହୋଇ ପଡିଛନ୍ତି
ବିପର୍ଯ୍ୟସ୍ତ ଫୁଲ ବଗିଚାରେ।
ରକ୍ତ ର ଉଷ୍ମତା ଯେବେ ଶବ୍ଦ ଖୋଜେ
ମନର ଅଗଣାରେ ଅପ୍ରାପ୍ତିର ଦୀର୍ଘଶ୍ୱାସ
ଯେବେ ହଜିଯାଏ ଆବେଗର ନୀଳ ଆବର୍ତ୍ତରେ
ଯେତେବେଳେ ପ୍ରାପ୍ତିର ପୁଲକରେ ଭିଜିଯାଏ
ସମଗ୍ର ଶରୀର
ସ୍ୱପ୍ନର ଆକାଶ ରେ ଦିଶେ ଖାଲି ଇନ୍ଦ୍ରଧନୁ
ସୁରଭିତ କାମନାର ନୀଳ ଇସ୍ତାହାର,
ସେତେବେଳେ ଚିଠି ମୋର ଭିଜିଯାଏ
କାମନାର କମନୀୟ ଶବ୍ଦର ଧାଡିରେ।
ମୁଁ ଯେବେ ତୋଳିବାକୁ ଚେଷ୍ଟା କରେ ପାରିଜାତ
କମନୀୟ ରୂପସୀର ଦିବ୍ୟ ରୂପାନ୍ତର
ସେତେବେଳେ ମୋ ଚିଠିର ସ୍ୱପ୍ନିଳ ପୃଷ୍ଠାରେ
ବୋହିଯାଏ ଏହିପରି ଶବ୍ଦ ଶବ୍ଦାନ୍ତର।
ଯେତେବେଳେ ଚାଲୁଥାଏ ଜୀବନର କେନ୍ଦ୍ରରୁ
ପ୍ରାପ୍ତିର ପ୍ରଲମ୍ବିତ ପରିଧି ପର୍ଯ୍ୟନ୍ତ
ସେତେବେଳେ କେଉଁ ଦୂର ଚନ୍ଦନ ବନରୁ
ପୁଲକିତ ଶବ୍ଦମାନେ ଭାସିଯାନ୍ତି ମୋ ଚିଠିର ପୃଷ୍ଠାରେ।
କୁହୁକ ରୁମାଲ ପରି ଚିଠି ମୋର
ଖୋଜିବୁଲେ ପ୍ରାପକ ଠିକଣା
ଡେଇଁ ଡେଇଁ କାଶତଣ୍ଡି ବଣ,ପ୍ରୀତିର ଶ୍ରାବଣ
ଆଉ ଯେତେସବୁ ଲକ୍ଷ୍ମଣ ଗାର।
ମୁଁ ଜାଣେନା ଯାହା ପାଇଁ ଚିଠି ସବୁ
ସେ ଏବେ ସୂକ୍ଷ୍ମ ଅବା ସ୍ଥୁଳ ଶରୀରରେ
ଚିଠିର ସେ ପ୍ରାଣକେନ୍ଦ୍ର,
ସୁରଭିତ କାମନାର ରୋମାଞ୍ଚିତ ସ୍ୱର।
ଚିଠିର ଶବ୍ଦ ସବୁ କମ୍ପିତ ଅଧର ପରି
ଛଟପଟ ଅବ୍ୟକ୍ତ ମୋହରେ,
ବିପର୍ଯ୍ୟସ୍ତ ବଗିଚାରୁ ଚିଠିର ଶବ୍ଦ ସବୁ
ବାଷ୍ପିଭୁତ ହୋଇଯିବେ ଆକାଶର
ଅନନ୍ତ ବ୍ୟାପ୍ତିରେ, ବର୍ଷିଯିବେ ଗାଇ ଗାଇ ଚିରନ୍ତନ
ପ୍ରେମର ବିଜୟ।


*ପ୍ରାକ୍ତନ ଅଧକ୍ଷ ଅନୁଗୋଳ କଲେଜ, ଅନୁଗୋଳ*

# ହେ ଯୌବନ



**ମିନାକ୍ଷୀ ଦ୍ୱିବେଦୀ**

ହେ ପ୍ରିୟ ଯୌବନ !
ତୁମେ ଯେବେ ଆସିଥିଲ
ନିଶିଥ ରେ ପାଦ ଥାପି ଥାପି
ମୋର ଦେହ ମନ ଭରି
ଏକ ଅଭିସାରିକା ପରି ।
କୋଣେ କୋଣେ ଭରିଦେଲ
ଅତୁଳ ଉଚ୍ଛ୍ୱାସ,
ନୀରବେ ସଂଚରିଲ ମନ୍ଦାକିନୀ ହସ
ଗହନ ବନେ ଜାଗିଦେଲ
କଳ୍ପନା ବିଳାସ।
ଅଭ୍ୟୁଦିତ ପ୍ରେମେ
ହେଲି ମୁଁ ଉଲ୍ଲସିତ
ଉଦବେଳିତ ମନୋଭାବ
ହେଲା ସ୍ପନ୍ଦିତ,ସ୍ଫୁରିତ,
ପ୍ରତେ ହେଲା ଶ୍ୟାମଳା
ଧରା ମୁଖେଧାରେ ମଧୁ ନିର୍ଝରିତ।
ନୀଳ କୁନ୍ତଳେ
ଆନମନା ବରଷାରେ
ପାଇଲି ଯେବେ ମଧୁରସ
ଇଛା ହେଲା ମେଣ୍ଟିଦେବି
ସାତ ସମୁଦ୍ର ର ଶୋଷ
ରଜନୀ ଗନ୍ଧାର ଖିଲି ଖିଲି ହସେ
ଲଂଘିଯିବି ମହାଶୂନ୍ୟ
ଥିଲା ମୋ ବିଶ୍ୱାସ ।
ଜୋଛନା ସୁନ୍ଦରୀ
ତା' ମୁକ୍ତାଭରା ଯୌବନ
ମନେହେଲା
ଅଗ୍ନି ମୋତେ କରିବନି ଦହନ
ମନେ ହେଲା
ମୃତ୍ୟୁ ମତେ କରିବନି ଆସନ୍ନ ।
ଚିର ଅମର ମୁଁ
ଅଟେ ବି ଅମ୍ଳାନ
ଭସାବାଦଲରେ
ଭସା ଭସା ବର୍ତ୍ତମାନ
ଭବିଷ୍ୟ ପାହାନ୍ତି ଥିଲା
ସେ ଉଜ୍ଜ୍ୱଳମାନ ।
ଅଟେ ମୁଁ ଶାଶ୍ୱତ
ପ୍ରେମର ପ୍ରତୀକ ମୁଁ
ହେଲି ଆପ୍ୟାୟିତ
ଆହ୍ଲାଦିତ ହୃଦ ହେଲା
ପାଇ ତବ ପ୍ରୀତି ସ୍ୱାଦ।
ହେ ଯୌବନ !
ସୂର୍ଯ୍ୟ ର ସୁନ୍ଦରତା ପରି
ଥିଲ ତୁମେ ତେଜିୟାନ
ଚନ୍ଦ୍ର ର ଶୀତଳତା ପରି
ଥିଲ ତୁମେ ମହୀୟାନ।
ଉଷାର ଆକାଶ ପରି
କଲ ମନ ରଙ୍ଗାୟିତ



ସ୍ୱପ୍ନର ଜାଲ ବୁଣି
ହେଲି ବିହ୍ୱଳ, ଚକିତ ।
ମୋ ମନ କଦମ୍ବ ରେ
ବଜାଇଲ ବଂଶୀ ସ୍ୱନ
ଦେଖିଲି ମୁଁ ବସନ୍ତ ର ଆଗମନ
ଘାସ ପାଦରେ ଘୁଙ୍ଗୁର ଲଗେଇ
ଶୋଭିତ କଲ ପୁଷ୍ପ ବନ।
ଉଦ୍ଧାନ ଢେଉରେ
ମନ ହେଲା ଛନ ଛନ
ତାରୁଣ୍ୟ ରେ ଭରା
କଲି ପ୍ରେମ ଉତ୍ତୋଳନ
ମିଳନର ମଧୁ ସ୍ୱପ୍ନେ
ହେଲି ମୁଁ ଉନ୍ମମନ
ସେପଥେ ଯେତେ ବାଧକ
କଲି ମୁଁ ଉଲ୍ଲଂଘନ।
ଭରା ପୁନେଇଁ ରାତିରେ
ଦେଲି ଆତ୍ମା ର ଆହୁତି
ପାଇଲି ମୁଁ
ସେ ସୁମଧୁର ମିଳନ ଲଗ୍ନର ତୃପ୍ତି।
ଆଜି କାହିଁ ବିମର୍ଷ ତୁମେ
ହେ ଯୌବନ
ସମୁଦ୍ର ଜୁଆରରେ ଆଜି
ଆସିଛି ଯେ ଭଟ୍ଟା
କାହିଁ ଗଲା ତୁମ ସେ
ପ୍ରେମ ରଙ୍ଗ ରୁପଛଟା।
ଆକାଶର ଶୂନ୍ୟତା
ଚାହିଁ ରହେ ମିଛେ ମିଛେ,
ଶ୍ଲଥ ଗତିପଥ
ଅସହଣୀ ଭାରା ଶେଯେ।
ଆଜି କାହିଁ ରୁଧିବନ୍ତ ଅନାସକ୍ତ,ବିଷାଦ
ନିଧାଘର କଠୋରତା ଅସ୍ତରାଗ ,ବିବାଦ।
ଆସିଗଲା ମଳିନତା
ଲୋଳିତ ଚର୍ମର ସ୍ୱେଦ
ହଜିଗଲା କାୟା କଳ୍ପ
ପ୍ରେମ ରାଗିଣୀ ହେଲା ସ୍ତବ୍ଧ
କୋଇଲି ର କୁହୁତାନ
ଯମୁନା ବଂଶୀ ସ୍ୱନ
ଆଜି କାହିଁକି ମ୍ଳାନ ଓ ନିଃଶବ୍ଦ।
ହେ ପ୍ରିୟ ଯୌବନ
କାହିଁ ହେଲ ପଥ ରୁଦ୍ଧ
ଫେରିଆସ ଫେରିଆସ
ଉନ୍ମତ୍ତ ଚିତ୍ତ ହେଲାଣି ଉଚ୍ଛନ୍ନ
ପାଇବାକୁ ତବ ସାନ୍ନିଧ
ଝୁରେ କ୍ଷଣ କ୍ଷଣ ।।

*ନୂଆଦିଲ୍ଲୀ*

# ଏଇ ଆମର ଦୁର୍ନୀତି

**ଅନିତା ମିଶ୍ର ଦାଶ୍**



ସମ୍ପର୍କିୟ ଭଉଣୀଟି କେମିତି କେଜାଣି ଆବଶ୍ୟକ ଠାରୁ ଟିକିଏ ଅଧିକ ବୁଦ୍ଧିମାନ୍ ହେଇ ଜନ୍ମ ହୋଇଥିଲା। ଗଣିତ ନେଇ ପାଠ ବି ପଢିଥିଲା। ସବୁବେଳେ ତା'ର ହିସାବ ଟା ଠିକ୍ ରଖୁଥାଏ।

ହଷ୍ଟେଲ୍‌ରେ ଥିଲା ବେଳେ, ଯଦି କିଏ ପେଷ୍ଟ ଟିକିଏ ମାଗି ବ୍ରସ୍ କରିଥିଲେ ବି ମନେ ରଖି ମାଗିଦିଏ। ଭଉଣୀର ଏଇ ବୁଦ୍ଧି ପାଇଁ ହଷ୍ଟେଲ୍‌ର ଝିଅ ମାନେ ଭଉଣୀକୁ କିଏ କିଛି ମାଗନ୍ତି ନାହିଁ । ସେ ଥିଲା ବାପ ମା' ଙ୍କର ଗୋଟିଏ ବୋଲି ସନ୍ତାନ।

ପାଠ ପଢା ସରିବା ପରେ ବାପା, ମା' ଝିଅର ବାହା ଘର ପାଇଁ ଯୋଗ୍ୟ ବର ପାତ୍ର ଖୋଜିଲେ। ଝିଅ ଶିକ୍ଷିତା ଆଉ ସୁନ୍ଦର, ଯୌତୁକ ବି ପ୍ରବଳ ନେଇ ଘରକୁ ଯିବ। ବହୁତ୍ ଭଲ ଚାକିରୀ କରୁଥିବା ପୁଅ ସବୁ ଆସିଲେ।

ପ୍ରଥମେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଆସିଲେ। ଦେଖିବାକୁ ପୁଅଟି ଭଉଣୀ ଠାରୁ ବି ଅଧିକ ସୁନ୍ଦର। ବନ୍ଧୁ ବାନ୍ଧବ ଯାହାକୁ ପଚାରିଲେ, ସମସ୍ତେ କହିଲେ; 'ସାଧୁ ସୁନା ପୁଅଟା'। ଭଉଣୀର ବାପ, ମା' ପୁଅ ଆଉ ଝିଅର ଜାତକ ଗଣନା କରାଇବା ପୂର୍ବରୁ ଭଉଣୀ ପୁଅଟିର ରୋଜଗାର ଗଣନା ଆରମ୍ଭ କରିଦେଲା। ରୋଜଗାର ଗଣନା କରି ସେ ନିଜର ମା' ଙ୍କୁ କହିଲା..

-ଏ ଅଧ୍ୟାପକ ଟା ହବନି...!

ମା' ଆଶ୍ଚର୍ଯ୍ୟ ହୋଇ ଝିଅର ମୁହଁକୁ ଚାହିଁଲେ ଆଉ କହିଲେ....

--ଆଲୋ କାହିଁକି ହବନି..? ମଦ ନାହିଁ, ପାଣି ନାହିଁ, ଛତରା ନାହିଁ କି ବାଲୁଙ୍ଗା ନାହିଁ। ଦେଖିବାକୁ ବି ପିଲାଟା ରୂପ ବି ସେମିତି ପାଇଛି..! କୋ କଲେଜ୍‌ରେ ବି ନାହିଁ। ଏକାଥରେ ବିଶ୍ୱବିଦ୍ୟାଳୟରେ ପାଠ ପଢାଉଛି। ଆଉ କେତେଟା ବର୍ଷପରେ ପ୍ରଫେସର୍ ହବ। ଏଇଟା ହବନି କାହିଁକି..?

-ଏଇଟା ବିଶ୍ୱବିଦ୍ୟାଳୟରେ ପଢାଇଲେ କଣ ହେବ..? ମାସ ସାରା ପିଲାଙ୍କ ଆଗରେ ଗୋଟିଏ ଗୀତ ଗାଇଲେ, ଶୁଖିଲା ଦରମା ଗଣ୍ଡିଏ ଧରି ଘରକୁ ଆସିବ। କୋଠୁ ଆଣିବ ଯେ ପିଇ ପକେଇବ..? ପିଇବାକୁ ମାଗଣାରେ କୋଉଠି ମିଳୁଛି ଯେ ପିଇ ଦବ.? ଉପୁରି ରୋଜଗାର ନାହିଁ, ଏଇଟା ହବନି...!

ମା' କପାଳରେ ହାତ ମାରିଲେ। ଆଉ ଗୋଟିଏ ହେଲେ ଜନ୍ମ କରିଥିଲେ ହେଇ ଥାଆନ୍ତା ବୋଲି ଭାବିଲେ। ବେଳ ଗଡିଗଲେ ଆଉ କୋ ଭାଗ୍ୟ ଧରାଦିଏ.? ଯହା ଝିଅର କପାଳରେ ଲେଖାଥିବ.! ସର୍ବ ମଙ୍ଗଳା ଜଗନ୍ନାଥ କହି, ହାତ ଯୋଡି ଦେଲେ.।

ସେତେବେଳେ ଡାକ୍ତର ମାନେ ମଧ୍ୟ ଆଜିର ପରି ଦୁର୍ନୀତି ଗ୍ରସ୍ତ ନ ଥିଲେ। ମାଧବ ସେବାର ଭାବ ନେଇ ଡାକ୍ତର ମାନେ ଆସୁଥିଲେ। ସେଇଥି ପାଇଁ ଭଉଣୀର ଡାକ୍ତର ବି ପସନ୍ଦ ହେଲାନି। ଏଥର ଉପୁରି ରୋଜଗାର ବାଲା ଖୋଜା ଆରମ୍ଭ କରାଗଲା। ଭଉଣୀ ସିଧା ସିଧା ବାପ ମା'ଙ୍କୁ କହିଲା...

-ଚେକ୍ ଗେଟ୍‌ର ପିଅନ ପଛେ ଚଳିବ,ଏ ଶୁଖିଲା ଡେଜିନେସନ୍ କ'ଣ ହେବ...?

ମା' ମନରେ ଭାବିଲେ,ଏଥିପାଇଁ ଆମେ ପାଠ ପଢାଇ ମଣିଷ କରିଥିଲୁ.? କୋ ମଦୁଆ, ଚୋର ଘରର କୂଳ ରଖିବା ପାଇଁ। ମଦୁଆ ଚୋର ବି ଜ୍ୱାଇଁ ହୋଇ ଘରକୁ ଆସିଲେ, ଆମେ ବା ଚଳିବୁ କେମିତି.? ଝିଅଟା ଘର ଛାଡି ଚାଲି ଗଲେ, ମନଟା ବି କାନ୍ଦିବ।ପାଷାଣ ପରି ସେମିତି ସହିଲେ।

ବନ୍ଧୁ ବାନ୍ଧବରେ କୁହାଗଲା; ଉପୁରି, ଅର୍ଥ.. ଦୁର୍ନୀତି ଗ୍ରସ୍ତ ଜ୍ୱାଇଁ ଆମକୁ ଦରକାର.! ଖୋଜୁ,ଖୋଜୁ ଗୋଟିଏ ଭଲ ଦୁର୍ନୀତି ଗ୍ରସ୍ତ କିରାଣୀ ମିଳିଗଲା। ଝିଅର ମନ ପୁରା ଖୁସ୍।

ବାହାଘର ଚାକ ଚମକରେ ହେଲା। ସେ ବିଶ୍ୱ ବିଦ୍ୟାଳୟ ଅଧ୍ୟାପକର ମା' ମୋ'ର ମା'କୁ ଥରେ ପଚାରିଲେ...

-ତୁମର ଭଉଣୀ, କିରାଣୀ ଜ୍ୱାଇଁ ଟିଏ ସିନା କଲେ, ଆମର 'ଅଭି' କୁ କଲେନି...?

ମୋ'ର ମା' ଅଭିର ମା' କୁ ସଫା ସଫା କହିଲା...

-ତୁମ 'ଅଭି' ଦୁର୍ନୀତି ଗ୍ରସ୍ତ ନାହିଁ। ତାଙ୍କ ଝିଅକୁ ଦୁର୍ନୀତି ଟଙ୍କା ଦରକାର। ମା'ର ଅଭି ପସନ୍ଦ ହେଲେ, ମା' କ'ଣ ଅଭି ପାଖରେ ରହିବ..? ଯିଏ ଚଳିବ ତାର ପସନ୍ଦର ପୁଅ କରାଗଲା। ଆଉ ଭଉଣୀ କ'ଣ କରି ଥାଆନ୍ତା, କହିଲ.?

ଅଧ୍ୟାପକଙ୍କର ମା' ପୁଅ ତାଙ୍କର ପସନ୍ଦ ନ ହେବା କାରଣ ଜାଣିଲେ। ତାଙ୍କର ପୁଅ ଦେଶ ପ୍ରଗତି ପଥର ସହାୟକ ହେଉଛି ବୋଲି ଟୋକିର ପସନ୍ଦ ହେଲାନି।

ଭଉଣୀ ମନ ଆନନ୍ଦରେ ଟଙ୍କା ଠୁଳ କରି ଚାଲିଲା। ସେ ଏତେ ଲୋଭି ଯେ ଦୁର୍ନୀତି ଟଙ୍କା ଖର୍ଚ୍ଚ କରିବା ପାଇଁ ବି ଚାହିଲା ନାହିଁ। ସେମିତି ସଂଗ୍ରହ କରି ଚାଲିଲା। ତା'କୁ ଚାଳିଶ୍ ବର୍ଷ ନ ହେଉଣୁ ସେ ହୃଦ୍ ରୋଗରେ ଆକ୍ରାନ୍ତ ହେଲା। ଜ୍ୱାଇଁ ମଧ୍ୟ ବାତ ରୋଗ ପାଇଁ ଆଉ ଦୁର୍ନୀତି ଟଙ୍କା ଗୋଟାଇ ଯାଇ ପାରିଲେ ନାହିଁ। ସ୍ୱେଚ୍ଛାକୃତ ଅବସର ନେଲେ। ଝିଅ ଥରେ ମା' କୁ ଆସି ପଚାରିଲା ....

-ଏଇ ରୋଗ ଗୁଡିକ କ'ଣ ଖାଲି ଆମକୁ ଖାଇବା ପାଇଁ ରହିଛନ୍ତି.? ଏଇ ଦେହ ପାଇଁ ସବୁବେଳେ ମୁମ୍ବାଇ ଧାଇଁବା ପାଇଁ ପଡୁଛି। ଏ ଜୀବନ ଯନ୍ତ୍ରଣା ଆଉ ସହି ହେଉନି..!

ମା' ଝିଅର ଏ ଯନ୍ତ୍ରଣା କେବଳ ପାପ ଅର୍ଜନ ପାଇଁ ହୋଇଥିବା ଜାଣିଲେ। ସେ ପୁଣି ଝିଅକୁ କହିଲେ...

-ପାପର ଅର୍ଜନ ସବୁବେଳେ ଭାରି ଆଉ ଯନ୍ତ୍ରଣା ଦାୟକ। କୋ ଖର୍ଚ୍ଚ କଲୁ ନା ଉପଭୋଗ କଲୁ..? ଖାଲି ଠୁଳ କରି କରି ରୋଗ କିଣିଲୁ। କୋ ପର ଘର ଝିଅ ବୋହୂ ଆସିଲେ; ସେତକ ଉପଭୋଗ କରିବ। ପାଠ ପଢିଲୁ, ବୁଦ୍ଧି ଟିକିଏ କେମିତି ହେଲାନି କେଜାଣି? ଦେଶର ଜଣେ ଯଦି ଅନାହାର ହେଉ କି ଚିକିତ୍ସା ଅଭାବରୁ ମରୁଛି, ତାହା କେବଳ ଏଇ ଦୁର୍ନୀତି ପାଇଁ। ନେତା ରାଜ ନେତା, ଦୁର୍ନୀତି ଅର୍ଥ ଠୁଳ କରୁଛନ୍ତି ବୋଲି ତ ଏଇ ପାପ ଲୁହ ବୋହି ଫେରୁଛନ୍ତି। ଜୀବନକୁ ଉପଭୋଗ କରିବାର ଅର୍ଥ ଅନ୍ୟ ଜୀବନ ଗୁଡିକୁ ବି ଜୀବନ ଆନନ୍ଦ ଉପଭୋଗ କରାଇବା। କିଏ କାଳ ଯୁଗ ଏଇଠି ରହିବ କହିଲୁ..? ସେତେ ବେଳେ ଏଇ କଥାଟା କହିଥିଲେ କୋ ତୁ ଶୁଣି ଥାଆନ୍ତୁ..? ଘର ପରିବାର ଛାଡି ଦେଇ ଚାଲିଯିବୁ ବୋଲି ପାଟି ଚୁପ୍ କରି ରହିଗଲି। ଦୁର୍ନୀତି ଟଙ୍କା ଗୋଟାଇ ତୋ'ର ମନ ତ ପୁରଣ ହେଇଗଲା। ତୋର ଗୋଟିଏ ବୋଲି ପୁଅ, ତା'ର ହାତରେ ଆଉ ପାପ ଦୁର୍ନୀତିର ଟଙ୍କା ଗୋଟାନା..! ପିଲା ଟାକୁ ଦେଶ ପ୍ରଗତି ପଥରରେ କିଛି କରିବା ଶିଖା...।

-ଏଇ କଥାଟା, ଆଗରୁ କହିଲୁନି..? ଏବେ କହିଲେ ଆଉ କ'ଣ ହବ.? ସିଏତ ଏତେ ଟଙ୍କା ଖର୍ଚ୍ଚ କରି ପ୍ରାଇଭେଟ୍‌ରେ ମେଡିକାଲ ପଢିଲା। ମୂଳ ଟଙ୍କାଟା ନ ଉଠାଇଲେ, ଆମେ କେମିତି କରିବୁ କହିଲୁ..?

ମା' କପାଳରେ ହାତ ମାରିଲେ। ମନରେ ଭାବିଲେ, ନିଜେତ ଝିଅକୁ ନିଜର ଇଛାରେ ଦେଶ ପ୍ରଗତିର ପଥରେ ଚଲାଇ ପାରିଲେ ନାହିଁ, ନାତି ଆଡକୁ ଆଉ କାହିଁକି ଆଖି.... ?

ଆମେ ସମସ୍ତେ ଜାଣି ରଖିବା ଉଚିତ୍ ଯେ ଦୁର୍ନୀତି ଦେଶ ପ୍ରଗତିର ବାଧକ। ଆମ ମାଟିରେ ଯଦି ଗୋଟିଏ ଜୀବନ ଅନାହାର ହେଉ କି ଶିକ୍ଷା ଅଭାବର ଯନ୍ତ୍ରଣା ଭୋଗୁଛି, ତା'ର ମୂଳ କାରଣ 'ଏଇ ଆମର ଦୁର୍ନୀତି'...!


*ବ୍ରହ୍ମପୁର, ଗଞ୍ଜାମ*

# କବିତାର କଥା

(ଭାଗ-୩୮)



**ଉମାକାନ୍ତ ରାଉତ**



# ଛୋଟ ପୁଣି ଏଡ଼େ ସେ ବିରାଟ !

କଟକର ଖାନନଗର ଶ୍ମଶାନ ପୂଣ୍ୟକ୍ଷେତ୍ର, କାରଣ ସେଇଠି ପାଉଁଶ ହୋଇ ମିଶିଯାଇଛି ଓଡ଼ିଶାର ଅନେକ ବରପୁତ୍ର ଓ ବୀରପୁରୁଷମାନଙ୍କର ମୃଣ୍ମୟ ପିଣ୍ଡ। ଓଡ଼ିଆ ଅସ୍ମିତା ଓ ମାଟିର ଇତିହାସର ମୂକସାକ୍ଷୀ ରୂପେ ନିଃଶବ୍ଦରେ ଆଜି ବି ଗୀତ ଗାଉଛି ସେଇ ଶ୍ମଶାନ। ସେଦିନ ସେଇଠି ଜଳି ଉଠିଥିଲା ତା'ର ଚିତାଗ୍ନି। ସେଇ ଚିତାଗ୍ନିର ଚଉଡ଼ା କପାଳର ଲେଲିହାନ ଅଗ୍ନିଶିଖା ମିଳେଇ ଯାଉଥିଲା ଇଥରର ତରଙ୍ଗରେ , ଓଡ଼ିଆ ପୁଅର ବୀରତ୍ୱ ଓ ସାହସର ଗାଥା ଗାଇ ଗାଇ...। ନୀଳଚକ୍ରର ନେତରେ, ଚଣ୍ଡୀମାଆ ମଥାର କିରୀଟରେ ଫର ଫର ଉଡ଼ି ଉଡ଼ି ସିଏ ବିଞ୍ଚି ବିଞ୍ଚି କହୁଥିଲା --

"ଏ ଶିଖା ଦେଇଛି ଆଜି
ଇତିହାସେ ହାତଟେକି ଦାନ,
ଶତାବ୍ଦୀର ଶ୍ରେଷ୍ଠ ଫୁଲ
ମୁକୁଳିତ ମୃତ୍ୟୁହୀନ ପ୍ରାଣ,
ନିରନ୍ନ ଏ ଜନତାଙ୍କୁ
ଦେଇଛି ଏ ତାହାର ଚାଳକ,
କ୍ଷୁଦ୍ର ଏକ ନାଉରୀ ବାଳକ ।
ବାହିବାକୁ ଏ ଦେଶର ତରୀ,
ଭିଡ଼ି ନାହିଁ ଘାଟେ ନାଆ
ନାଉରୀଆ ପାରେକିରେ ମରି.... ?"

ମହାଶୂନ୍ୟରେ ମିଳେଇ ଯାଉଥିଲା ସେ ପବିତ୍ର ଚିତାର ଲହର। ସେଇ ଚିତା ଉପରେ ଶୋଇଥିଲା ବାରବର୍ଷର ଗୋଟେ ଅବୋଧ ବାଳକ! ଚିତା ଚାରିପଟେ ଅନେକ ଲୋକ। କିଏ ଏହି ବାଳକ, ଯାହାକୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଚାରିଆଡ଼େ ଏଡ଼େ ଏଡ଼େ ମହାନ ଓ ମହତ ଲୋକଙ୍କର ଭିଡ଼? କିଏ ସେହି ବୀର ସନ୍ତାନ? ସେଇ କଥା କାଳ କାଳ ପାଇଁ ଲେଖିଦେଲା କବି। ଅମର ଆତ୍ମାର ଅମରତ୍ୱକୁ ସେ ଯେଉଁ ଚିରଭାସ୍ୱର ଓ ଜାଜ୍ୱଲ୍ୟମାନ ଢଙ୍ଗରେ ଥୋଇଦେଲା ନିମ୍ନ ପଂକ୍ତି ହିଁ ତା'ର ଏକ ନମୁନା ମାତ୍ର...

"ତା'ର ଜନ୍ମ ଏ ଦେଶର କୋଟି ମନେ
ନିଭୃତ ସପନେ
ଶେଷହୀନ ମୁକତି ସମରେ
କୋଟି ନବାଗତ ସୈନ୍ୟ ଶିବିର ଯେ
ତା'ର ନାମ ସ୍ମରେ
ଲଭିବାକୁ ଶକ୍ତିର ଅମୀୟ
କ୍ଷତଠାରୁ ଆପଣାର
ମୃତ୍ୟୁ ଠାରୁ ବଳି ସେ ତ ପ୍ରିୟ।"

ସେଇ ଛୋଟିଆ ଦେହରୁ କେମିତି ଝଲସି ଉଠୁଥିଲା ଏତେ ଏତେ ଅନିର୍ବାଣ ବିଦ୍ୟୁତର ଝଲକ! ସେ ଚିତାର ଚିରନ୍ତନ ନିମନ୍ତ୍ରଣ କାହିଁକି ଧନ୍ୟ କଲା ମୃତ୍ୟୁର ଲଗନକୁ? କାହିଁକି ମୃଣ୍ମୟ ଶରୀରର ସେ ପବିତ୍ର ଚିତାକୁଣ୍ଡରୁ ଲହରି ଉଠିଲା ଅମର କବିତା? ମୁକ୍ତିର ସ୍ତବକ ଗାଇ କ୍ରାନ୍ତିର ସାରଥୀ ସାଜିଥିବା ସେ କ୍ଷୁଦ୍ର ତନୁକୁ ସୃଜନର ନୂଆ ଭାଗିରଥୀ କଲା କିଏ ? ତାକୁ ଜନତାର ମୁକ କବି କଲା କିଏ?

"ଛୋଟ ପୁଣି ଏଡ଼େ ସେ ବିରାଟ!
ଜୀବନ ପାରିଲା ନାହିଁ ରଖି ବାକୁ
ମୃତ୍ୟୁ ତାରେ ଛାଡ଼ି ଦେଲା ବାଟ।
ଲୁହାର ଫଉଜ ଗଲେ ଫାଟି
ମାଟିର କଙ୍କାଳ ସେ ଯେ କାହିଁ ଗଲା?
ମାଟି ଖାଲି ମାଟି।।"

ଏସବୁର ପ୍ରଚ୍ଛଦପଟ୍ଟରେ ଯେଉଁ ହୃଦୟ ବିଦାରକ କୁତ୍ସିତ ଘଟଣା ଲୁଚି ରହିଛି, ଜଣେ ସମାଜ ସଚେତନ ଶିଳ୍ପୀ ହିସାବରେ କବି ସଚ୍ଚି ରାଉତରାୟ ଚତୁରତାର ସହ ପରୋକ୍ଷଭାବେ କାବ୍ୟିକ ଚାତୁରୀରେ ତାହା ଇଙ୍ଗିତ କରି ନିଜ ପ୍ରଗାଢ଼ କାବ୍ୟିକ ଦକ୍ଷତାର ପରିଚୟ ପ୍ରଦାନ କରିଛନ୍ତି। ପାଠକମାନଙ୍କ ଅବଗତି ନିମନ୍ତେ ସଂକ୍ଷେପରେ ସେ କାହାଣୀର ଆଲୋକପାତ କରିବାକୁ ଉଚିତ ମଣୁଛି।

ବଡ଼ ଅମାନୁଷିକ, ବର୍ବରୋଚିତ ଓ ନିନ୍ଦନୀୟ ସେ କାହାଣୀରୁ ଆରମ୍ଭ କରିବା ପରବର୍ତ୍ତୀ ଅଧ୍ୟାୟ। ସେ କାହାଣୀର ନାୟକ ହେଉଛନ୍ତି ଅକଥନୀୟ ଅତ୍ୟାଚାର, ପାଶବିକତା, ଜୁଲମ ଓ ତାଲିବାନ ମାନସିକତାର ଜୀବନ୍ତ ପ୍ରତିନିଧି ଓ ଢେଙ୍କାନାଳ ମୂଳକର ଏକଛତ୍ରପତି ଶାସକ ଇଂରେଜ ଗୋଲାମ୍ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୁର୍।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

### ନିଜ ବିରୋଧରେ ହୋଇଥିବା ଅଭିଯୋଗକୁ ଖଣ୍ଡନ

# ସ୍ପଷ୍ଟୀକରଣ ଦେଲେ ବିରଞ୍ଚି ପ୍ରଧାନ

**ବାଲେଶ୍ୱର :** ବାଲେଶ୍ୱର ନିର୍ମାଣ ସଂଘ ସମନ୍ୱୟ ସମିତିର କର୍ମକର୍ତ୍ତାଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିରଞ୍ଚି ପ୍ରଧାନ ଓ ଅନ୍ୟାନ୍ୟ ଶ୍ରମିକ ନେତାଙ୍କ ବରୋଧରେ କେତେକ ପ୍ରମୁଖ ଖବର କାଗଜରେ ପ୍ରକାଶିତ ଭିତ୍ତିହୀନ ସମ୍ବାଦର ସ୍ପଷ୍ଟୀକରଣ ଦିଆଯାଇଥିଲଶ। ପ୍ରକାଶିତ ଖବର ଅନୁସାରେ ବିରଞ୍ଚି ପ୍ରଧାନ ନିର୍ମାଣ ଶ୍ରମିକ ପରିଚୟପତ୍ର କରାଇ ଦେବା ନାମରେ ଜଣ ପ୍ରତି ୨ରୁ ୩ ହଜାର ଟଙ୍କା ନେଉଛନ୍ତି। ଶ୍ରମ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତ ବାରିସି କରି ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଉପାୟରେ ସେ ଶୋଷଣ କରୁଛନ୍ତି ବୋଲି କେତେକ ତଥାକଥିତ ଶ୍ରମିକ ନେତା ମିଳିତ ଭାବେ ଉପ-ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏମିତିକି ଏ ବାବଦରେ ଉଚିତ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜୟ ପାତ୍ର, ହରିଶ ପାତ୍ର, ଗଦାଧର ପ୍ରଧାନ, ଚନ୍ଦନ ରାୟ, ଶ୍ୟାମ ସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବ୍ୟକ୍ତିମାନେ ଶ୍ରମ




ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଡିଏଲସିଙ୍କୁ ମିଳିତ ଦାବିପତ୍ର ମଧ୍ୟ ଦେଇଥିଲେ। ତେବେ ଆମର କହିବା କଥା ହେଲା, ବାଲେଶ୍ୱର ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତା ଭାବେ କେବେଳ ଶ୍ରୀ ପ୍ରଧାନ ନୁହନ୍ତି ବରଂ ଏହି ନିର୍ମାଣ ଶ୍ରମିକ ସମନ୍ୱୟ ସମିତିରେ ଅନ୍ତର୍ଭୁକ୍ତ ବିଭିନ୍ନ ସଂଗଠନରୁ ତାଙ୍କ ଭଳି ବହୁ ଶ୍ରମିକନେତା ପ୍ରତିଦିନ ଲୋକଙ୍କୁ ସାହାଯ୍ୟ ସହଯୋଗ କରନ୍ତି। ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ନବୀକରଣ ଓ ବିଭିନ୍ନ ଯୋଜନାରେ ଶ୍ରମିକ କଲ୍ୟାଣ ପାଣ୍ଠିରୁ ସହାୟତା ପ୍ରଦାନରେ ସାହାଯ୍ୟ ସହଯୋଗ କରିବା ପଞ୍ଜୀକୃତ ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କ ମୌଳିକ କର୍ତ୍ତବ୍ୟ ଅଟେ। ମାତ୍ର ଯେଉଁମାନେ ଅଭିଯୋଗ କରିଛନ୍ତି ସେମାନେ କୌଣସି ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତା ବା ସଦସ୍ୟ ମଧ୍ୟ ନୁହନ୍ତି। ଶ୍ରମ କାର୍ଯ୍ୟାଳୟରେ ଦଲାଲି ସହ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନେ ଦୀର୍ଘଦିନ ଧରି ସାଧାରଣ ଲୋକଙ୍କୁ ଠକି ଅର୍ଥ ଶୋଷଣ କରି ଚାଲିଥିଲେ। ରାତି ପାହିବା ମାତ୍ରେ ସେମାନେ ଶ୍ରମ କାର୍ଯ୍ୟାଳୟରେ ପହଞ୍ଚି ଜିଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକଙ୍କୁ ମିଛସତ କଥା କହି ଅର୍ଥ ଠକୁଥିଲେ। ମାତ୍ର ସରକାରଙ୍କ ଶ୍ରମ ନୀତି ଅନୁସାରେ ଆମ୍ଭେମାନେ ନିର୍ମାଣ ଶ୍ରମିକ ସଂଗଠନ ପଞ୍ଜୀକରଣ ସହ ଲୋକଙ୍କୁ ମାଗଣାରେ ସାହାଯ୍ୟ ସହଯୋଗ କରିବା ଦ୍ୱାରା ସେମାନଙ୍କ ଦଲାଲିରେ ବାଧା ଉପୁଜିବାରୁ ସେମାନେ ଏଭଳି ମିଥ୍ୟା ଆରୋପ ଉଠାଇଛନ୍ତି। ସେମାନଙ୍କ ଅତୀତ କାର୍ଯ୍ୟଧାରା ଉପରେ ଦୃଷ୍ଟିପାତ କଲେ ଆପଣମାନେ ସତ୍ୟତା ସମ୍ପର୍କରେ ବେଶ ଅବଗତ ହୋଇପାରିବେ। ଭାତହାଣ୍ଡିରୁ ଗୋଟିଏ ଭାତ ଚିପିବା ପରି ଗୌରାଙ୍ଗ ପାଣିଗ୍ରହୀଙ୍କ ସମ୍ପର୍କରେ ଜାଣିବାକୁ ଥରେ ଚେଷ୍ଟା କରନ୍ତୁ, କେଉଁଟା ସତ୍ୟ ଓ କେଉଁଟା ମିଥ୍ୟା, ତାହା ଆପଣଙ୍କ ସମ୍ମୁଖକୁ ଆସିଯିବ। ଜଗତସିଂପୁର ତିର୍ତ୍ତୋଲ ଅଞ୍ଚଳରୁ ଆସି ଜଣେ ପମ୍ପ ଡ୍ରାଇଭର ଭାବେ ବାଲେଶ୍ୱର ଉଠା ଜଳସେଚନ ବିଭାଗରେ କାର୍ଯ୍ୟ ଆରମ୍ଭ କରିଥିଲେ ସେ। ପରେ ରାତା ରାତି ଶ୍ରମିକ ନେତା ହୋଇଯାଇ ଚାନ୍ଦା ଆଦାୟ ଓ ବ୍ରିଟ ଜମି ହାତେଇବା ଆଦି ତାଙ୍କର ନିୟମିତ କାର୍ଯ୍ୟ ହୋଇଯାଇଛି। ଅନ୍ୟମାନଙ୍କ କଥା କିଛି ନ କହିବା ଭଲ। ତେବେ ଆମର ଅନୁରୋଧ ସେମାନେ ବି ସରକାରୀ ନିୟମ ମାନି ଗୋଟିଏ ଗୋଟିଏ ନିର୍ମାଣ ଶ୍ରମିକ ସଂଘ ପଞ୍ଜୀକରଣ କରି ସାଧାରଣ ଲୋକଙ୍କୁ ସାହାଯ୍ୟ ସହଯୋଗ ପାଇଁ ଆଗେଇ ଆସନ୍ତୁ। ମାତ୍ର କାହା ଉପରେ ଏଭଳି ମିଥ୍ୟା ଆରୋପ ଲଗାଇ ସାଧାରଣ ଲୋକଙ୍କୁ ସାହାଯ୍ୟ ସହଯୋଗ କ୍ଷେତ୍ରରେ ବାଧା ଉପୁଜାନ୍ତୁ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚଳିବନି ...

ସୁପ୍ରିମ୍ କୋର୍ଟ ଅନୁଭବ କରିଛନ୍ତି। ଟ୍ରାଏଲ କୋର୍ଟରେ ବାରମ୍ବାର ମାମଲା ସ୍ଥଗିତ ରଖିବା ଉପରେ ସୁପ୍ରିମ୍ କୋର୍ଟ ରୋଷ ଜଣାଇଛନ୍ତି। ସର୍ବୋଚ୍ଚ ଅଦାଲତ କୌଣସି ଶୁଣାଣି ଟାଳିବା ପାଇଁ ଓକିଲଙ୍କ ନିବେଦନକୁ ସ୍ୱୀକାର ନ କରିବା ପାଇଁ ବିଚାରପତିମାନଙ୍କୁ କହିଛନ୍ତି। ମଧ୍ୟପ୍ରଦେଶର ଏକ ମାମଲାରେ ୪ ବର୍ଷ ବିଳମ୍ବ ଏବଂ ୧୦ ଥର ଶୁଣାଣି ଟଳିବା ମାମଲାରେ ଜଷ୍ଟିସ୍ ଏମ୍ଆର୍ ଶାହ ଏବଂ ଜଷ୍ଟିସ୍ ଏଏସ୍ ବୋପନ୍ନାଙ୍କ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଯେ ଏବେ ବିଚାର ବିଭାଗରେ କର୍ମ ସଂସ୍କୃତି ବଦଳାଇବା ସମୟ ଆସିଯାଇଛି। ବାରମ୍ବାର ଶୁଣାଣି ଟଳିବା ଦ୍ୱାରା ଆଇନଗତ ପ୍ରକ୍ରିୟା ମନ୍ଥର ହୋଇଯାଉଛି ଏବଂ ହତାଶା ବଢୁଛି। ଏଭଳି ସ୍ଥିତି ନ୍ୟାୟ ପ୍ରଦାନ ବ୍ୟବସ୍ଥା ପ୍ରତି ରହିଥିବା ବିଶ୍ୱାସକୁ ଦୋହଲାଇ ଦେଉଛି। ଏବେ ଅଦାଲତମାନେ ଏଭଳି ପଦକ୍ଷେପ ଗ୍ରହଣ କରିବା ଉଚିତ ଯାହାଦ୍ୱାରା ନ୍ୟାୟ ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ ଅତୁଟ ରହିବ। ଅଦାଲତ ନିୟମିତ ଭାବେ ମାମଲାର ଶୁଣାଣି କଲେ ନ୍ୟାୟିକ ପ୍ରକ୍ରିୟା ଯଥାର୍ଥ ଭାବେ ଆଗକୁ ବଢ଼ିବ ଏବଂ ନ୍ୟାୟରେ ବିଳମ୍ବ ହେବ ନାହିଁ। ଏଥିପାଇଁ ଅନାବଶ୍ୟକ ଭାବେ ଏବଂ ନାନା ବାହାନା ଦ୍ୱାରା ଶୁଣାଣି ଟାଳିବା ପାଇଁ ହେଉଥିବା ଉଦ୍ୟମକୁ ବିଫଳ କରିଦିଆଯିବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ବିଚାରପତିମାନେ ଆବେଦନକାରୀଙ୍କ ପ୍ରତି ସେମାନଙ୍କ କର୍ତ୍ତବ୍ୟ ପ୍ରତି ଧ୍ୟାନ ଦେଇ କାମ କରିବାକୁ ପଡ଼ିବ। ଯେଉଁମାନେ ନ୍ୟାୟ ପାଇଁ ଆସିଛନ୍ତି ସେମାନଙ୍କୁ ଠିକ୍ ସମୟରେ ନ୍ୟାୟ ଦେବାପାଇଁ ପ୍ରୟାସ ହେବା ଜରୁରୀ ବୋଲି ସୁପ୍ରିମ୍ କୋର୍ଟ କହିଛନ୍ତି। ତେବେ ଏଥିପାଇଁ ଦୀର୍ଘ ବର୍ଷ ଚାଲିଥିବା ପରମ୍ପରାକୁ ଭାଙ୍ଗିବା ଆବଶ୍ୟକ ବୋଲି ଖଣ୍ଡପୀଠ ଦୃଢ଼ ମତପୋଷଣ କରିଛନ୍ତି।

### ଦ୍ୱିପାକ୍ଷିକ ...

ଜନ୍ମଦିନ ପାଳନ କରିବାକୁ ଯାଉଛୁ। ତେଣୁ ଗାନ୍ଧୀଙ୍କ ଅହିଂସା ନୀତିକୁ ମନେ ପକାଇବାକୁ ହେବ ଏବଂ ତାହାକୁ ଆଜିର ବିଶ୍ୱ ପାଇଁ ପ୍ରୟୋଗ କରିବାକୁ ହେବ ବୋଲି ବାଇଡେନ କହିଛନ୍ତି। ସେ ଏହି ପ୍ରେକ୍ଷାପଟରେ ଗାନ୍ଧୀଙ୍କ ଟ୍ରଷ୍ଟିସିପ୍ ନୀତି ଆଧାରରେ ଦେଶ ଦେଶ ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧି ଉପରେ ବାଇଡେନ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ଏହି ଅବସରରେ ବାଇଡେନଙ୍କୁ କହିଛନ୍ତି ଯେ, ମୋତେ ଓ ଆମ ପ୍ରତିନିଧି ମଣ୍ଡଳୀକୁ ଆପଣ ଉଷ୍ମ ସ୍ୱାଗତ କରିଥିବାରୁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି। ପୂର୍ବରୁ ପରସ୍ପର ମଧ୍ୟରେ ଆଲୋଚନା କରିବାର ସୁଯୋଗ ଆମ ପାଇଁ ଜୁଟିଥିଲା। ସେହି ସମୟରେ ଭାରତ ଏବଂ ଆମେରିକାର ସଂପର୍କ ନେଇ ଆପଣ ଆପଣଙ୍କର ଦୂରଦୃଷ୍ଟି ରଖିଥିଲେ। ୨୦୧୬ରେ ଆମେ ଯେତେବେଳେ ଭେଟିଥିଲେ ସେହି ସମୟରେ ଭାରତ ଏବଂ ଆମେରିକା ସଂପର୍କକୁ ସୁଦୃଢ଼ କରିବା ଲାଗି ଆପଣ ମୋ ସମ୍ମୁଖରେ ଆପଣଙ୍କ ଦୂରଦୃଷ୍ଟିକୁ ଉପସ୍ଥାପନ କରିଥିଲେ। ଏବେ ରାଷ୍ଟ୍ରପତି ଭାବେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ପଦକ୍ଷେପ ନେଉଛନ୍ତି । ଆପଣଙ୍କ ନେତୃତ୍ୱରେ ଭାରତ ଏବଂ ଆମେରିକା ସଂପର୍କକୁ ବଢ଼ାଇବା ଲାଗି ମଞ୍ଜି ବୁଣାଯାଇଥିଲା। ବିଶ୍ୱର ସବୁ ଗଣତାନ୍ତ୍ରିକ ଦେଶ ପାଇଁ ଚଳିତ ଦଶନ୍ଧି ଅନେକ ପରିବର୍ତ୍ତନ ଆଣିବ ବୋଲି ମୋଦି କହିଛନ୍ତି। ଉଭୟ ଭାରତ ଏବଂ ଆମେରିକା ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସଂପ୍ରତି ପ୍ରଯୁକ୍ତି ବିଶ୍ୱକୁ ଆଗକୁ ବଢ଼ାଉଛି। ଚଳିତ ଦଶନ୍ଧିରେ ଭାରତ ଏବଂ ଆମେରିକା ସେମାନଙ୍କ ବାଣିଜ୍ୟିକ ସଂପର୍କକୁ ସୁଦୃଢ଼ କରିପାରିବେ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟକ ସହଯୋଗ ଏକ ପ୍ରମୁଖ କ୍ଷେତ୍ର ଭାବେ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିଭଳି ଚଳିତ ଦଶନ୍ଧି ପ୍ରତିଭାବାନ ଲୋକଙ୍କୁ ନେଇ ଏବଂ ଲୋକ ଓ ଲୋକଙ୍କ ମଧ୍ୟରେ ସଂପର୍କକୁ ନେଇ ନୂଆ ରୂପ ନେବ। ଆମେରିକାର ପ୍ରଗତିରେ ଭାରତୀୟମାନେ ସକ୍ରିୟ ଯୋଗଦାନ ରଖୁଥିବାରୁ ଏହା ତାଙ୍କୁ ଖୁସି ଦେଉଛି ବୋଲି ମୋଦୀ କହିଛନ୍ତି। କୋଭିଡ ଠାରୁ ଆରମ୍ଭ କରି ଜଳବାୟୁ ଏବଂ କ୍ୱାଡ୍ ଆଦି କ୍ଷେତ୍ରରେ ଆମେରିକା ଅନେକ ବଳିଷ୍ଠ ପଦକ୍ଷେପ ନେଇଛି। ଭବିଷ୍ୟତରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ଅନୁଭୁତ ହେବ ବୋଲି ଆଲୋଚନା ବେଳେ ମୋଦି ବାଇଡେନଙ୍କୁ କହିଛନ୍ତି। ପ୍ରଧାନମନ୍ତ୍ରୀ ଓ ଆମେରିକା ରାଷ୍ଟ୍ରପତିଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ଭାରତ ପକ୍ଷରୁ ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର, ଏନଏସଏ ଅଜିତ ଡୋଭଲ, ବିଦେଶ ସଚିବ ହର୍ଷ ବର୍ଦ୍ଧନ ଶ୍ରିଙ୍ଗଳା, ଆମେରିକାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଟି ଏସ ସାନ୍ଧୁ, ପ୍ରଧାନମନ୍ତ୍ରୀଙ୍କ ଯୁଗ୍ମ ସଚିବ ଆର ଜି ଶ୍ରେଷ୍ଠ ଏବଂ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିବେକ କୁମାର ଉପସ୍ଥିତ ଥିଲେ। ଏହି ଅବସରରେ ମୋଦି ହ୍ୱାଇଟ୍ ହାଉସର ରୁଜଭେଲ୍ଟ ରୁମ୍ର ପରିଦର୍ଶକ ବହିରେ ଦସ୍ତଖତ କରିଥିଲେ।

### ଖବର ପାଇଁ ...

ଖବର ଦେବାକୁ ଯାଇ ନିଜେ ଦୁଃଖଦ ଖବର ହୋଇଗଲେ। କଟକ ନରାଜର ମୁଣ୍ଡଳୀ ନିକଟରେ ପାଣିରେ ଫସି ରହିଥିବା ହାତୀକୁ ଉଦ୍ଧାର ଖବର ଦେବାକୁ ଯାଇଥିଲେ କିନ୍ତୁ ବୋଟ୍ ଓଲଟିଯିବାରୁ ଓଡ୍ରାଫ୍ ଟିମ ସହିତ ପାଣିରେ ବୁଡି ଯାଇଥିଲେ ଅରିନ୍ଦମ। କିଛି ସମୟ ପରେ ପାଣିରେ ଭାସୁଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଏସ୍‌ସିବି ମେଡିକାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଓଟିଭିର ମୁଖ୍ୟ ରିପୋର୍ଟର ଅରିନ୍ଦମ୍ ଦାସଙ୍କ ଘଟିଛି ଅକାଳ ବିୟୋଗ। ଶୁକ୍ରବାର ଦିନ ମୁଣ୍ଡଳୀରେ ଏକ ଓଡ୍ରାଫ୍ ବୋଟ୍ ଦୁର୍ଘଟଣାରେ ଅରିନ୍ଦମ୍ ପ୍ରାଣ ହରାଇଛନ୍ତି। ଅରିନ୍ଦମ୍‌ଙ୍କ ମୃତ୍ୟୁ ନେଇ କଟକ ବଡ ଡାକ୍ତରଖାନାର ଜରୁରୀକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା ଏ ନେଇ ସୂଚନା ଦେଇଛନ୍ତି। ତେବେ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗ ଦୁଃଖଦ ନିଶ୍ଚୟ କିନ୍ତୁ ଏଥି ପାଇଁ ଦାୟୀ କିଏ? ଦୁଃସାହସିକ ରିପୋର୍ଟିଂ, ଟିଆରପି ନିଶା ନା ସାଙ୍ଗରେ ନେଇଥିବା ଓଡ୍ରାଫ୍ ଟିମ କର୍ମଚାରୀ? ଅରିନ୍ଦମ ଏବଂ ତାଙ୍କ କ୍ୟାମେରା ମ୍ୟାନ୍ ନିଜ ଇଚ୍ଛାରେ ଯାଇଥିଲେ ନା ସେମାନଙ୍କୁ ଓଡ୍ରାଫ୍ ଟିମ୍ ସଦସ୍ୟ ଡାକିକି ନେଇଥିଲେ ନା ଅରିନ୍ଦମ ଓଡ୍ରାଫ୍ ଟିମ ସଦସ୍ୟଙ୍କୁ କହି ଖବର ସଂଗ୍ରହ ପାଇଁ ଯାଇଥିଲେ ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଓଡ୍ରାଫ୍ ଟିମ୍ ସହ ଗଣମାଧ୍ୟମର ଦୁଇ ଜଣ ପ୍ରତିନିଧି ଯିବା ପାଇଁ କିଏ ଅନୁମତି ଦେଇଥିଲା? କାହା ନିର୍ଦ୍ଦେଶରେ ଓଡ୍ରାଫ୍ ଟିମ୍ କର୍ମଚାରୀ ଦୁଇ ଗଣମାଧ୍ୟମ ପ୍ରତିନିଧିଙ୍କ ଜୀବନ ବାଜି ଲଗାଇ ପାଣି ଭିତରକୁ ନେଇଯାଇଥିଲେ? ଉଦ୍ଧାରକାରୀ ଟିମ୍‌ରେ କେଉଁ ଅଧିକାରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମିଲ କରିଥିଲେ? ଓଡ୍ରାଫ୍ ଅଧିକାରୀଙ୍କ ବିରୋଧରେ ହେବ କି କାର୍ଯ୍ୟାନୁଷ୍ଠାନ? ଏ ତମାମ୍ ପ୍ରଶ୍ନ ଏବେ ସାମ୍ନାକୁ ଆସିବାରେ ଲାଗିଛି। ପାଣିର ପ୍ରଖର ସୁଅରେ ଓଡ୍ରାଫ୍ ଟିମ ସଦସ୍ୟ ତାଙ୍କୁ କାହିଁକି ଭିତରକୁ ନେଇଥିଲେ ତାହା ସବୁଠାରୁ ବଡ ପ୍ରଶ୍ନବାଚୀ ଛିଡା କରିଛି। ଘଟଣାକୁ ନେଇ ତଦନ୍ତ ପ୍ରକ୍ରିୟା ଆଗକୁ କଣ ରହିବ ତାହା ତ ଭିନ୍ନ କଥା କିନ୍ତୁ ସେମାନଙ୍କୁ ଓଡ୍ରାଫ୍ ଟିମ ସଦସ୍ୟ ଭିତରକୁ କାହିଁକି ନେଇକି ଯାଇଥିଲେ ତାହା ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କାରଣ ଓଡ୍ରାଫ୍ ଟିମ ସଦସ୍ୟ ପ୍ରାକୃତିକ ଦୁର୍ବିପାକ ସମୟରେ କିଭଳି ମୁକାବିଲା କରିବାକୁ ହେବ ସେଥିପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଛନ୍ତି। କିନ୍ତୁ ଓଟିଭି ରିପୋର୍ଟର ଅରିନ୍ଦମ ଦାସ ଏବଂ ତାଙ୍କ କ୍ୟାମେରାମ୍ୟାନ୍ ପ୍ରଭାତ ସିହ୍ନା ଦୁଃସାହସ ପ୍ରଦର୍ଶନ କରି ପାଣି ଭିତରକୁ ଯାଇଥିଲେ। ପାଣିର ପ୍ରଖର ସ୍ରୋତରେ ବୋଟ୍‌ଟି ବୁଡିଯିବାରୁ ସମସ୍ତେ ବୁଡିଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘଘଣ୍ଟା ଧରି ମୁଣ୍ଡଳୀ ନିକଟରେ ମହାନଦୀ ପାଣିରେ ଫସି ରହିଥିବା ଦନ୍ତା ହାତୀକୁ ଉଦ୍ଧାର କରିବାକୁ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳକୁ ଯାଇଥିଲେ। ଅକ୍ଳାନ୍ତ ପରିଶ୍ରମ କରି ଓଡ୍ରାଫ୍ ଟିମ୍‌ର ବୋଟ୍‌ରେ ୫ଜଣ ଓଡ୍ରାଫ୍ କର୍ମଚାରୀଙ୍କ ସହ ଓଟିଭିର ରିପୋର୍ଟର ଅରିନ୍ଦମ୍ ଦାସ୍ ଏବଂ କ୍ୟାମେରା ପର୍ସନ ପ୍ରଭାତ ସିହ୍ନା ମଧ୍ୟ ରହିଥିଲେ। ଗଜରାଜକୁ ଉଦ୍ଧାର କରିବାକୁ ନିକଟକୁ ଯିବାବେଳେ ନଦୀର ପ୍ରଖର ସ୍ରୋତରେ ବୋଟ୍‌ଟି ଭାରସାମ୍ୟ ହରାଇ ଓଲଟିପଡିଥିଲା। ଫଳରେ ବୋଟ୍‌ରେ ଥିବା ୭ ଜଣ ଯାକ ନଦୀ ପାଣିରେ ବୁଡିଯାଇଥିଲେ। ବ୍ରିଜ୍ ଉପରେ ଥିବା ଅନ୍ୟ ଓଡ୍ରାଫ୍ କର୍ମଚାରୀ ବୁଡିଯାଇଥିବା ୩ ଜଣ ଓଡ୍ରାଫ୍ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଓଟିଭିର କ୍ୟାମେରା ପର୍ସନଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଥିଲେ। ତେବେ ଓଟିଭିର ରିପୋର୍ଟର ଅରିନ୍ଦମ୍ ଦାସ ଭାସିଯାଇଥିଲେ। କିଛି ଦୂରରେ ନଦୀ ପାଣିରେ ଭାସୁଥିବା ବେଳେ ଏକ ମାଛଧରା ଡଙ୍ଗା ତାଙ୍କ ନିକଟକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲା। ସମସ୍ତଙ୍କୁ ଉଦ୍ଧାର କରାଯାଇ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଓଟିଭି ରିପୋର୍ଟର ଅରିନ୍ଦମ୍ ଦାସଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି।

### ଓଡ଼ିଶାରେ ...

ଫେଡେରେସନ୍ (ଏଫଆଇଏଚ୍) ଓଡ଼ିଶା ସରକାରଙ୍କ ସହ ଆଲୋଚନା କରିଥିଲା। ଆଜି ଓଡ଼ିଶା ସରକାର ପୁଣିଥରେ ବିଶ୍ୱକପ୍ ଭଳି ମେଗା ଇଭେଣ୍ଟକୁ ଆୟୋଜନ କରିବାକୁ ରାଜି ହୋଇଥିଲେ ଏବଂ ଏଥିପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ଓଡ଼ିଶାରେ ଆଗାମୀ ଜୁନିୟର ହକି ବିଶ୍ୱକପ ୨୦୨୧ ଖେଳାଯିବା ନେଇ ଘୋଷଣା ହୋଇଛି। ଓଡ଼ିଶା ହିଁ ହକି ବିଶ୍ୱକପ ପାଇଁ ଉପଯୋଗୀ ସ୍ଥାନ ବୋଲି କହିବା ସହ ହକି କ୍ରୀଡ଼ାବିତଙ୍କ ପାଇଁ ଓଡିଶାର ପ୍ରୋତ୍ସାହନକୁ ପ୍ରଶଂସା କରିଛନ୍ତି ନରିନ୍ଦ୍ର ବାତ୍ରା। ହକିର ଲୋକପ୍ରିୟତା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ହକି ପାଇଁ ଓଡିଶା ଲକି ବୋଲି ସମ୍ବୋଧିତ କରିବା ସହ କଳିଙ୍ଗ ଷ୍ଟାଡିୟମ ହକି ପାଇଁ ଦେଶର ସର୍ବଶ୍ରେଷ୍ଠ ଭେନ୍ୟୁ ବୋଲି ସେ କହିଛନ୍ତି। କ୍ରିଡାର ବିକାଶରେ ଓଡିଶା ଦେଶର ଅନ୍ୟ ରାଜ୍ୟମାନଙ୍କ ପାଇଁ ଉଦାହାରଣ। ଅନ୍ୟପଟେ ହକି ସଚିବ ରାଜିନ୍ଦର ସିଂହ ମଧ୍ୟ ରାଜ୍ୟ ସରକାରଙ୍କ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଟୋକିଓ ଅଲିମ୍ପିକ୍ସ ପରେ ଓଡ଼ିଶା ସରକାର ୨୦୩୨ ପର୍ଯ୍ୟନ୍ତ ହକି ଇଣ୍ଡିଆ ତଥର ଉଭୟ ପୁରୁଷ ଓ ମହିଳା ହକି ଟିମ୍‌ର ପ୍ରାୟୋଜକ ରହିବ ବୋଲି ଘୋଷଣା କରିଛି। ୨୦୧୮ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ୍ ସଫଳତାପୂର୍ବକ ଆୟୋଜନ ହୋଇଥିଲା। ଯାହା ପରେ ଓଡ଼ିଶାରେ ମଧ୍ୟ ୨୦୨୩ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ହେବା ନେଇ ମଧ୍ୟ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ହକି ଇଣ୍ଡିଆର ପ୍ରେସିଡେଣ୍ଟ ନରେନ୍ଦର ବାତ୍ରା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେର, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ, ୫-ଟି ସଚିବ ଭିକେ ପାଣ୍ଡିଆନ୍‌ଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ଥିଲେ। କୋଭିଡ କଟକଣାରେ ହେବ ହକି ବିଶ୍ୱକପ ମ୍ୟାଚ୍ ହେବ।

### ତଥାପି ଚେତୁନି ...

କେତେ ଲୋକଙ୍କୁ ଆହତ କଲାଣି, ତାର ହିସାବ ନାହିଁ। ଝାରପଡ଼ା ଗଣେଶ ମଣ୍ଡପ ସାମ୍ନାରେ ଥିବା ଡ୍ରେନ୍ ଭିତରୁ ବାହାରିଥିବା ଲୁହାଛଡ଼ ବଡ଼ ବିପଦକୁ ଆମନ୍ତ୍ରଣ କରୁଛି। ଟିକିଏ ଅନ୍ୟମନସ୍କ ହେଲେ, ସିଧା ଏହି ଲୁହାଛଡ଼ ଦେହରେ ଗଳିଯିବ। କଳ୍ପନା ଛକ ନିକଟ ବ୍ୟସ୍ତ ବହୁଳ କଟକ ରୋଡ଼ରେ ବି ବିନା ସ୍ଲାବରେ ଡ୍ରେନ୍ ମୁକୁଳା ପଡ଼ିଛି। ସେମିତି ପୁରୁଣା ଭୁବନେଶ୍ୱର ବିନ୍ଦୁସାଗର ନିକଟ କେଦାରଗୌରୀ ଛକ, କ୍ୟାପିଟାଲ ହସ୍ପିଟାଲ ସମ୍ମୁଖ, ରେଳ ଷ୍ଟେସନ୍ ମୁଖ୍ୟ ପ୍ରବେଶ ପଥ ଓ ମାଷ୍ଟର କ୍ୟାଣ୍ଟିନ୍ ଛକ ସବୁଠି ଡ୍ରେନ୍ ପଡ଼ିଛି ମୁକୁଳା। ଆଉ ଏସବୁ ମୁକୁଳା ଡ୍ରେନ୍ ସମସ୍ତଙ୍କ ପାଇଁ ମରଣଯନ୍ତା ପାଲଟିଛି। ଯଦି ଆମେ ତଥ୍ୟକୁ ଦେଖିବା, ତାହେଲେ ବେସରକାରୀ ଅନୁସାରେ ରାଜଧାନୀରେ ପ୍ରାୟ ୮ଶହ କିଲୋମିଟରରୁ ଅଧିକ ଲମ୍ବା ଡ୍ରେନ୍ ଅଛି। ଯେଉଁଥିରୁ ବିଏମସି ଅଧୀନରେ ପ୍ରାୟ ୪ଶହ କିଲୋମିଟର ରହିଛି ଇଡକୋ। ପୂର୍ତ୍ତ ବିଭାଗ ଓ ଏନଏଚଏଆଇ ଅଧୀନରେ ବି ଶହ ଶହ କିଲୋମିଟର ଡ୍ରେନ୍ ରହିଛି। ତେବେ ଉଦବେଗର କଥା ହେଲା ସେଥିରୁ ୬୦ ପ୍ରତିଶତ ଡ୍ରେନରେ ସ୍ଲାବ ନାହିଁ। ଅର୍ଥାତ୍ ପ୍ରାୟ ୫ଶହ କିଲୋମିଟର ଡ୍ରେନ୍ ମୁକୁଳା ପଡିଛି। ସେପଟେ ବରମୁଣ୍ଡା ଡ୍ରେନ୍ ଟ୍ରାଜେଡି ପରେ ବିଏମସି ତଦନ୍ତକାରୀ କମିଟି ଗଠନ କରି ଘଟଣାର ଅନୁଧାନ କରିଛି। ଅପରପକ୍ଷରେ ରାଜଧାନୀର ଡ୍ରେନ୍ ଟ୍ରାଜେଡିକୁ ନେଇ ବିଧାନସଭା ଗୃହ କମିଟି ଉଦେବଗ ପ୍ରକାଶ କରିଛି। ବର୍ଷା ବେଳେ ଉଭୟ କଟକ ଓ ଭୁବନେଶ୍ୱରର ମୁକୁଳା ପଡ଼ିଥିବା ବହୁ ଡ୍ରେନ୍ ଲୋକଙ୍କ ଜୀବନ ନେଉଥିବାରୁ ଏ ସମସ୍ୟାର ସମାଧାନ ଲାଗି ତତ୍ପରତା ପ୍ରକାଶ କରିଛି ଗୃହ କମିଟି। ଆଗାମୀ ୫ ତାରିଖରେ ବିଏମ୍‌ସି ଓ ସିଏମ୍‌ସି କମିଶନର, ଡ୍ରେନେଜ ଯନ୍ତ୍ରୀ, ଜାଇକା କର୍ତ୍ତୃପକ୍ଷ ଏବଂ ଅନ୍ୟ ଅଧିକାରୀଙ୍କୁ ନେଇ ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଛି। ବିଧାୟକ ପ୍ରଫୁଲ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗୃହ କମିଟି ବୈଠକରେ ବର୍ଷା ବେଳେ ଡ୍ରେନ୍ ସମସ୍ୟା ଓ ଛାତ୍ର ଜ୍ୟୋତିପ୍ରକାଶଙ୍କ ମୃତ୍ୟୁ ନେଇ ଆଲୋଚନା କରାଯାଇଥିଲା।

### ସ୍ୱାବଲମ୍ବୀ ପରିବର୍ତ୍ତେ ...

ଟଙ୍କା ଉଠାଇ ଅନ୍ୟମାନଙ୍କୁ ଟଙ୍କା ଧାର ଦେଇ ମୂଳ ସହିତ ସୁଧ ବି ମୋଟା ଅଙ୍କର ଆଦାୟ କରୁଛନ୍ତି। ଏପରିକି ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକା ମାନେ ଗରିବ ମହିଳା ମାନଙ୍କୁ ଋଣ ଟଙ୍କା ନଦେଇ ଅନ୍ୟ ଆଡେ ସୁଧ ହାରରେ ଲଗାଇ ଦେଉଛନ୍ତି।ସରକାର ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ସେମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ କରି ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିବାର ଲକ୍ଷ୍ୟ ରଖିଥିବା ବେଳେ ଏଥିରେ ବ୍ୟାପକଭାବେ ପାରିବାରିକ ବିଶୃଙ୍ଖଳା ମାନ ଦେଖାଗଲାଣି। ମହିଳାମାନେ ଘରେ ରହି ରୋଷେଇ କରିବା ପରିବର୍ତ୍ତେ ସୁଧିଆ ଟଙ୍କା ମାନଙ୍କରେ ଗାଡି କିଣି ଗାଁ ଠୁ ସହର ପର୍ଯ୍ୟନ୍ତ ଘେରା ମାରିବାରେ ବ୍ୟସ୍ତ ରହୁଛନ୍ତି। ପ୍ରତି ଗାଁ ମାନଙ୍କରେ ଛତୁ ଚାଷ କଲାପରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ଏଥିରେ ମଦ ବ୍ୟବସାୟ କରୁଥିବାର ବହୁ ଘଟଣା ପଦାକୁ ଆସିଲାଣି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ହେବା ଦ୍ୱାରା ଘରେ ଘରେ ବିଶୃଙ୍ଖଳା, ହାତାହାତି ଓ କିଛି ଯୁବ ଗୋଷ୍ଠୀ ମାନଙ୍କୁ ହାତରେ ରଖି ତାଙ୍କଦ୍ୱାରା ରାହାଜାନି କରିବାରେ ବି ସକ୍ଷମ ହେଉଛନ୍ତି।ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାର ଯେଉଁ ଯୋଜନା କରାଯାଇ ଏକ ନୂଆ ବିଭାଗ ମିଶନ ଶକ୍ତି ଗଠନ କରାଯାଇଥିଲା ସେଥିରେ ଲୋନ ବାବଦ ଆସୁଥିବା ଟଙ୍କାରେ ପନିପରିବା ଚାଷ,ଛତୁ ଚାଷ, ପାନବରଜ ଚାଷ, ମାଛ ଚାଷ, ଗୋପାଳନ, ଛେଳିପାଳନ ଓ କୁକୁଡା ଫାର୍ମ ନକରି ବାହାରେ ସୁଧିଆ ଲଗାଇ ଏକପ୍ରକାର ମହାଜନର ଭୁମିକା ଲିଭାଉଛନ୍ତି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନେ ବ୍ୟାଙ୍କ ମାନଙ୍କରୁ ଟଙ୍କା ଉଠାଉ ସେ ଆର୍ଥିକ ଋଣମାନ କେଉଁ କାର୍ଯ୍ୟରେ ଲଗାଉଛନ୍ତି ତାର ତଦନ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ନା ବ୍ଲକ କର୍ତ୍ତୃପକ୍ଷ କେହିବି କରୁନାହାଁନ୍ତି ଫଳରେ ଦିନକୁ ଦିନ ମହିଳାମାନଙ୍କୁ ନେଇ ପାରିବାରିକ ଅରାଜକତା ସୃଷ୍ଟି ହେଲାଣି। ବିଧାୟକ ହେଉ କିମ୍ବା ମନ୍ତ୍ରୀ ହେଉ ବା ଅନ୍ୟ କୌଣସି ସ୍ଥାନ ମାନଙ୍କରେ ସଭା ସମିତି ମାନ କରାଗଲେ ମହିଳାମାନଙ୍କ ଉପସ୍ଥିତିକୁ ନେଇ ବୁଦ୍ଧଜୀବି ମହଲରେ ଦୃଢ ନିନ୍ଦା କରାଯାଉଛି। ମହିଳା ମାନଙ୍କର ଦୌରାମ୍ୟ ଉପରେ ଯଦି ସରକାର ରୋକ ନ ଲଗାନ୍ତି ତେବେ ଦିନ ଆସିବ ପାରିବାରିକ ଜୀବନ ଦୃବିଶହ ହୋଇପଡିବ। ଗୋଟିଏ ଗୋଟିଏ ପରିବାର ମଧ୍ୟରେ ଏତେ ଜଣ ମହିଳାଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କରେ ସ୍ଥାନ ଦିଆ ହେଉଥିବାକୁ ନେଇ ଆମ ପ୍ରତିନିଧି ତିର୍ତ୍ତୋଲ , ରଘୁନାଥପୁର ଓ ଜଗତସିଂହପୁର ବ୍ଲକରେ ନିଯୁକ୍ତି ପାଇଥିବା କର୍ମଚାରୀ ମାନଙ୍କୁ ପଚାରିବାରେ ସେ କହିଲେ ଯେ ମିଶନ ଶକ୍ତି ବିଭାଗଟି ନୂଆ ସୃଷ୍ଟି ହୋଇଛି ଏବଂ ଆମ୍ଭେ ଗ୍ରାମ ପଂଚାୟତ ଓ୍ୱାରି ସବୁ ଗୋଷ୍ଠୀ ମାନଙ୍କର ଡାଟା ବେସ ଏର୍ଣ୍ଣୀ କରୁଛୁ। ତାପରେ ଆମ୍ଭେ ବିଭାଗର ନିୟମାନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଜିଲ୍ଲାରେ ସ୍ୱଂୟ ସହାୟକା ଗୋଷ୍ଠୀ ଗଠନ କରି ସଭା ନେତ୍ରୀ ଓ ସମ୍ପାଦିକା ଯେଉଁ ବେନିୟମ କାର୍ଯ୍ୟ ସବୁକରି ଗରିବ ଲୋକଙ୍କୁ ସୁଧ ଦେଇ ଶୋଷଣ କରୁଛନ୍ତି, ସେମାନଙ୍କ ଉପରେ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ଓ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଗୁରୁତ୍ୱ ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସାଂସଦ ହେବତ ଏମିତି



**ନବରଙ୍ଗପୁର :** ନବରଙ୍ଗପୁର ଲୋକ ପ୍ରିୟ ସାଂସଦଙ୍କ କାର୍ଯ୍ୟକଳାପକୁ ନେଇ ଜିଲ୍ଲାବାସୀ ଗର୍ବ ଅନୁଭବ କରୁଛନ୍ତି। ଲୋକପ୍ରିୟ ସାଂସଦ ରମେଶ ମାଝୀ ସବୁ ବେଳେ ନିଜ ନିର୍ବାଚନ ମଣ୍ଡଳୀର ଲୋକ ମାନଙ୍କ ସମସ୍ୟାକୁ ବୁଝିଥାନ୍ତି, ତେଣୁ ଲୋକ ମାନେ ସାଂସଦଙ୍କୁ ଭଲ ପାଆନ୍ତି। ଓ୍ୱାର୍ଡମେମ୍ବର ଠାରୁ ଆରମ୍ଭ କରି ବିଧାୟକ, ମନ୍ତ୍ରୀ ଏବଂ ବର୍ତ୍ତମାନ ସାଂସଦ ହୋଇଥିବା ରମେଶ ମାଝିଙ୍କୁ ଅଞ୍ଚଳର ଲୋକ ମାନେ ଅଞ୍ଚଳର ଉନ୍ନତି ପାଇଁ ସବୁବେଳେ ନିର୍ବାଚନରେ ଜିତାଇ ଲୋକ ପ୍ରତିନିଧି ଭାବେ ନିର୍ବାଚିତ କରିଥାଆନ୍ତି। ତେବେ ଏବେ କିଛି ଏଭଳି କାର୍ଯ୍ୟକୁ ନେଇ ପ୍ରଶଂସାର ପାତ୍ର ପାଲଟିଛନ୍ତି ସାଂସଦ ରମେଶ ମାଝୀ। ଉମରକୋଟ ମୁନିସିପାଲଟିର ୧୨ ନମ୍ବର ଓ୍ୱାର୍ଡରେ ବିଜୁଜନତା ଦଳ ତରଫରୁ ଏକ ମିଶ୍ରଣ ପର୍ବ କରାଯାଇଥିଲା। ସେଥିରେ ମୁଖ୍ୟ ଅତିଥି ଭାବରେ ସାଂସଦ ଯୋଗ ଦେଇଥିଲେ। ତେବେ ସାଂସଦ ଓ୍ୱାର୍ଡ ରେ ଥିବା ସମସ୍ୟା ବିଷୟରେ ଲୋକଙ୍କୁ ପଚାରିବାରୁ ଓ୍ୱାର୍ଡ ବାସିନ୍ଦା ମାନେ ସେଠାକାର ମଶାଣିକୁ ଯିବା ପାଇଁ ରାସ୍ତା ନଥିବା ଅଭିଯୋଗ କରିଥିଲେ, ତେବେ ସଙ୍ଗେ ସଙ୍ଗେ ସାଂସଦ ରାସ୍ତା ପାଇଁ ପ୍ରତିଶ୍ରୁତି ଦେଇ ଥିଲେ ଓ ଗ୍ରାମବାସୀଙ୍କ ସହ ସ୍ଥାନୀୟ ମଶାଣିକୁ ଚାଲିଚାଲି ଯାଇଥିଲେ ଓ ମଶାଣିର ରାସ୍ତା ବହୁତ ଖରାପ ଥିବାରୁ ଉମରକୋଟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ରାସ୍ତା କାମ ଏକ ମାସ ମଧରେ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟରେ ନଗର ସଭାପତି କୈଳାସ ନାୟକ, ଟୁଟୁ ଭାଇ, ବିଷମ ଭାଇ ଓ ସମସ୍ତ ଓ୍ୱାର୍ଡ ର ବାସିନ୍ଦା ଉପସ୍ଥିତ ରହିଥିଲେ। ତେବେ ସାଂସଦଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଥିଲେ। ସାଂସଦ ହେତ ନବରଙ୍ଗପୁର ସାଂସଦ ଭଳି ହୁଅ ବୋଲି ଜନ ସାଧାରଣରେ ଚର୍ଚ୍ଚା ହେଉଛି। ଜନ ସାଧାରଣଙ୍କ ସମସ୍ୟା ବୁଝିବା ଯୋଗୁଁ ସେ ସବୁରି ମୁହଁରେ ପ୍ରଶଂସାର ପାତ୍ର ହୋଇ ଉଠିଛନ୍ତି, ଯାହା ଜନ ସାଧାରଣଙ୍କ ଠାରୁ ଶୁଣିବାକୁ ମିଳେ।

# ପାଠପଢ଼ାରେ ଅର୍ଥ ବାଧକ

## ସହାୟତାର ହାତ ବଢାଇଲା ସ୍ୱର୍ଣ୍ଣ ଚାରି ଟେବୁଲ ଟ୍ରଷ୍ଟ



**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ ଜିଲିଣ୍ଡା ଜୟମଙ୍ଗଳପୁର ଗ୍ରାମର ପ୍ରିୟଙ୍କା ମନ୍ତ୍ରୀଙ୍କର ପାଠପଢାରେ ଅର୍ଥ ବାଧକ ସାଜିଥିବା ବେଳେ ସହାୟତା ର ହାତ ବଢାଇଛି ସ୍ୱର୍ଣ୍ଣ ଚାରି ଟେବୁଲ ଟ୍ରଷ୍ଟ ସୂଚନାରୁ ପ୍ରକାଶ ଯେ ଅକ୍ଷୟ ମନ୍ତ୍ରୀଙ୍କ ଝିଅ ପ୍ରିୟଙ୍କା ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ଯୁକ୍ତ ଦୁଇରେ ଶୈଳବାଳା ମହାବିଦ୍ୟାଳୟରେ ପଢୁଥିଲେ। ଓ ପୁଅ ଅଶୋକ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାସ୍ କରିଛି। ମାତ୍ର ଗତ ତିନି ମାସ ପୂର୍ବେ ବାପା ଅକ୍ଷୟ ଙ୍କର କିଡନୀ ରୋଗରେ ମୃତ୍ୟୁ ଘଟିବା ପରେ ପରିବାର ଅସହାୟ ହୋଇ ପଡିଥିଲେ। ପରିବାର ଚଳିବା ଦୁଇ ଓଳି ଦୁଇ ମୁଠା ଖାଇବା ପାଇଁ ଦାନା ଯୋଗାଡ କରିବା ଅସହ୍ୟ ହୋଇ ପଡିଥିବା ବେଳେ କଲେଜରେ ଝିଅର କିପରି ନାମ ଲେଖାଇବେ ସେନେଇ ଚିନ୍ତାରେ ମା କୁମୁଦିନିଙ୍କୁ ନିଦ ହେଉ ନାହିଁ। ଖବର ପାଇବା ପରେ ନରସିଂହପୁର ସ୍ୱର୍ଣ୍ଣ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଅଧକ୍ଷ ପ୍ରଭାକର ମିଶ୍ର, ସଂପାଦକ କୁଳମଣି ବାରିକି, ଉପଦେଷ୍ଟା ସୁବାସିନୀ ମିଶ୍ର, ବୈଶାଖୀ ପ୍ରଧାନ, କୋଷାଧକ୍ଷ ଉମାକାନ୍ତ ସାହୁ, ଅଜୟ କୁମାର ପଣ୍ଡା,ମାୟାଧର ଦାଶ ପ୍ରମୁଖ ଯୋଗ ଦେଇ ପ୍ରିୟଙ୍କା ଙ୍କୁ ନାମ ଲେଖା ପାଇଁ ଟ୍ରଷ୍ଟ ପକ୍ଷରୁ ଦୁଇ ହଜାର ଟଙ୍କା ପ୍ରଦାନ କରିବା ସହ ଯଥା ସମ୍ଭବ ସହାୟତା ଯୋଗାଇଦେବାକୁ ଅଧକ୍ଷ ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି।

# ଅମ୍ବିକା ସ୍ୱାଇଁଙ୍କ ଶିଶୁ କବିତା ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର :** ପବିତ୍ର ଶ୍ରୀଗଣେଶ ଚତୁର୍ଥୀ ଅବସର ରେ ସୁପରିଚିତା ଲେଖିକା, ସଙ୍ଗଠିକା ଅମ୍ବିକା ସ୍ୱାଇଁଙ୍କ ଶିଶୁ କବିତା ପୁସ୍ତକ 'ଆସ ଗଢିବା ସ୍ୱପ୍ନର ଦେଶ' ଲୋକାର୍ପିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ପ୍ରାକ୍ତନ ଆରକ୍ଷୀ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର, ବିଶିଷ୍ଟ ସାହିତ୍ୟିକା, ଅନୁବାଦିକା ଡଃ ଶକୁନ୍ତଳା ବଳିୟାର ସିଂହ, ବରିଷ୍ଠ ଶିଶୁ ସାହିତ୍ୟିକ, ଶିକ୍ଷାବିତ ଡ଼ଃ ଦିଗରାଜ ବ୍ରହ୍ମା, ବରିଷ୍ଠ ଶିଶୁ ସାହିତ୍ୟିକ, ଶିକ୍ଷାବିତ ସମୀକ୍ଷକ, ଡଃ ବସନ୍ତ କିଶୋର ସାହୁ,ବରିଷ୍ଠ ଶିଶୁ ସହିତ୍ୟିକା ତଥା ନନ୍ଦନକାନନ ପତ୍ରିକାର ସମ୍ପାଦିକା ସରଳା ପତ୍ରି, ବିଶିଷ୍ଟ ସାହିତ୍ୟିକ ରାଜ୍ୟ ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ସମ୍ପାଦକ ଡଃ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଏବଂ ଲେଖିକା ଙ୍କର ବଡ ଭାଇ ଓଡ଼ିଶା ଅଗ୍ନିଶମ ବିଭାଗର ସର୍ବୋଚ୍ଚ ଅଧିକାରୀ ମହେଶ୍ୱର ସ୍ୱାଇଁଙ୍କ କର କମଳ ରେ ଭାଷା ବିଜ୍ଞାନୀ ଡ଼ଃ ଦେବାଶିଷ ମହାପାତ୍ରଙ୍କ ସଂଯୋଜନାରେ ପୁସ୍ତକଟି ଲୋକାର୍ପିତ ହୋଇଯାଇଛି। ସମସ୍ତ ବିଜ୍ଞ ଅତିଥି ଏବଂ ସମୀକ୍ଷକ, ଡଃ ବସନ୍ତ କିଶୋର ସାହୁ ପୁସ୍ତକଟିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି କହିଥିଲେ, ଭ୍ୱ ଭାଷା ଶବ୍ଦ ସଂଯୋଜନା ସହିତ ଲେଖା ଗୁଡ଼ିକ ସରଳ ସାବଲୀଳ, ଶିଶୁ ମନ ଉପଯୋଗୀ ବେଶ ଶିକ୍ଷଣୀୟ ହୋଇପାରିଛି, ସୁନ୍ଦର ସମାଜ, ଦେଶ ଗଠନ ପାଇଁ ଏଥିରେ ବାର୍ତ୍ତା ଭରି ରହିଛି, ନିଶ୍ଚିତ ଭାବରେ ପୁସ୍ତକଟି ଆଦୃତି ଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ। ଲେଖିକା




ଅମ୍ବିକା ସ୍ୱାଇଁ ପୁସ୍ତକ ଟିର ଲେଖକୀୟ ଆଭିମୁଖ୍ୟ ଅବତାରଣା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ କଣ୍ଠଶିଳ୍ପୀ ରୁଦ୍ର ରୁପା ପ୍ରାରମ୍ଭିକ ଭଜନ ପରିବେଷଣ କରିଥିଲେ। ଏହି ଉତ୍ସବରେ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ, ଯଥା. ସୁକୁମାର ସାମଲ, କିଶୋର ଚନ୍ଦ୍ର ସ୍ୱାଇଁ, ଜ୍ଞାନଚାନ୍ଦ ଶତପଥୀ ଡ଼ଃ ସୁଷମା ମିଶ୍ର, ଅଶୋକ ସାମନ୍ତ, ବିପିନ ବିହାରୀ ଦଳାଇ, ବ୍ରହ୍ମାନନ୍ଦ ବିଶ୍ୱାଳ, ସୌଭାଗିନୀ ମହାପାତ୍ର, ଡଃ ଶଶୀଭୂଷଣ ମହାପାତ୍ର, ଡଃ ରଶ୍ମି ଦାସ,ଅଲେଖ ଚନ୍ଦ୍ର ରାଉତ, ପ୍ରଦୀପ କୁମାର ସାହୁ, ଅରୁଣ କୁମାର ମହାନ୍ତି, ସବ୍ୟସାଚୀ ବିଶୋଇ,ବାଉରୀ ବନ୍ଧୁ ଲେଙ୍କା ସୌମ୍ୟରଂଜନ ଦାଶ, ପୂର୍ଣ୍ଣ ପଟ୍ଟନାୟକ, ସୁଷମା, ରାଜଲକ୍ଷ୍ମୀ ତ୍ରିପାଠୀ, ମମତା ବାରିକ, ଅନିମା ପଟ୍ଟନାୟକ, ନିରାକାର ଚଇନି, ଜୟଶ୍ରୀ ପଟ୍ଟନାୟକ, ପୁଷ୍ପାଞ୍ଜଳି ପଣ୍ଡା, ମଞ୍ଜୁଲତା ସିଂ, ସୁଷମା ଲେଙ୍କା, ଗୀତା, କେ ବିପ୍ଳବ, କାହ୍ନୁ ଚରଣ ସାହୁ ଦାସ, ବିରଜା ଦେବୀ ପ୍ରଭୁତି ଉପସ୍ଥିତ ରହି ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ଥିଲେ।

## ସପ୍ତପୁରୀ ଅମାବାସ୍ୟା ପଶ୍ଚିମ ଓଡ଼ିଶାରେ ପୁରାଉଆଁସ

# ସୁବର୍ଣ୍ଣପୁରରେ ଲଙ୍କା ପୋଡ଼ି





ସିତାଂଶୁ ଶେଖର ମିଶ୍ର

କଳା ସଂସ୍କୃତି ନିଆରା ପରମ୍ପରାର ସ୍ଥାନ ହେଉଛି ସୁବର୍ଣ୍ଣପୁର ।ଏହି ଜିଲ୍ଲାରେ ବର୍ଷସାରା ବିଭିନ୍ନ ପର୍ବ ପାଳନ କରାଯାଇଥାଏ ।ଆମ ଓଡ଼ିଆମାନଙ୍କର ରହିଥିବା ବାରମାସରେ ତେର ପର୍ବକୁ ଏଠାରେ ପାଳନକରାଯିବା ସହସେଥିମଧ୍ୟରୁ କିଛି କିଛି ପର୍ବକୁ ଏକ ନିଆରା ଢଙ୍ଗରେ ପାଳନ କରାଯିବାର ଦେଖଯାଇଥାଏ ।ଯାହାକି ଅନ୍ୟ ସ୍ଥାନ ମାନଙ୍କରେ ଦେଖିବାକୁ ମିଳିନଥାଏ।

ସେହିପର୍ବମାନଙ୍କମଧ୍ୟରୁସପ୍ତପୁରୀଅମାବାସ୍ୟାବା ପୁରାଉଆଁସ ହେଉଛି ଅନ୍ୟତମ। ଏହିଦିନ ମାଁ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ ଏକ ସ୍ୱତନ୍ତ୍ର ଧରଣର ଭୋଗ ବ୍ୟଞ୍ଜନ। ମୁଢିରେ ତିଆରି ଲଡୁ,ଖଇ ବା ଲିଆରେ ପ୍ରସ୍ତୁତ ଲଡୁ, ହୁଡୁମ୍ବରେ ତିଆରିଲଡୁ,ବୁନ୍ଦିଆ ଲଡୁ,ଦାନ୍ତରୀ ଖଜା ଏବଂ ଏହା ସହ ବିଭିନ୍ନ ଚଣା ସଂଗ୍ରହ କରାଯାଇ ସତି ଠାକୁରାଣୀଙ୍କୁ ପୂଜା କରାଯିବାର ଦେଖାଯାଇଥାଏ।

ପୂଜାକରିବା ସହ ଛୋଟ ଛୋଟ ଶିଶୁ ମାନଙ୍କୁ ମାଁ ମାନେ ଫୁଲ ଚନ୍ଦନ ଦେଇ ବନ୍ଦାଇ ଥାଆନ୍ତି। ଏହିସମୟରେ କାଠରେ ତିଆରି ଘୋଡା ହାତୀ ଓ ମାଟିରେ ତିଆରି ହନୁମାନଙ୍କୁ ମଧ୍ୟ ପୂଜାକରିବାର ବିଧି ରହିଛି।

ତାପରେ ଏହି ଘୋଡ଼ା ହାତୀକୁ ଛୋଟ ଛୋଟ ଶିଶୁ ଗାଁ ଦାଣ୍ଡରେ ଟାଣି ମଜା ଉଠାଇଥାନ୍ତି।

ଝିଅ ପିଲାମାନେ ଏହି ସମୟରେ ମାଟିରେ ତିଆରି ଖେଳଣା ଯାହାକି ଦୈନନ୍ଦିନ ଜୀବନରେ ବ୍ୟବହାର ରେ ଆସିଥାଏ,ଯଥା: ମାଟି ଚୁଲି ,କୁଣ୍ଡି ,ହାଣ୍ଡି,ଚଟୁ ,ବାଲ୍ଟି,ମଗ, ଗ୍ଲାସ, ବାଉଁଶ ବେତରେ ତିଆରି କୁଲା ଚାଙ୍ଗୁଡ଼ି ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ପତ୍ର ଯାହାକୁ ଏକ ପରିବାର ଚଳାଇବା ସକାଶେ ଆବଶ୍ୟକ ରହିଥାଏ ତାକୁ ନେଇ ଖେଳିବାର ଦେଖାଯାଇଥାଏ।

ଏହାକୁ ନେଇ ଗ୍ରାମର ସମସ୍ତ ଝିଅ ପିଲାମାନେ ଗାଁଦାଣ୍ଡରେ ଥିବା ଗଛ ମୂଳରେ ଖେଳିବାର ମଜା ଉଠାଇଥାନ୍ତି।

ଏହିସବୁ ଜିନିଷ ପାଳନ କରାଯିବାର ମୁଖ୍ୟ ହେଲା ଛୋଟ ବେଳରୁ ଉତ୍ତମ ମଣିଷ ହୋଇ ଗଢି ତୋଳିବା। ପୁଅ ପିଲାମାନଙ୍କୁ ଘୋଡ଼ା ହାତୀ ଦେବା ମାନେ ଘୋଡ଼ା ଭଳିଆ ଦୌଡ଼ିବା ଓ ବୋଝ ଉଠାଇପାରିବା ଓ ହାତୀ ଭଳିଆ ବୁଦ୍ଧିମାନ ଓ ଶକ୍ତିଶାଳୀ ହୋଇ ଆଗେଇବା। ଝିଅପିଲାମାନଙ୍କୁ ଛୋଟ ଦିନରୁ ଏକ ପରିବାର ଚଳାଇବାର ଏହା ମାଧ୍ୟମରେ ଶିକ୍ଷା ଦିଆଯିବାର ଅନୁମେୟ ହୋଇଥାଏ।

ସକାଳ ସାରା ଖେଳକୁଦରେ ମାତିବା ପରେ ସନ୍ଧ୍ୟା ସମୟରେ ପାଳନ ହୋଇଥାଏ ପୁରାଉଆଁସର ଅନ୍ତିମ ପର୍ବ।

ଲଙ୍କା ପୋଡ଼ି ଉତ୍ସବ ।ଏହିପର୍ବ ସକାଶେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ମାଟିରେ ତିଆରି ହନୁମାନଙ୍କୁ ନେଇ। ହନୁମାନଙ୍କୁ ରଙ୍ଗ ବେରଙ୍ଗ କରି ସଜାଯାଇଥାଏ। ଉକ୍ତ ହନୁମାନଙ୍କୁ ଗାଁ ଦାଣ୍ଡକୁ ନେଇ ତାରି ଲାଙ୍ଗୁଡରେ କନା ଗୋଡ଼ାଇ ଦିଆଯାଇ ସେଥିରେ କିରୋସିନୀ ଢାଳି ନିଆଁ ଲଗାଇ ଦିଆଯାଇଥାଏ ।ଏହାକୁ ଛୋଟ ଛୋଟ ଛୁଆ ମାନେ ଉତ୍ସାହର ସହ ଗାଁଦାଣ୍ଡରେ ଟାଣିବାର ଦୃଶ୍ୟ ବହୁତ ଚିତ୍ତାକର୍ଷକ ରହିଥାଏ। ଏହା ଏକ ସହ ସହ ବର୍ଷର ପ୍ରାଚୀନ ପରମ୍ପରା।

ବର୍ତ୍ତମାନ ସୁଦ୍ଧା ଏହି ପରମ୍ପରା କୁ ଜନସାଧାରଣ ବହୁ ଉତ୍ସାହ ଓ ଉଦ୍ଦୀପନା ସହ ପାଳନ କରୁଥିବା ଦେଖା ଯାଏ। ଜନଶୃତି ଓ ଐତିହାସିକ ତଥ୍ୟ ଅନୁଯାୟୀ ଏହା ଚୌହାନ ରାଜା ମାନଙ୍କ ସମୟରୁ ଆରମ୍ଭ ହୋଇଥିବା ଅନୁମେୟ ହୁଏ।

ସୁବର୍ଣ୍ଣପୁର ଏକ ଗଡ଼ଜାତ ରହିଥିଲା ।ସେହି ସମୟରେ ରାଜାମାନେ ହନୁମାନଙ୍କ ଉପରେ ବହୁତ ଭରସା ଓ ବିଶ୍ୱାସ ରଖିଥିବା ଜଣାପଡ଼େ ।ସେଥିପାଇଁ ଗଡ଼ଜାତର ସୁରକ୍ଷା ସକାଶେ ସେତେବେଳେ ଅଷ୍ଟ ହନୁମାନଙ୍କୁ ସ୍ଥାପନ କରିଥିଲେ ।ତାହା ହେଉଛି ବଡ଼ ହନୁମାନ,ଗଡ଼ ହନୁମାନ,ବାଟ ହନୁମାନ,ଘାଟ ହନୁମାନ,ଧାର ହନୁମାନ,ଝାର ହନୁମାନ,ଘର ହନୁମାନ ଓ ପର ହନୁମାନ ନାମରେ ପ୍ରସିଦ୍ଧ। ବହୁ ଐତିହାସିକଙ୍କ ମତରେ ଏହି ସବୁ ପୀଠ ( ଖ୍ରୀ୧୭୦୦-୧୭୫୦) ମଧ୍ୟରେ ହୋଇଥିବା ଅନୁମେୟ ହୁଏ।

ହନୁମାନହେଉଛନ୍ତି ଶିବଙ୍କ ରୁଦ୍ର ଅବତାର। ସୁବର୍ଣ୍ଣପୁର ହେଉଛି ଦ୍ୱିତୀୟ ବାରଣାସୀ ।ଏଠାରେ ଗୁଡାଏ ମନ୍ଦିର ଦେଖିବାକୁ ମିଳିଥାଏ। ଋଷିକେଶ ଭଳିଆ ଏଠାରେ ମଧ୍ୟ ତିନିଗୋଟି ନଦୀର ମିଶ୍ରଣ ହୋଇଛି ।ସେଥିପାଇଁ ଏହାକୁ ଦେଶର ଦ୍ୱିତୀୟ ତ୍ରିବେଣୀ ସଙ୍ଗମ ବୋଲି ମାନ୍ୟତା ରହିଛି।

ଏହିଭଳିଆ ଏକ ଦେବ ଭୂମି ପୁଣି ରାଜା ହନୁମାନଙ୍କ ଉପାସକ ଭଳିଆ ଅନୁମାନ କରାଯାଏ ।କାରଣ ହନୁମାନଙ୍କୁ ନିଜ ଗଡ଼ଜାତର ସୁରକ୍ଷା ସକାଶେ ଜଳ ସ୍ଥଳ ଜଙ୍ଗଲ ସବୁପଥରେ ସ୍ଥାପନ କରିଥିଲେ।

ତେବେ ହନୁମାନଙ୍କ ଲାଞ୍ଜରେ ନିଆଁ ଲଗାଇବା ର ପରମ୍ପରା କୁ କାହିଁକି ଆପଣାଇଲେ। ବୋଧହୁଏ ଏଥିପାଇଁ ଏହାକୁ ନିଜ ଗଡ଼ଜାତ ର ନିଜ ରାଜଧାନୀରେ ଏଥିପାଇଁ ଆରମ୍ଭ କରିଥିଲେ। ପୌରାଣିକ ତଥ୍ୟ ଅନୁଯାୟୀ ଭଗବାନ ରାମଚନ୍ଦ୍ରଙ୍କ ଲଙ୍କା ଅଭିଯାନ ପୂର୍ବରୁ ସୀତାଙ୍କ ଠାବ ପାଇଁ ଯାଇଥିବା ଶ୍ରୀରାମ ଭକ୍ତ ହନୁମାନଙ୍କ ଲାଞ୍ଜରେ ଅତି ପରାକ୍ରମୀ ରାବଣ ର ଖଳ ଲୋକ ମାନେ ମଜା ଦେଖିବା ପାଇଁ ହନୁମାନଙ୍କୁ ଗୋଟାଏ ସାଧାରଣ ବାନର ଭାବି ଅଗ୍ନି ସଂଯୋଗ କରି ତାର ପରିଣାମ ଭୋଗିଥିଲେ।

ସୁତରାଂ ଏଠାରେ ଗୋଟାଏ କଥା ଅନୁମାନ କରାଯାଇପାରେ ହୁଏତ ସେହିସମୟରେ କିଛି ଆସୁରିକ ଶକ୍ତି ରାଜ୍ୟରେ ତାଙ୍କର ପ୍ରାଦୁର୍ଭାବ ଆରମ୍ଭ କରିଥାଇପାରନ୍ତି ।ତାଙ୍କୁ ଏକ କଡା ସନ୍ଦେଶ ଏହା ମାଧ୍ୟମରେ ଦେବା ପାଇଁ ଏହିଭଳିଆ ପର୍ବ ସେହି ସମୟରେ ଅନୁଷ୍ଠିତ ହୋଇଥିବ। କାଳକ୍ରମେ ତାହା ଏକ ନିଆରା ପରମ୍ପରା ରେ ପରିଣତ ହୋଇଯାଇଅଛି।

ଏହିଭଳିଆ ପରମ୍ପରା ଆମ ରାଜ୍ୟ କାହିଁକି ଦେଶ ବିଦେଶରେ ମଧ୍ୟ ଆଉ କୋଉଠି ଦେଖାଯାଏ ନାହିଁ। ଏହାକୁ ଆହୁରି ଲୋକ ପ୍ରିୟ ଓ ବାହାର ଜିଲ୍ଲା ତଥା ରାଜ୍ୟ ଓ ଦେଶ ବିଦେଶରେ ଏହାର ଐତିହାସିକ ପୃଷ୍ଟ ଭୂମି ଏବଂ ଏହି ନିଆରା ପରମ୍ପରା ବିଷୟରେ ଅବଗତ କରାଇବାପାଇଁ କିଛି ଅନୁଷ୍ଠାନ ଆଗେଇ ଆସିଛନ୍ତି।

ସେଥିପାଇଁ ସବୁବର୍ଷ ଏହି ହନୁମାନଙ୍କୁ କିଏ ବେସି ଆକର୍ଷଣୀୟ ଓ ରଙ୍ଗବେରଙ୍ଗରେ ଚିତ୍ରଣ କରିବାର ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଏହିଭଳିଆ ଆୟୋଜନ ଫଳରେ ଏହି ପରମ୍ପରା ବିଷୟରେ ଅନ୍ୟ ଅଞ୍ଚଳର ଜନସାଧାରଣ ଙ୍କୁ ଅବଗତ କରାଇବା। ଏହିଭଳିଆ ଆୟୋଜନ କରାଯିବା ଦ୍ୱାରା ଜନସାଧାରଣ ଙ୍କ ମଧ୍ୟରେ ଏହି ପରମ୍ପରା କୁ ନେଇଏବେ ଏକ ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି ହୋଇ ପାରିଛି। ବେଳେ ବେଳେ ଏମିତି ବି ରହିଥାଏ କିଛି ବିଦେଶୀ ପର୍ଯ୍ୟଟକ ଏହି ଜିଲ୍ଲାକୁ ଆସିଥିବା ବେଳେ ଏହିଭଳିଆ ନିଆରା ପର୍ବ ପାଳନ କୁ ଦେଖି ଖୁସିବ୍ୟକ୍ତ କରଥାନ୍ତି।





ସୋନପୁର
ଦୂରଭାଷ : ୮୧୪୪୮ ୭୦୭୨୯

## ‘ରାଜ୍ୟ ସରକାରଙ୍କ ବିଫଳତାର ସର୍ବଶ୍ରେଷ୍ଠ ଉଦାହରଣ ପିପିଲି-ଡେଲାଙ୍ଗ ଅଞ୍ଚଳ’

**ଭୁବନେଶ୍ୱର :** ରାଜ୍ୟରେ ଶାସକ ବିଜୁ ଜନତା ଦଳ କେବଳ ପ୍ରଚାର ସର୍ବସ୍ୱ । ବାରମ୍ବାର ଘୋଷଣା କରି ସାଧାରଣ ଜନତାଙ୍କୁ ଭୂଆଁ ବୁଲାଇବାରେ ପାରଙ୍ଗମ ରାଜ୍ୟ ସରକାର । ରାଜ୍ୟବାସିଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟ ସରକାର ବଡ ବଡ ଯୋଜନାର ଘୋଷଣା କରନ୍ତି, କିନ୍ତୁ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଂଚି ପାରେ ନାହିଁ । କେନ୍ଦ୍ରୀୟ ଯୋଜନାକୁ ହଡପ୍ ଓ ବାଟମାରଣରେ ସିଦ୍ଧହସ୍ତ ଶାସକ ବିଜେଡି । ରାଜ୍ୟବାସୀଙ୍କ ବିକାଶର ବଡ ବାଧକ ହେଉଛନ୍ତି ରାଜ୍ୟ ସରକାର ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ପିପିଲି ଉପ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଶ୍ରୀ ଆଶ୍ରିତ ପଟ୍ଟନାୟକଙ୍କ ସପକ୍ଷରେ ପ୍ରଚାର ପାଇଁ ଆସି ଶ୍ରୀ ମହାନ୍ତି କହିଛନ୍ତି ଯେ, ଫନୀ ବାତ୍ୟାରେ ବାସଗୃହ ହରାଇଥିବା ଗରୀବ ଲୋକଙ୍କୁ ଗୋଟିଏ ଲେଖାଏଁ ବାସଗୃହ ଯୋଗାଇ ଦେବା କଣ ରାଜ୍ୟ ସରକାରଙ୍କ ଦାୟୀତ୍ୱ ନୁହେଁ ? ଫନୀ ପରର ଯେଉଁ ଦୃଶ୍ୟ ବ୍ୟଥିତ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସିଥିବା ପକ୍କା ଘରକୁ ଦଳୀୟ ଭିତିରେ ଓ ପାତର ଅନ୍ତରରେ ଆବଂଟନ କରାଯାଇ ପ୍ରକୃତ ଗରୀବ ହିତାଧିକାରିଙ୍କୁ ବଂଚିତ କରାଯାଇଛି । ବର୍ତମାନ ସୁଦ୍ଧା ଚାଳ ଓ ଭଙ୍ଗା ଘରେ ଅଂଚଳବାସୀ ରହୁଥିବା ଚିତ୍ର ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସେହିପରି ୨୦୧୪-୧୫ ମସିହା ପରେ ମୋଦି ସରକାର ସିଧାସଳଖ ପ୍ରତ୍ୟେକ ପଂଚାୟତର ବିକାଶ ପାଇଁ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । କିନ୍ତୁ, ବାସ୍ତବରେ ଏହା ପ୍ରତିଫଳିତ ହୋଇ ନାହିଁ ଏବଂ ଗ୍ରାମାଂଚଳର ବିକାଶ ଆଜି ବହୁ ଦୂରରେ ରହିଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଉଭୟ ପିପିଲି-ଡେଲାଙ୍ଗ ବିଧାନସଭା ଏବଂ ରାଜ୍ୟରେ ଶାସକ ବିଜେଡି କ୍ଷମତାରେ ଥିବା ସତ୍ୱେ ଆଜି ଏହି ଅଂଚଳର ସଠିକ ବିକାଶ ହୋଇନାହିଁ । ରାଜଧାନୀ ଭୁବନେଶ୍ୱର ଅନତି ଦୂରରେ ଥିବା ଏହି ଅଂଚଳର ଗରୀବ ହିତାଧିକାରୀମାନେ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁଫଳ ପାଇବାରୁ ବଂଚିତ ହେବା ରାଜ୍ୟ ସରକାରଙ୍କ ଅପାରଗତା ଓ ବିଫଳତାର ସର୍ବଶ୍ରେଷ୍ଠ ଉଦାହରଣ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଦୀର୍ଘ ବର୍ଷ ଧରି ପିପିଲି-ଡେଲାଙ୍ଗ ଅଂଚଳବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଦଳି ଚକଟି ହତ୍ୟା କରାଯାଇଛି । ଅଂଚଳବାସିଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ହକ୍‌ରୁ ବଂଚିତ ରଖାଯାଇଛି । ଗଣତନ୍ତ୍ରରେ କେହି ଅପରାଜେୟ ନୁହେଁ। ପିପିଲି-ଡେଲାଙ୍ଗ ଅଂଚଳବାସୀ ପରିବର୍ତନ ପାଇଁ ନିଷ୍ପତି ନେଇସାରିଛନ୍ତି । କୌଣସି ବାହୁବଳ, ଅର୍ଥବଳ ପ୍ରଭାବିତ କରି ପାରିବ ନାହିଁ । ଜନତା ହେଲେ ମାଲିକ୍, ଜନତା ଯେଉଁଦିନ ନିଷ୍ପତି ନେବେ ସେହି ଦିନ ପରିବର୍ତନ ସମ୍ଭବ ହେବ ବୋଲି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରି କହିଛନ୍ତି । ଏହି ପ୍ରଚାର ଅବସରରେ ରାଜ୍ୟ ଉପସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ଅଧିକାର ଓ ଅଧିନିୟମ ସଚେତନତା ଶିବିର

**ଜଗତସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଭିନ୍ନକ୍ଷମମାନଙ୍କ ଅଧିକାର ଓ ଅଧିନିୟମ ଏବଂ ବିଭିନ୍ନ ଯୋଜନା ସମ୍ବନ୍ଧରେ ଏକ ସଚେତନତା ଶିବିର ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ,ଭୁବନେଶ୍ୱର ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ମିଳିତ ଉଦ୍ୟମରେରେ ଆୟୋଜିତ ହୋଇଯାଇଅଛି । ଏହି ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧକ୍ଷା ସୁଲୋଚନା ଦାସ ଯୋଗଦେଇ କହିଥିଲେ ଯେ ଜଗତସିଂହପୁର ଜିଲ୍ଲା ଏକ ପ୍ରାକୃତିକ ପ୍ରବଣ ଜିଲ୍ଲା । ଏହି ଜିଲ୍ଲାରେ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କୁ କିଭଳି ଭାବରେ ସରକାର ପ୍ରଦତ ସମସ୍ତ ସୁବିଧା ସୁଯୋଗ ମିଳିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରାଯାଇଥିଲା ।ସରକାରୀ କାର୍ଯ୍ୟାଳୟ ସର୍ବ ସାଧାରଣ ସ୍ଥାନରେ ସହଜସାଧ୍ୟ ପ୍ରବେଶ ପାଇଁ ପ୍ରୟାସ କରାଯାଇଛି । ଭିନ୍ନକ୍ଷମମାନଙ୍କ ଡୋର ଷ୍ଟେପ୍‌ରେ ସୁବିଧା ସୁଯୋଗ ପହଚାଂଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି। ସବୁଠାରୁ ବଡକଥା ହେଉଛି ଭିନ୍ନକ୍ଷମ କାହାଠାରୁ କମ୍ ନୁହଁନ୍ତି ଏବଂ ସେମାନେ ମଧ୍ୟ ଏ ସମାଜରେ ସାଧାରଣ ଲୋକଙ୍କ ଭଳି ବଂଚିବାର ଅଧିକାର ଅଛି । ସେମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଉଛନ୍ତି ।ଆମେ ସମସ୍ତେ ଭିନ୍ନକ୍ଷମ ଭାଇ ଭଉଣୀଙ୍କୁ ଟିକେ ଟିକେ ସାହାଯ୍ୟ ସହଯୋଗର ହାତ ବଢାଇବା ତେବେ ସେମାନେ ଆଗକୁ ଆସିପାରିବେ । ଏହି ଶିବିରରେ



ଯୋଗଦେଇ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଲେ ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିସ୍ତାଳୟରେ ସପ୍ତାହରେ ଥରେ ମେଡିକାଲ ବୋର୍ଡ ବସୁଛି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଉଛି । ଜିଲ୍ଲାପାଳ ନିଜେ ଭିନ୍ନକ୍ଷମ ମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ପେନ୍‌ସନ୍,ସ୍କଲାରସିପ୍,ରେସନ୍ କାର୍ଡ,ଭତା ସଂପର୍କରେ ପ୍ରତି ସପ୍ତାହରେ ସମୀକ୍ଷା କରୁଛନ୍ତି । ଏସିଡ୍ ପୀଡିତା ପ୍ରମୋଦିନୀ ରାଉଳଙ୍କୁ ବର୍ତମାନ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ରାଶି ପ୍ରଦାନ କରାଯାଉଛି । ତାଙ୍କୁ ମାଡ୍ରାସ୍ ଯିବା ଆସିବା ପାଇଁ ତାଙ୍କର ଯାତାୟତ ଖର୍ଚ୍ଚ , ରହିବା ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯାଇଛି । ଜିଲ୍ଲାରେ ୨୦୨୧-୨୨ ବର୍ଷରେ ୧୩୭୧ ଜଣଙ୍କୁ ଇନ୍ଦିରାଗାନ୍ଧୀ ଜାତୀୟ ଭତା ପ୍ରଦାନ କରାଯାଇଥିବା ବେଳେ ୪୦,୬୫୩ ଜଣଙ୍କୁ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତା,୧୦,୯୨୯ ଜଣଙ୍କୁ ବିଧବା ଭତା ପ୍ରଦାନ କରାଯାଇଥିବା ବେଳେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୭୫,୯୯୬ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଜାତୀୟ ଫାମିଲି ବେନିଫିଟ୍ ସ୍କିମ୍‌ରେ ମଧ୍ୟ ୯୧ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି । ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୩୯ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବୃତି ପ୍ରଦାନ କରାଯାଇଛି । ୪୯ ଜଣ ଭିନ୍ନକ୍ଷମ ଓ ସାଧାରଣ ଦମ୍ପତିଙ୍କୁ ୫୦,୦୦୦ ଲେଖା ବିବାହ ପ୍ରୋତ୍ସାହନ ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଛି । ବର୍ତମାନ ଏହି ପ୍ରୋତ୍ସାହନ ରାଶି ୨.୫ ଲକ୍ଷକୁ ବୃଦ୍ଧି କରାଯାଇଛି । ଜିଲ୍ଲାରେ ୬୧ଜଣ ଭିକ୍ଷୁକ ଓ ୧୧୯ ଜଣ କୁଷ୍ଠରୋଗୀଙ୍କୁ ଚିହ୍ନଟ କରାଯାଇ ସହାୟତା ରାଶି ଓ ଲେପ୍ରସି କିଟ୍ ଯୋଗାଇ ଦିଆଯାଇଛି । ଜିଲ୍ଲାରେ ୩୭ ଜଣ କିନ୍ନର ଚିହ୍ନଟ କରାଯାଇ ୯ଜଣଙ୍କୁ ପେନ୍‌ସନ୍ ,୧୨ଜଣଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଓ ୬ଜଣଙ୍କୁ ଆମ୍ ନିଯୁକ୍ତି ଯୋଜନାରେ ସାମିଲ କରାଯାଇଥିବା ବେଳେ ସେମାନଙ୍କୁ କୋଭିଡ୍ ଟୀକାକରଣ କରାଯାଇଛି । ୬୮୧ ଜଣଙ୍କୁ ବାଣୀଶ୍ରୀ ସ୍କଲାରସିପ୍ ସହିତ ୬୭୪ ଜଣଙ୍କୁ କୋଭିଡ୍ କିଟ୍ ପ୍ରଦାନ କରାଯାଇଛି । ୨୦୨୦-୨୧ ବର୍ଷରେ ୧୮ ଜଣଙ୍କୁ ଟ୍ରାଇ ସାଇକେଲ,୧୩ ଜଣଙ୍କୁ ଆଶାବାଡୀ,୫ଜଣଙ୍କୁ ଓାକିଙ୍ଗ ଷ୍ଟିକ୍ ,୨ଜଣଙ୍କୁ ହ୍ୱାଇଟ୍ କେନ୍ ଓ ୧୭ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି । ଦୃଷ୍ଟି ବାଧିତ ୪ଜଣ ଭିନ୍ନକ୍ଷମଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଲାପ୍‌ଟପ୍ ମଧ୍ୟ ପ୍ରଦାନ କରାଯାଇଛି । ଏହି ଶିବିରରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ସେପ୍ଟେମ୍ବର ୨୨ ସୁଦ୍ଧା ସମସ୍ତ ବିଚାରାଧୀନ ପେନ୍‌ସନ୍ ଫଇସଲା କରାଯିବ ବୋଲି ପ୍ରକାଶ କରିଥିଲେ । ଏହି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତି,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା,ସି.ଡି.ଏମ୍.ଓ ଡା. ବିଜୟା ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ,ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା,ଭିନ୍ନକ୍ଷମ ଯୁବକ ଯୁବତୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ଉପସ୍ଥିତ ଥିବା ଯୁବକ ଯୁବତୀଙ୍କୁ ପରିଚୟ ପତ୍ର,ଦୃଷ୍ଟି ବାଧିତଙ୍କୁ ଆଶାବାଡୀ,ବୃଦ୍ଧବୃଦ୍ଧା ମାନଙ୍କୁ ଭତା ପ୍ରଦାନ କରାଯାଇଥିଲା ।ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୭ ସେପ୍ଟେମ୍ବର - ୩ ଅକ୍ଟୋବର, ୨୦୨୧


### ବିଏମ୍‌ସିର ପାର୍ବଣ ଗାଇଡ୍‌ଲାଇନ

# ପୂଜା ମଣ୍ଡପକୁ ଶ୍ରଦ୍ଧାଳୁ ମନା



**ଭୁବନେଶ୍ୱର :** ଆସନ୍ତା ଦଶହରା ପୂଜାକୁ ନିରାଡମ୍ବର ଭାବେ ପାଳନ କରିବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଗାଇଡଲାଇନ ଜାରି ହୋଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ସହ କୌଣସି ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ଏହାସହିତ ମେଢ଼ ବିସର୍ଜନ ପାଇଁ ଭସାଣୀ ଶୋଭାଯାତ୍ରା ହୋଇପାରିବ ନାହିଁ। କୌଣସି ପରିସ୍ଥିତିରେ ପୂଜା ମଣ୍ଡପରେ ଏକସଙ୍ଗେ ୭ଜଣରୁ ଅଧିକ କମିଟି ସଦସ୍ୟ ଉପସ୍ଥିତ ରହିବେ ନାହିଁ ବୋଲି ବିଏମସି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିଏମସି କମିଶନରଙ୍କ ଦ୍ୱାରା ଆଜି ଜାରି ଦଶହରା ପୂଜା ପାଳନ ନିମନ୍ତେ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ରାଜ୍ୟରେ କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଦ୍ୱାରା ଅଗଷ୍ଟ ୩୧ ତାରିଖରେ ଜାରି ଗାଇଡଲାଇନ ଅନୁସାରେ ବିଏମସି ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଛି। ବିଏମସି ଅଂଚଳରେ ସମସ୍ତ ଦୁର୍ଗା ପୂଜା ପାଳନ ନିମନ୍ତେ ଲୋକଙ୍କ ଏକଜୁଟ ପାଇଁ ଅନୁମତି ମିଳିବ ନାହିଁ। ପୂଜା କମିଟି ଓ ଆୟୋଜକମାନେ ପୂଜା ମଣ୍ଡପ ବା ପେଣ୍ଡାଲରେ କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ପାଳନ କରିବେ। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ଓ ସାନିଟାଇଜେସନ୍ ନିୟମକୁ ପାଳନ କରିବା ସହ ପୁଲିସ କମିଶନରଙ୍କଠୁ ପୂଜା ମଣ୍ଡପ ନିମନ୍ତେ ଅନୁମତି ନେବେ। ପୂଜା ବେଶୀ ଆଡ଼ମ୍ବରପୂର୍ଣ୍ଣ ହେବ ନାହିଁ। କେବଳ ରୀତିନୀତି ପାଇଁ ପୂଜାର୍ଚ୍ଚନା ହେବ। ଏହି ପୂଜା ମଣ୍ଡପରେ ତିନିପଟ ବନ୍ଦ ରଖାଯିବ ଓ ଗୋଟିଏ ପଟ କେବଳ ପୂଜକଙ୍କ ରୀତିନୀତି ନିମନ୍ତେ ଖୋଲା ରହିବ। ତେବେ ଏହି ଚତୁର୍ଥ ପଟକୁ ମଧ୍ୟ ଠିକ୍ ଭାବେ ଢାଙ୍କିବାକୁ ପଡ଼ିବ, ଯାହାଫଳରେ ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ ନାହିଁ। ମୂର୍ତ୍ତିର ଉଚ୍ଚତା ସର୍ବାଧିକ ୪ଫୁଟ ରହିବ। ମୂର୍ତ୍ତି ବିସର୍ଜନ ପାଇଁ ଆୟୋଜକମାନେ ଭସାଣୀ କରିପାରିବେ ନାହିଁ। ବିସର୍ଜନ ପାଇଁ ବିଏମସି ପକ୍ଷରୁ କୃତ୍ରିମ ପୋଖରୀ ସୃଷ୍ଟି କରାଯିବ। ବିସର୍ଜନବେଳେ ସର୍ବାଧିକ ୧୦ଜଣ ଲୋକଙ୍କୁ ଏକଜୁଟ ହେବାକୁ ଅନୁମତି ଦିଆଯାଉଥିବାରୁ ମୂର୍ତ୍ତିର ଉଚ୍ଚତା ଓ ଓଜନକୁ ସୀମିତ ରଖିବାକୁ ବିଏମସି କମିଶନର ପରାମର୍ଶ ଦେଇଛନ୍ତି। ଏହାସହିତ ଯେଉଁମାନେ ବିସର୍ଜନରେ ସାମିଲ ହେବେ, ସେମାନେ କୋଭିଡ୍ ଟିକା ଦୁଇ ଡୋଜ୍ ନେଇଥିବାକୁ ପୂଜା କମିଟି ସୁନିଶ୍ଚିତ କରାଇବେ। ପୂଜା କମିଟି ନିଜର ସମସ୍ତ ସଦସ୍ୟଙ୍କୁ କୋଭିଡ୍ ଟିକାର ସାର୍ଟିଫିକେଟ ପାଖରେ ସବୁବେଳେ ରଖିବା ଓ ଯାଂଚବେଳେ ଦେଖାଇବା ନିମନ୍ତେ ଅବଗତ କରାଇବେ ବୋଲି ବିଏମସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୧୧ରୁ ୧୫ତାରିଖ ମଧ୍ୟରେ ଦୁର୍ଗାପୂଜା ପାଳନ ହେବ।

# ସବୁ ଥାଇ ଓଡ଼ିଶା ଦାରିଦ୍ର୍ୟତମ ରାଜ୍ୟ : ଅପରାଜିତା




**ଭୁବନେଶ୍ୱର :** ଦୀର୍ଘ ୨୧ ବର୍ଷରୁ ଅଧିକ ସମୟ ଧରି ରାଜ୍ୟରେ କ୍ଷମତାରେ ଥିବା ବିଜେଡି ସରକାର ବିକାଶରେ ଏକନମ୍ବର କହୁଥିବାବେଳେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଓଡ଼ିଶା ଦାରିଦ୍ର୍ୟ ତଳ ଆଡୁ ନମ୍ବର ୱାନ ବୋଲି ବିଜେପି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ କହିବା ସହ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ତେବେ ଅପରାଜିତାଙ୍କ ଏଭଳି ତଥ୍ୟଭିତ୍ତିକ ବୟାନ ଉପରେ ବିଜେଡି ଜବାବ ରଖିଛି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ, ଓଡ଼ିଶାର ଦାରିଦ୍ର୍ୟ ସ୍ଥିତି ଏବଂ ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନା ଆଜି ଚିନ୍ତାର କାରଣ ସାଜିଛି। ରାଜ୍ୟକୁ ବାସ୍ତବରେ ଏକ ନମ୍ବରରେ ପରିଣତ କରିବାକୁ ହେଲେ ସର୍ବପ୍ରଥମେ ଆମେ ଆମ ନିଜର ବାସ୍ତବ ସ୍ଥିତି ସଂପର୍କରେ ଅବଗତ ହେବା ନିହାତି ଜରୁରୀ। ନ୍ୟାସନାଲ ସେଂପଲ ସର୍ଭେ ଅର୍ଗାନାଇଜେସନ ତରଫରୁ କରାଯାଇଥିବା ତଥ୍ୟ ଅନୁଯାୟୀ ସର୍ବଭାରତୀୟ ସ୍ତର ହାର ଅନୁଯାୟୀ ଓଡ଼ିଶାର ସ୍ଥାନ ବହୁ ପଛରେ ରହିଛି। ସର୍ଭେ ଅନୁଯାୟୀ ଜାତୀୟ ସ୍ତରରେ ସହାରଂଚଳ ପରିବାରରେ 'ହାରାହାରି ସମ୍ପତ୍ତି ମୂଲ୍ୟ' ୨୭.୧୨ଲକ୍ଷ ଟଙ୍କା ହୋଇଥିବାବେଳେ ଓଡ଼ିଶାରେ ଏହା ୧୩.୪୧ଲକ୍ଷ ଟଙ୍କା ଏବଂ ଜାତୀୟ ସ୍ତରରେ ଗ୍ରାମାଂଚଳ ପରିବାରରେ 'ହାରାହାରି ସମ୍ପତ୍ତି ମୂଲ୍ୟ' ୧୫.୯୨ ଲକ୍ଷ ଟଙ୍କା ହୋଇଥିବାବେଳେ ଓଡ଼ିଶାରେ ଏହା ମାତ୍ର ୫.୩୨ ଲକ୍ଷ ଟଙ୍କା ଅଛି। ଓଡ଼ିଶାର ଚାଷୀ ପରିବାରର 'ହାରାହାରି ସମ୍ପତ୍ତି ମୂଲ୍ୟ' ମାତ୍ର ୬.୨୧ ଲକ୍ଷ ଟଙ୍କା ଅଟେ। ଏହି ପରିମାଣ ଆମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ, ଆସାମ, ଝାଡଖଣ୍ଡଠୁ ମଧ୍ୟ ବହୁ ପଛରେ ଅଛି। ଏହା ଅତ୍ୟନ୍ତ ଲଜ୍ଜାଜନକ। ହିସାବ କଲେ ଓଡ଼ିଶାର ପ୍ରତ୍ୟେକ ଚାଷୀଙ୍କ ଦିନକୁ ଆୟ ମାତ୍ର ୧୭୦ ଟଙ୍କା। ସର୍ବଭାରତୀୟ ସ୍ତରରେ ତଳ ଆଡୁ ଦ୍ୱିତୀୟ ସ୍ଥାନରେ ଓଡ଼ିଶା ରହିଛି। ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସଂପୂର୍ଣ୍ଣ ଫେଲ ହୋଇଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ଗ୍ରାମାଞ୍ଚଳର ୪୦ ପ୍ରତିଶତ ପରିବାର ଋଣଗ୍ରସ୍ତ। ଲୋକଙ୍କ ଋଣ ଓ ସମ୍ପତ୍ତି ଭିତରେ ତାରତମ୍ୟ ୫.୫ ପ୍ରତିଶତ। ଚାଷୀଙ୍କ ଅବସ୍ଥା ମଧ୍ୟ ତଳକୁ ଯାଉଛି ଓ ଓଡ଼ିଶା ୩୬ତମ ସ୍ଥାନରେ ରହିଛି। ୨୦୧୯-୨୦ରେ ଜାତୀୟସ୍ତରରେ ଦାରିଦ୍ର୍ୟ ସୀମାରେଖା ତଳେ ୨୨ ପ୍ରତିଶତ ରହିଥିଲେ। ଓଡ଼ିଶାରେ ଏହା ୩୩.୫୯ ପ୍ରତିଶତ। ସରକାର ଠିକ୍ ଭାବେ ପଦକ୍ଷେପ ନେଇଥିଲେ ରାଜ୍ୟର ସ୍ଥିତି ଏମିତି ହୋଇନଥାନ୍ତା ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ। ନାରୀ ନିର୍ଯାତନାରେ ସର୍ବଭାରତୀୟ ସ୍ତରରେ ତଳଆଡୁ ଦ୍ୱିତୀୟ ସ୍ଥାନରେ ରହି ଓଡ଼ିଶା ଆଜି ରେକର୍ଡ କରିଛି। ଯୌତୁକଜନିତ ହତ୍ୟା, ଧର୍ଷଣ, ବ୍ଲାକମେଲ, ନାବାଳିକା ଅତ୍ୟାଚାର ଆଦି ସଂଖ୍ୟା ବହୁ ମାତ୍ରାରେ ବୃଦ୍ଧି ପାଇଛି। କରୋନା ଲକ୍‌ଡାଉନ୍ ସମୟରେ ସମଗ୍ର ଦେଶରେ ମହିଳା ନିର୍ଯାତନା ଓ ହିଂସା ହ୍ରାସ ପାଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

# ଜଳଦ ତ୍ରିପାଠୀ ମୁଖ୍ୟ ସୂଚନା କମିଶନର




**ଭୁବନେଶ୍ୱର :** ତାମିଲନାଡୁ ପୂର୍ବତନ ପୋଲିସ ଡିଜି ତଥା ୧୯୮୫ ବ୍ୟାଚର ଅବସରପ୍ରାପ୍ତ ଆଇପିଏସ୍ ଜଳଦ କୁମାର ତ୍ରିପାଠୀ ହେଲେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସୂଚନା କମିଶନର। ତାଙ୍କୁ ନିଯୁକ୍ତି ଦେଲେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍। ଏନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ରଙ୍କ ଅବସର ପରେ ଏହି ପଦବୀ ଖାଲି ପଡ଼ିଥିଲା। ରାଜ୍ୟ ମୁଖ୍ୟ ସୂଚନା କମିଶନର ପଦବୀ ପାଇଁ ରାଜ୍ୟ ସରକାର ୩ ଜଣ ବରିଷ୍ଠ ଅଧିକାରୀଙ୍କ ନାଁକୁ ସର୍ଟଲିଷ୍ଟ କରିଥିଲେ। ତାମିଲନାଡୁର ପୂର୍ବତନ ପୋଲିସ ଡିଜି ଜଳଦ କୁମାର ତ୍ରିପାଠୀ, ରାଜ୍ୟର ପୂର୍ବତନ ପିସିସିଏଫ ସନ୍ଦୀପ ତ୍ରିପାଠୀ ଓ ଆଇପିଏସ୍ ଏମ୍.ଅକ୍ଷୟଙ୍କ ନାଁକୁ ସର୍ଟଲିଷ୍ଟ କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ଜଳଦ କୁମାର ତ୍ରିପାଠୀଙ୍କ ନାଁରେ ମୋହର ବାଜିଥିଲା। ପୂର୍ବରୁ ସେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଦୌଡ଼ରେ ରହିଥିଲେ। ତାମିଲନାଡୁ କ୍ୟାଡ଼ରର ଓଡ଼ିଆ ଆଇପିଏସ୍ ଶ୍ରୀ ତ୍ରିପାଠୀ ୨୦୨୧ ଜୁନ୍ ୩୦ତାରିଖରେ ପୋଲିସ ଡିଜି ପଦବୀରୁ ଅବସର ନେଇଥିଲେ। ସେ ଚେନ୍ନାଇ ପୋଲିସ କମିଶନର ଭାବେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ୨୦୦୮ ମସିହାରେ ସେ ପ୍ରଥମ ପୋଲିସ୍ ଭାବେ ପବ୍ଲିକ ଆଡମିନିଷ୍ଟ୍ରେସନରେ ଉଲ୍ଲେଖନୀୟ ସେବା ପାଇଁ 'ପ୍ରଧାନମନ୍ତ୍ରୀ ଆୱାର୍ଡ'ରେ ସମ୍ମାନିତ ହୋଇଥିଲେ। ଶ୍ରୀ ତ୍ରିପାଠୀଙ୍କ ଘର କଟକ ଜିଲ୍ଲାର ସାଲେପୁର ବ୍ଲକର ଭେଡ଼ା ଗାଁରେ ବୋଲି ସୂଚନା ମିଳିଛି।

# ଦୁର୍ଘଟଣା ନିୟନ୍ତ୍ରଣ ସମ୍ପର୍କିତ ଶିବିର



**ଭଦ୍ରକ :** କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାରେ ହେଉଥିବା ସଡକ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ଓ ଅନ୍‌ଲାଇନ୍ ମାଧ୍ୟମରେ ସୂଚନା ଦେବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ହେଉଥିବା ଦୁର୍ଘଟଣା ଗୁଡିକୁ ନିୟନ୍ତ୍ରଣ ଲାଗି ସମସ୍ତ ଥାନା ଅଧିକାରୀ ଓ ଅନ୍ୟ ଅଧିକାରୀଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଦୁର୍ଘଟଣାଜନିତ ମୋବାଇଲ ଆପ୍ (ଆଇଆରଏଡି) ମାଧ୍ୟମରେ ଦୁର୍ଘଟଣା ସ୍ଥଳରେ ଆହତ କିମ୍ବା ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ସୂଚନା, ଗାଡିର ବିବରଣୀ, ଆଞ୍ଚଳିକ ପରିବହନ କେନ୍ଦ୍ରକୁ ସୂଚନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ସହିତ ଗାଡି ଚାଳକ ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଇଛି କି ନାହିଁ ସେ ସମ୍ପର୍କରେ ଫଟୋ ଓ ଭିଡିଓ ଆଦିକୁ ଆପ୍ ମାଧ୍ୟମରେ ପଠାଇବା ପାଇଁ ତାଲିମ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲାରେ ରୁଲ୍ ଆଉଟ୍ ମ୍ୟାନେଜର ଆଦିତ୍ୟ କୁମାର ବାରିକ ଓ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ପରିଚାଳନା କରିଥିଲେ।

# ଟି-୨୦ ବିଶ୍ୱକପ୍ ଆନ୍ଥେମ ରିଲିଜ୍





**ଦୁବାଇ :** ଆଇସିସି ଆଗାମୀ ଟି-୨୦ ବିଶ୍ୱକପର ଅଫିସିଆଲ୍ ଆନ୍ଥେମ ଓ ପ୍ରଚାର ଅଭିଯାନ ସମ୍ବନ୍ଧିତ ଫିଲ୍ମ ରିଲିଜ୍ କରିଛି। ଏହି ଫିଲ୍ମରେ ଭାରତୀୟ କ୍ୟାପଟେନ୍ ବିରାଟ୍ କୋହଲି ଓ ୱେଷ୍ଟଇଣ୍ଡିଜ୍ ଟିମର ଅଲରାଉଣ୍ଡର କାଇରନ୍ ପୋଲାର୍ଡଙ୍କ ସମେତ କିଛି ଖେଳାଳିଙ୍କୁ ନୂଆ ଅବତାରରେ ଦେଖିବାକୁ ମିଳିଛି। ବଲିଉଡର ସଂଗୀତ ନିର୍ଦ୍ଦେଶକ ଅମିତ୍ ତ୍ରିବେଦୀଙ୍କର ସଂଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ଏହି ଆନିମିନେଟେଡ ଫିଲ୍ମରେ ସମଗ୍ର ବିଶ୍ୱରେ ଟି-୨୦ର ଯୁବ ପ୍ରଶଂସକ ତଥା ଏହି ଖେଳର କିଛି ନାମୀ କିମ୍ବଦନ୍ତୀଙ୍କୁ ସାମିଲ୍ କରାଯାଇଛି। ଭାରତୀୟ କ୍ୟାପଟେନ୍ ବିରାଟ୍ କୋହଲି ଖେଳାଳି ୟୁନିଟର ନେତୃତ୍ୱ କରୁଛନ୍ତି। ଏଥିରେ ଡିଫେଣ୍ଡିଂ ଚାମ୍ପିୟନ୍ ୱେଷ୍ଟଇଣ୍ଡିଜର କ୍ୟାପଟେନ୍ ପୋଲାର୍ଡ, ଅଷ୍ଟ୍ରେଲିଆ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ଓ ଆଫଗାନିସ୍ତାନର ରାଶିଦ୍ ଖାନ୍ ମଧ୍ୟ ସାମିଲ୍ ଅଛନ୍ତି। ପୋଲାର୍ଡ କହିଛନ୍ତି, ୱେଷ୍ଟଇଣ୍ଡିଜ୍ ଜର୍ସି ପିନ୍ଧିବା ଏବଂ ମଇଦାନରେ ପାଦ ରଖିବା ସର୍ବଦା ଖାସ୍ ହୋଇଥାଏ। ଆଗାମୀ ବିଶ୍ୱକପ୍ ଆମକୁ ଆହରୁ ଖୁସିର ମୁହୂର୍ତ୍ତ ଦେବ। ଆମେ ଜାଣିଛୁ ଯେ ଆମର ପ୍ରଶଂସକ ଏଥିରେ ପୂରା ସାମିଲ୍ ହେବେ, ମ୍ୟାଚ୍ ଦେଖିବେ ଓ ସମର୍ଥନ କରିବେ। ଆମେ ସେମାନଙ୍କୁ ଖୁସି କରାଇବା ଲାଗି ବହୁତ କିଛି ଦେବାକୁ ଚାହୁଁଛୁ। କୋଭିଡ୍-୧୯ ମହାମାରୀ ପରେ କ୍ରିକେଟର ସବୁଠାରୁ ବଡ଼ ପ୍ରତିଯୋଗିତାରେ ଦୁନିଆର ୧୬ଟି ଦେଶ ଭାଗ ନେବେ। ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୭ରୁ ଓମାନ୍ ଓ ୟୁଏଇରେ ଆରମ୍ଭ ହେବ। ଫାଇନାଲ୍ ମ୍ୟାଚ୍ ନଭେମ୍ବର ୧୪ରେ ଦୁବାଇରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଉଦଘାଟନ ମ୍ୟାଚରେ ଆୟୋଜକ ଓମାନର ସାମ୍ନା ପାପୁଆ ନ୍ୟୁ ଗିନି ସହ ହେବ। ଏହି ମୁକାବିଲା ମାସ୍କଟର ଓମାନ୍ କ୍ରିକେଟ୍ ଏକାଡେମୀରେ ଖେଳାଯିବ।

# ଦଶମରେ ଗଣିତ ନ ଥିଲେ +୨ରେ ପଢ଼ି ହେବ ବିଜ୍ଞାନ, ବାଣିଜ୍ୟ

**ଭୁବନେଶ୍ୱର :** ଦଶମ ଶ୍ରେଣୀରେ ଗଣିତ ବିଷୟରେ ଶିକ୍ଷା ଗ୍ରହଣ କରି ନ ଥିଲେ +୨ରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପାଠ ପଢ଼ିପାରିବେ। ଏଣିକି କୌଣସି ପ୍ରକାର ଅସୁବିଧା ନାହିଁ। ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ସମସ୍ତ ବୋର୍ଡର ଛାତ୍ରଛାତ୍ରୀଙ୍କୁ ପଢ଼ିବାକୁ ସୁଯୋଗ ମିଳିବ। ଯେଉଁ ଛାତ୍ରଛାତ୍ରୀ ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ବେଳେ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକାରେ ସୁଯୋଗ ମିଳିବ। ତେବେ ଯେଉଁ ଛାତ୍ରଛାତ୍ରୀ ଦଶମ ଶ୍ରେଣୀରେ ଗଣିତରେ ଫେଲ୍ ହୋଇଥିବେ ସେମାନେ ଏଭଳି ସୁଯୋଗରୁ ବଞ୍ଚିତ ହେବେ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ବିଶେଷଜ୍ଞ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଜାରି ହୋଇଥିବା ବିଜ୍ଞପ୍ତିରେ ସଂଶୋଧନ କରାଯିବା ସହ ଦିନେ ଦୁଇ ଦିନ ମଧ୍ୟରେ ପୁଣିଥରେ ବିଜ୍ଞପ୍ତି ପ୍ରକାଶ କରାଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଜବ ନିୟମ ଦ୍ୱାରା ସିଆଇଏସ୍‌ସିଇ, ସିବିଏସ୍‌ଇ ବୋର୍ଡ ଅଧୀନରେ ଦଶମ ପାସ୍ କରିଥିବା ବହୁ ଛାତ୍ରଛାତ୍ରୀ ଯୁକ୍ତ୨ରେ ନାମଲେଖାରୁ ବଞ୍ଚିତ ହୋଇଥିବା ନେଇ ଖବର ପ୍ରକାଶ ପରେ ଗଣଶିକ୍ଷା ବିଭାଗ ଏଭଳି ପଦକ୍ଷେପ ନେଇଛି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ବୈଠକ ଡକାଯାଇ ବିଶଦ ଆଲୋଚନା କରାଯାଇଥିଲା। ଜଣେ ବି କେହି ଛାତ୍ରଛାତ୍ରୀ ଯେମିତି ପାଠପଢ଼ାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚିବ ଶ୍ରୀ ସାହୁ କହିଛନ୍ତି ଯେ ବିଶେଷଜ୍ଞ କମିଟିର ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯାଇଥିଲା। ଏବେ ସେଥିରେ ସଂଶୋଧନ କରାଯାଇଛି। ଶିକ୍ଷା ଗ୍ରହଣରୁ କାହାକୁ ବଞ୍ଚିତ କରାଯିବ ନାହିଁ। ଭବିଷ୍ୟତରେ ଏନେଇ ବ୍ୟାପକ ବିଚାରବିମର୍ଶ କରାଯିବା ପରେ ଲାଗୁ କରାଯିବ। ଯୁକ୍ତ୨ରେ ଏବେ ବହୁତ ସିଟ୍ ଖାଲି ପଡ଼ିଛି। ୫ ଲକ୍ଷରୁ ଅଧିକ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୦ ହଜାର ସିଟ୍ ପୂରଣ ହୋଇଛି। ଆହୁରି ୧ ଲକ୍ଷ ୭୦ ହଜାର ସିଟ୍ ରହିଛି। ଏଭଳି ସମସ୍ୟା ପାଇଁ କୌଣସି ଛାତ୍ରଛାତ୍ରୀଙ୍କ ନାମଲେଖା ବାତିଲ୍ ହୋଇ ନାହିଁ। ବରଂ ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କୁ ସୁଯୋଗ ମିଳିବ।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com
Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି